

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୩ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 23 FEBRUARY 2022
Vol.No. 33 ■ No. 52 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ପାଇଛି....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ମାଡ଼ି ଆସୁଛି ଯୁଦ୍ଧର ଭୟ

## ୟୁକ୍ରେନକୁ ସେନା ପଠାଇବାକୁ ଋଷ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୨୨/୦୨ : ୟୁକ୍ରେନ୍ ସଂକଟ ବଢିବାରେ ଲାଗିଛି । ୟୁକ୍ରେନ୍ ପଠାଗଲା ଋଷ ସେନା । ୟୁକ୍ରେନର ଦୁଇଟି ଅଂଚଳ ଲୁହାନ୍ସ ଓ ଡୋନେଟ୍ସକୁ ଦେଶର ମାନ୍ୟତା ମିଳିଛି । ଏହା ପରେ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍, ଏହି ଦୁଇ ଅଂଚଳକୁ ସେନା ପଠାଇବା ପାଇଁ ଆଦେଶ ଦେଇଛନ୍ତି । ଏବେ ଋଷ ସେନା ଏହି ଦୁଇ ଅଂଚଳକୁ ଯିବେ । ପୂର୍ବରୁ ଏହି ଅଂଚଳରେ ୟୁକ୍ରେନ୍ ବିରୋଧୀ ଓ ସମର୍ଥକ ଉପସ୍ଥିତ ରହିଛନ୍ତି । ଏପଟେ ଦୁଇ ଦେଶର ସୀମାରେ ସ୍ଥିତି ଉତେଜନାପୂର୍ଣ୍ଣ ରହିଛି । ଏହାରି ଭିତରେ ସୀମା ପାର କରି ରୁଷିଆ ସୀମାରେ ପ୍ରବେଶ କରିଥିବା ୫ ୟୁକ୍ରେନ ସେନାଙ୍କୁ ମାରି ଦେଇଥିବା ରୁଷିଆ ଦାବି କରିଛି । ଏହାଛଡ଼ା ଋଷିଆ ସୀମାରେ ପ୍ରବେଶ କରୁଥିବା ୟୁକ୍ରେନର ଦୁଇ ଯୁଦ୍ଧଯାନକୁ ଧ୍ୱଂସ କରିଥିବା ଦାବି କରିଛି । ଏମାନେ ସୀମାରେ ଭଙ୍ଗାରୁଜା କରୁଥିଲେ ବୋଲି ରୁଷିଆ କହିଛି । ଏହି ଘଟଣା ରୋଷ୍ଟୋଭ ଅଂଚଳର ମିତ୍ୟାକିନସକ୍ୟା ଗାଁରେ ଘଟିଛି । ମିଳିଥିବା ସୂଚନା ଅନୁଯାୟୀ ୟୁକ୍ରେନ ସୀମାରେ ଏବେ ରୁଷିଆ ଦେଢ ଲକ୍ଷ ସେନା ମୁତୟନ କରିଛି । ଏହାଛଡ଼ା ବେଲାରୁଷରେ ୩୦ହଜାର ସେନା ମୁତୟନ ହୋଇଛନ୍ତି । ତେବେ ଋଷର ଦାବିକୁ ଖାରଜ କରିଛି ୟୁକ୍ରେନ । ଯେଉଁ ଅଂଚଳରେ ଏହି ଘଟଣା ଘଟିଛି, ସେହି ସ୍ଥାନରେ ୟୁକ୍ରେନର ସେନା ମୁତୟନ ହୋଇନଥିଲେ ବୋଲି ୟୁକ୍ରେନ ବିବୃତି ଦେଇଛି । ତେବେ ଋଷ କହିଛି, ୟୁକ୍ରେନ ପ୍ରଥମେ ଆକ୍ରମଣ କରିବାରୁ ତା'ର ଜବାବ ଦିଆଯାଇଛି । ସେପଟେ ଋଷିଆ ଉପରେ କୌଣସି ପ୍ରକାର ଆକ୍ରମଣ କରିନଥିବା ସ୍ପଷ୍ଟ କରିଛି ୟୁକ୍ରେନ ।

## ଭୋଟର ତାଲିକାରେ ତ୍ରୁଟିକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କ୍ଷୋଭ



ଭୁବନେଶ୍ୱର, ୨୨/୦୨ (ନି.ପ୍ର): ରାଜ୍ୟରେ ଆଜି ପଞ୍ଚାୟତ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ ହୋଇଛି । ଗଣତନ୍ତ୍ରର ଏହି ମହାପର୍ବରେ ସାମିଲ ହେବାକୁ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳୁଛି । ତେବେ ଚଳିତ ନିର୍ବାଚନରେ ଭୋଟର ତାଲିକାରେ ନାଁ ନଥିବାରୁ ଅନେକ ଯୋଗ୍ୟ ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପ୍ରାୟ ସବୁ ଜିଲ୍ଲାରେ ଭୋଟର ତାଲିକାରେ ଯୋଗ୍ୟ ଭୋଟରଙ୍କ ନାମ ତାଲିକାରେ ବ୍ୟାପକ ତ୍ରୁଟି ଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ସମୀକ୍ଷା କରାଯାଉ ଓ ଦୋଷୀଙ୍କ ବିରୋଧରେ ରାଜ୍ୟ ନିର୍ବାଚନ ଆୟୋଗ ଓ ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ଏକ ଭିଡ଼ିଓ ସେୟାର କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କହିଛନ୍ତି, ନିର୍ବାଚନ ପ୍ରକ୍ରିୟାରେ ଅନେକ ▶▶ପୃଷ୍ଠା ୭

# ଚତୁର୍ଥ ପର୍ଯ୍ୟାୟରେ ୭୩% ମତଦାନ



ଭୁବନେଶ୍ୱର, ୨୨/୦୨ (ନି.ପ୍ର): ଚତୁର୍ଥ ପର୍ଯ୍ୟାୟ ପଂଚାୟତ ନିର୍ବାଚନରେ ମତଦାନ ପ୍ରାୟ ୭୩ ପ୍ରତିଶତ ରହିଛି । ସେହିପରି ୪/୫ଟି ସ୍ଥାନରେ ମତଦାନ ପ୍ରଭାବିତ ହୋଇଥିବା ଜଣାପଡ଼ିଛି ।ରାଜ୍ୟ ନିର୍ବାଚନ କମିଶନ ଆଦିତ୍ୟ ପ୍ରସାଦ ପାଢ଼ୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ରାଜ୍ୟରେ ୪ର୍ଥ ପର୍ଯ୍ୟାୟରେ ୭୩ ପ୍ରତିଶତ ମତଦାନ ହୋଇଛି । ସକାଳ ୯ଟା ସୁଦ୍ଧା ୨୦ ପ୍ରତିଶତ ଓ ୧୨ଟା ସୁଦ୍ଧା ୪୫ ପ୍ରତିଶତ ମତଦାନ ହୋଇଥିଲା । ପ୍ରାରମ୍ଭିକ ରିପୋର୍ଟ ଅନୁସାରେ ମୋଟ ୭୩ ପ୍ରତିଶତ ମତଦାନ ହୋଇଛି । ନକ୍ସଲପ୍ରବଣ ନିୟମଗିରିର ତ୍ରିଲୋଚନପୁରରେ ୮୦ ପ୍ରତିଶତ ମତଦାନ ହୋଇଥିବାବେଳେ ଯାଜପୁରର ନଗଡ଼ାରେ ୮୩ ପ୍ରତିଶତ ମତଦାନ ହୋଇଛି । ସେଠାରେ ୨୦ବର୍ଷ ପରେ ଭୋଟ୍ ପଡ଼ିଛି । ବିଭିନ୍ନ କାରଣରୁ ଆଜି ୪/୫ଟି ସ୍ଥାନରେ ମତଦାନ ପ୍ରଭାବିତ ହୋଇଛି ଓ ଜିଲ୍ଲାପାଳମାନଙ୍କୁ ଏନେଇ ରିପୋର୍ଟ ମଗାଯାଇଛି । ରିପୋର୍ଟ ମିଳିବା ପରେ ଯାହା ପଦକ୍ଷେପ ନିଆଯିବ । ବାଲାଟ ପେପରରେ ତ୍ରୁଟି ଯୋଗୁ କେନ୍ଦ୍ରାପଡ଼ା ଓ ଯାଜପୁରର ୨ଟି ସ୍ଥାନରେ ଭୋଟ୍ ଗ୍ରହଣ ବାତିଲ କରାଯାଇଛି । ମଙ୍ଗଳବାର ୨୭ଟି ଜିଲ୍ଲାର ୬୪ଟି ବ୍ଲକର ୧୨୫୪ଟି ପଂଚାୟତର ୧୭୦୮୯ଟି ବୁଥରେ ୫୧.୩୧ଲକ୍ଷ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିଥିଲେ । ଏହି ବୁଥ ମଧ୍ୟରୁ ୨୫୬୩ଟି ବୁଥକୁ ନିର୍ବାଚନ କମିଶନ ଅତି ସମ୍ବେଦନଶୀଳ ଘୋଷଣା କରିଥିଲେ । ରାଜ୍ୟରେ ଫେବୃୟାରୀ ୧୬ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୭୭.୨%, ଫେବୃୟାରୀ ୧୮ ଦ୍ୱିତୀୟ ପର୍ଯ୍ୟାୟରେ ୭୮.୩%, ଫେବୃୟାରୀ ୨୦ ତୃତୀୟ ପର୍ଯ୍ୟାୟରେ ୭୮.୬% ମତଦାନ ହୋଇଛି । ୨୪ତାରିଖରେ ପଂଚମ ତଥା ଶେଷ ପର୍ଯ୍ୟାୟ ଭୋଟ ଗ୍ରହଣ ହେବ ।

## ରାଜ୍ୟରେ ଆଉ ୧୦ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୨/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୧୦ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୯୦୪୬ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ମୃତକଙ୍କ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୬ ଜଣ ଅଛନ୍ତି । ବାଲେଶ୍ୱର ଜିଲ୍ଲାର ୨ ସଂକ୍ରମିତଙ୍କ ମୃତ୍ୟୁ ହୋଇଛି । ଜଣ ଅଛନ୍ତି । ସେହିପରି କେନ୍ଦୁଝର ଓ ଖୋର୍ଦ୍ଧା ଜିଲ୍ଲାରେ ୧-୧ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ନିର୍ବାଚନୀ ହିଂସା ନେଇଗଲା ଜଣଙ୍କ ଜୀବନ

ଭଦ୍ରକ, ୨୨/୦୨ (ନି.ପ୍ର): ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଥିଲେ ବି ଗତକାଲି ରାତିରେ ଭଦ୍ରକର ଧାମନଗରରେ ସାଂଘାତିକ ହିଂସାକାଣ୍ଡ ସୃଷ୍ଟି ହୋଇଥିଲା । ବିଜେଡି ଓ ବିଜେପି କର୍ମୀମାନେ ମୁହାଁମୁହିଁ ହୋଇ ଯାଇଥିଲେ । ସେମାନଙ୍କ ମଧ୍ୟରେ ସଂଘର୍ଷ ଏତେ ଭୟଙ୍କର ହୋଇଯାଇଥିଲା ଯେ ଏଥିପାଇଁ ଜଣେ ▶▶ପୃଷ୍ଠା ୭

# ପଞ୍ଚମ ପର୍ଯ୍ୟାୟ ପାଇଁ ସରିଲା ପ୍ରଚାର



ଭୁବନେଶ୍ୱର, ୨୨/୦୨ (ନି.ପ୍ର): ପଞ୍ଚାୟତ ନିର୍ବାଚନ ପାଇଁ ଶେଷ ହୋଇଛି ପ୍ରଚାର । ଆଉ ପ୍ରଚାରରେ ଶେଷ ସ୍ପର୍ଶ ଦେଇଛନ୍ତି, ବଡ ବଡ ନେତା । ସବ୍ୟସାଚୀ ଅର୍ଚ୍ଚିତା, ଶ୍ରୀତମ ଦାସ ଓ ହେଭିୱେଟ ନେତା ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି । ଆସନ୍ତୁ ଜାଣିବା ଆଜି ରାଜ୍ୟରେ କେମିତି ଚାଲିଥିଲା ଶେଷ ନିର୍ବାଚନୀ ପ୍ରଚାର । ପଞ୍ଚାୟତରେ ତୀବ୍ର ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତାରେ ଯବନିକା ପଡିଛି, ଯେତେବେଳେ ଶେଷ ଅର୍ଥାତ୍ ପଞ୍ଚମ ପର୍ଯ୍ୟାୟ ଭୋଟ୍ ପାଇଁ ସରିଛି ପ୍ରଚାର । ଗାଁ ଗାଁରେ ସରଗରମ ହୋଇଥିବା ମାହୋଲ୍ ଥମିଯାଇଛି । ହେଲେ ଶେଷ ଦିନରେ ନେତା କିନ୍ତୁ ଭୋଟରଙ୍କୁ ଆକୃଷ୍ଟ କରିବାକୁ କୌଣସି ମଉକା ହାତଛଡା କରିନଥିଲେ । ରାଜଧାନୀ ଉପକଣ୍ଠ ଜଟଣୀ ନିର୍ବାଚନ ମଣ୍ଡଳିରେ ବିଜେଡିର ପ୍ରଚାର ମଙ୍ଗ ଧରିଥିଲେ ସାଂସଦ ମୁନ୍ନା ଖାନ ଓ ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ବିଭୂତି ବଳବନ୍ତ ରାୟ । ଶଗଡ ଗାଡିରେ ଜାଆଁଳା ପଞ୍ଚାୟତରେ ବୁଲି ବୁଲି ବିଜେଡି ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଛନ୍ତି । ସେପଟେ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ଜଟଣୀରେ ମାରାଥନ ପ୍ରଚାର କରିଛନ୍ତି ବିଧାୟକ ସୁର ରାଉତରାୟ । କୁସୁମାଟି ଓ ଆଖପାଖ ଅଞ୍ଚଳରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ସେ ଭୋଟ ଭିକ୍ଷା କରିଛନ୍ତି । ▶▶ପୃଷ୍ଠା ୭

# ଷ୍ଟ୍ରଙ୍ଗରୁମ୍ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ନିର୍ବାଚନଙ୍କ କମିଶନ ନିର୍ଦ୍ଦେଶ



ଭୁବନେଶ୍ୱର, ୨୨/୦୨ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପରେ ପ୍ରତ୍ୟେକ ବ୍ଲକ୍ ମୁଖ୍ୟାଳୟଠାରେ ୨୬, ୨୭ ଓ ୨୮ ତାରିଖ ତିନିଦିନ ଧରି ଭୋଟଗଣତି କରାଯିବ । ଏଥି ନିମନ୍ତେ ସେଠାରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁସାରେ ଭୋଟବାକ୍ସ ରଖିବା ପାଇଁ ଷ୍ଟ୍ରଙ୍ଗରୁମ୍ କରାଯାଇଛି ଓ କଡ଼ା ସୁରକ୍ଷାବଳୟ ମଧ୍ୟରେ ଭୋଟବାକ୍ସଗୁଡ଼ିକୁ ଷ୍ଟ୍ରଙ୍ଗରୁମ୍ ମଧ୍ୟରେ ରଖାଯାଉଛି । କିନ୍ତୁ ଷ୍ଟ୍ରଙ୍ଗରୁମ୍ ର ସୁରକ୍ଷା ଦିଗରେ କେତେକ ଅଭିଯୋଗ ନିର୍ବାଚନ କମିଶନଙ୍କ ଦୃଷ୍ଟିକୁ ଆସିଛି, ଏହାକୁ ବିଚାରକୁ ନେଇ ନିର୍ବାଚନ କମିଶନ ଷ୍ଟ୍ରଙ୍ଗରୁମ୍ ର କଡ଼ା ସୁରକ୍ଷା ନିମନ୍ତେ କେତେକ ପଦକ୍ଷେପ ନେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମତଦାନ ହୋଇଥିବା ଭୋଟବାକ୍ସଗୁଡ଼ିକୁ ଷ୍ଟ୍ରଙ୍ଗରୁମ୍ ରେ ରଖିସାରି ସିଲ୍ କରିସାରିଲା ପରେ କୌଣସି ପରିସ୍ଥିତିରେ ଏହାକୁ ଖୋଲାଯାଇପାରିବ ନାହିଁ । ଯେଉଁ ମତଦାନ କେନ୍ଦ୍ରରେ ପୁନଃମତଗ୍ରହଣ କରାଯିବ, ସେସବୁ ଭୋଟବାକ୍ସଗୁଡ଼ିକୁ ଅନ୍ୟ ଏକ ଷ୍ଟ୍ରଙ୍ଗରୁମ୍ ରେ ରଖାଯିବା ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନ ଅଧିକାରୀଙ୍କ ସହ ଅନ୍ୟ ଅଧିକାରୀମାନେ ଷ୍ଟ୍ରଙ୍ଗରୁମ୍ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ଷ୍ଟ୍ରଙ୍ଗରୁମ୍ ହୋଇଥିବା କୋଠାରେ ୨୪ ଘଂଟିଆ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା କରିବା ସହ ଷ୍ଟ୍ରଙ୍ଗରୁମ୍ ହୋଇଥିବା ଅଂଚଳଟି ସିସିଟିଭି ନଜରରେ ରହିବ । ଭୋଟଗଣତି କେନ୍ଦ୍ରକୁ ପ୍ରବେଶ ▶▶ପୃଷ୍ଠା ୭

## ସୁମିତ୍ ତପସ୍ୱିନୀ ବିବାଦ ମାମଲା : ୧୭ ହଜାର ବଦଳରେ ୧୦ ହଜାର ଟଙ୍କା ଲେଖାଏଁ ଦେବେ ସୁମିତ୍

ଭୁବନେଶ୍ୱର, ୨୨/୦୨ (ନି.ପ୍ର): ବହୁ ଚର୍ଚ୍ଚିତ ସୁମିତ୍ ତପସ୍ୱିନୀ ବିବାଦ ମାମଲା । ତଳକୋର୍ଟଙ୍କ ଆଦେଶ ଉପରେ ହାଇକୋର୍ଟଙ୍କ ସ୍ଥଗିତାଦେଶ । ତପସ୍ୱିନୀଙ୍କୁ ୧୭ ହଜାର ବଦଳରେ ୧୦ ହଜାର ଟଙ୍କା ଲେଖାଏଁ ଦେବେ ସୁମିତ୍ । ଭରଣପୋଷଣ ପାଇଁ ମାସକୁ ୧୦ ହଜାର ଲେଖାଏଁ ଦେବେ ସୁମିତ୍ । ପୂର୍ବରୁ ତପସ୍ୱିନୀଙ୍କୁ ୧୭ ହଜାର ଟଙ୍କା ଦେବାକୁ ତଳକୋର୍ଟଙ୍କ ନିର୍ଦ୍ଦେଶ ଥିଲା । ସୁମିତ୍- ତପସ୍ୱିନୀ ପାରିବାରିକ ବିବାଦକୁ ନେଇ ତପସ୍ୱିନୀ ସୁମିତଙ୍କ ଘର ଆଗରେ ଦୀର୍ଘ ଦିନ ଧରି ଧାରଣା ଦେଇଥିଲେ । ଏନେଇ କୋର୍ଟରେ ମାମଲା ଜାରି ରହିଛି ।

# ଆସୁଛି ଆଉ ଏକ ପଶ୍ଚିମା ଝଡ଼ : ତିନିଦିନ ବର୍ଷା ହେବ !



ଭୁବନେଶ୍ୱର, ୨୨/୦୨ (ନି.ପ୍ର): ବର୍ତ୍ତମାନ ଆଫଗାନିସ୍ଥାନ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ରହିଛି ପଶ୍ଚିମା-ଝଡ଼ । ଏହାର ପ୍ରଭାବରେ ୨୪ ତାରିଖରୁ ରାଜ୍ୟରେ ବର୍ଷା ଆରମ୍ଭ ହେବ । ତେବେ ୨୫ ତାରିଖରୁ ବର୍ଷାର ପରିମାଣ ବଢ଼ିବାର ସମ୍ଭାବନା ରହିଛି । ଏଥିସହ କେତେକ ଜିଲ୍ଲାରେ ବିଜୁଳି ଘଡଘଡି ମାରିପାରେ । ୨୫ ତାରିଖରେ ପୁଣି ପଶ୍ଚିମ-ହିମାଳୟ ଅଞ୍ଚଳରେ ସକ୍ରିୟ ହେବ ଆଉ ଏକ ପଶ୍ଚିମା ଝଡ଼ । ଏହାର ପ୍ରଭାବରେ ୨୬ ତାରିଖରେ ଓଡ଼ିଶାରେ କେତେକ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ଏଚ୍.ଆର୍. ବିଶ୍ୱାସ କହିଛନ୍ତି, ୨୪ ତାରିଖରେ ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ । ତେବେ ବାକି ଜିଲ୍ଲାରେ ସାଧାରଣତଃ ପାଗ ଶୁଖିଲା ରହିବ । ଠିକ୍ ସେମିତି ୨୫ ତାରିଖରେ ଉତ୍ତର ଓଡ଼ିଶାର କେତେକ ଜିଲ୍ଲାରେ କିଛି ସ୍ଥାନରେ ହାଲ୍କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ଦକ୍ଷିଣ ଓଡ଼ିଶାରେ ମଧ୍ୟ ଗୋଟିଏ ଦୁଇଟି ସ୍ଥାନରେ ହାଲ୍କାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ୨୫ ତାରିଖରେ ବିଜୁଳି ଓ ଘଡ଼ଘଡି ମାରିବାର ସମ୍ଭାବନା ରହିଛି । ସେଥିପାଇଁ ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଓ ଯାଜପୁର ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

# ବୁଥରେ ପଶି ଧମକାଉଥିବା ମହିଳାଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ପ୍ରିଜାଇଡିଂ ଅଫିସର

ଭୁବନେଶ୍ୱର, ୨୨/୦୨ (ନି.ପ୍ର): ତୃତୀୟ ପର୍ଯ୍ୟାୟ ମତଦାନ ବେଳେ ଭଦ୍ରକରେ ବୁଥରେ ପଶି ଧମକାଉଥିବା ମହିଳାଙ୍କ ବିରୋଧରେ ହୋଇପାରେ କାର୍ଯ୍ୟାନୁଷ୍ଠାନ । ଏନେଇ ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ପ୍ରିଜାଇଡିଂ ଅଫିସର । ତୃତୀୟ ପର୍ଯ୍ୟାୟ ନିର୍ବାଚନ ବେଳେ ତିହିଡି ବ୍ଲକର ୪ ନମ୍ବର ବୁଥରେ ଖୁଲ୍ଲମଖୁଲା ବୁଥ ରିଗିଂ କରୁଥିଲେ ଏହି ଲେଡି ଡନ୍ । ବୁଥ ଭିତରେ ପ୍ରବେଶ କରି ଅନ୍ୟ ଭୋଟରଙ୍କ ପାଇଁ ଜୋର ଜବରଦସ୍ତି ଦେଉଥିଲେ ଭୋଟ୍ । ଗଣମାଧ୍ୟମ ପ୍ରତିନିଧି ଏବଂ ଭୋଟର ଏହାକୁ ନେଇ ଆପତି ଉଠାଇବା ପରେ ସଂପୃକ୍ତ ମହିଳା ଜଣଙ୍କ ସେମାନଙ୍କୁ ମଧ୍ୟ ଧମକ ଦେଇଥିବା ଅଭିଯୋଗ ହୋଇଛି । ସ୍ଥିତି ଏମିତି ଉପୁଜିଲା ଯେ ମହିଳାଙ୍କ ଦୌରାତ୍ମ୍ୟ ଦେଖି ପ୍ରିଜାଇଡିଂ ଅଫିସର ବୁଥ ବାହାରେ ଥିବା ପୁଲିସର ସହାୟତା ଲୋଡିଥିଲେ । ହେଲେ ପୁଲିସ ଅଧିକାରୀ କୌଣସି ସହଯୋଗ କରିନଥିବା ଅଭିଯୋଗ ହୋଇଥିଲା । ସେପଟେ ମହିଳା ଜଣଙ୍କ କହିଛନ୍ତି ସେ କିଛି ଭୁଲ କରିନାହାନ୍ତି । ତାଙ୍କ ଗାଁର ଜଣେ ବୟସ୍କ ମହିଳାଙ୍କ ପାଇଁ ଅଧିକାରୀଙ୍କ ନିର୍ଦ୍ଦେଶରେ ସେ ଭୋଟ ଦେଇଥିଲେ । ତାଙ୍କ ନାଁରେ ମିଥ୍ୟା ଅଭିଯୋଗ ବିଭିନ୍ନ ଗଣମାଧ୍ୟମ ସମ୍ମୁଖରେ ପ୍ରଚାର ହେଉଛି । ଯଦି ତାଙ୍କର ଭୁଲ ଥିବ ତେବେ ଆଇନ ଯାହା କାର୍ଯ୍ୟାନୁଷ୍ଠାନ ନେବ ସେ ସମ୍ମାନ ଦେବେ ବୋଲି କହିଛନ୍ତି ।

# ଭୁବନେଶ୍ୱରରେ ୫୦ କିମି ବେଗରେ ଗାଡି ଚଲାଇଲେ କଟିବ ଚାଲାଣ

ଭୁବନେଶ୍ୱର, ୨୨/୦୨ (ନି.ପ୍ର): ରାଜଧାନୀର ରାସ୍ତାରେ ଆପଣ ନିହାତି ୫୦ କିଲୋମିଟରରୁ ଅଧିକ ବେଗରେ ଗାଡି ଚଲାଉଥିବେ । ହେଲେ ଏଣିକି ସାବଧାନ ହୋଇଯାଆନ୍ତୁ । କାରଣ ଏବେ ଆପଣଙ୍କ ମିଟର କଣ୍ଟା ୫୦ ଛୁଇଁଲେ କଟିବ ଚାଲାଣ । ଯଦି ଆପଣ ୫୦ କିଲୋମିଟର ବେଗରେ ଗାଡି ଚଲାଉଛନ୍ତି ତେବେ ଆପଣଙ୍କୁ ଜରିମାନା ଦେବାକୁ ହେବ । ଆଉ ଜରିମାନା ବାବଦକୁ ୭ ହଜାର ଟଙ୍କା ଚାଲାଣ କଟିବ । ନିୟମ ଉଲ୍ଲଘଂନକାରୀଙ୍କ ଉପରେ ନଜର ରଖିବା ପାଇଁ ରାଜଧାନୀର ବଛା ବଛା ୧୩ ସ୍ଥାନରେ ସିସିଟିଭି କ୍ୟାମରେ ମଧ୍ୟ ଲଗାଯାଇଛି । ଟ୍ରାଫିକ ନିୟମ ଉଲ୍ଲଘଂନକାରୀଙ୍କୁ ଏଣିକି ନିସ୍ତାର ନାହିଁ । ନିୟମ ଉଲ୍ଲଘଂନ କରୁଥିଲେ ହୋଇଯାଆନ୍ତୁ ସାବଧାନ । ନଚେତ ସିଧା ଆପଣଙ୍କୁ ମୋବାଇଲକୁ ଯିବ ଚାଲାଣ । ଆଉ ସବୁଠାରୁ ବଡ କଥା ହେଉଛି ଏଥର ଆପଣଙ୍କ ବାଇକର ବେଗ ଉପରେ ଲଗାମ ଲଗାଯାଇଛି । ନିୟମ ଉଲ୍ଲଘଂନ କଲେ ଚାଲାଣ ତ କଟିବ ଏହାସହ ଲାଇସେନ୍ସ ମଧ୍ୟ ବାତିଲ କରାଯିବ । ଯଦି ୩ ଥର ଲାଇସେନ୍ସ ବାତିଲ ହୁଏ ତେବେ ଏହାକୁ ସବୁଦିନ ପାଇଁ ରଦ୍ଦ କରିଦିଆଯିବ । ନିୟମ ଉଲ୍ଲଘଂନକାରୀଙ୍କ ବିରୋଧରେ ଏଭଳି ଏକ କଡା ଆଭିମୁଖ୍ୟ ଗ୍ରହଣ କରିଛି ଟ୍ରାଫିକ ପୋଲିସ । ରାଜ୍ୟରେ ଦ୍ରୁତ ଗତି ଓ ମୋବାଇଲରେ କଥାବାର୍ତ୍ତା ସମୟରେ ଗାଡି ଚାଳନା ପାଇଁ ଅଧିକ ଦୁର୍ଘଟଣା ବଢୁଛି । ଏହା ଚାଳକଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ତେଣୁ ଦୁର୍ଘଟଣା ରୋକିବା ପାଇଁ ଚାଳକଙ୍କ ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି । ଭୁବନେଶ୍ୱରର ୧୩ ସ୍ଥାନରେ ଏଏନପିଆର/ ଟିଭିଡିଏସ ସିସିଟିଭି କ୍ୟାମେରା ▶▶ପୃଷ୍ଠା ୭

# ଋଷ-ୟୁକ୍ରେନ ବିବାଦ ଭିତରେ ୧୬,୯୫୦ ତଳକୁ ଖସିଲା ନିଫ୍ଟି



ନୂଆଦିଲ୍ଲୀ, ୨୨/୦୨ : ଋଷ ଏବଂ ୟୁକ୍ରେନରେ ବଢୁଥିବା ଉତ୍ତେଜନାର ସିଧାସଳଖ ପ୍ରଭାବ ପଡିଛି ସେୟାର ବଜାର କାରବାର ଉପରେ । ମଙ୍ଗଳବାର, ସପ୍ତାହର ଦ୍ୱିତୀୟ ବାଣିଜ୍ୟ ଦିବସରେ ଷ୍ଟକ୍ ବଜାର ଖୋଲିବା ମାତ୍ରେ ଆଶାତୀତ ହ୍ରାସ ହୋଇଥିଲା । ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ରେ ୩୦ ସେୟାର ବିଶିଷ୍ଟ ସୂଚକାଙ୍କ ସେନସେକ୍ସ ୧,୦୨୪ ପଏଣ୍ଟ ହ୍ରାସ ପାଇ ୫୭,୦୦୦ରେ ପହଞ୍ଚିଛି ଏବଂ ୫୬,୬୫୯ରେ ଖୋଲିଥିବାବେଳେ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ରେ ନିଫ୍ଟି ୨୯୯ ପଏଣ୍ଟ ଖସି ୧୭,୦୦୦ରେ ପହଞ୍ଚିଛି । ଏହି ସମୟରେ ନିଫ୍ଟି ୧୬,୯୦୭ ସ୍ତରରେ କାରବାର କରୁଛି । ଏହି ହ୍ରାସ ହେତୁ, ବଜାର ଖୋଲିବାର କିଛି ମିନିଟ୍ ମଧ୍ୟରେ ନିବେଶକମାନେ ପ୍ରାୟ ପାଞ୍ଚ ଲକ୍ଷ କୋଟି ଟଙ୍କା ହରାଇଛନ୍ତି । ବଜାର ଖୋଲିବା ପରେ ପ୍ରାୟ ୨୫୪ ଟି ସେୟାର ବୃଦ୍ଧି, ୧୯୩୨ ସେୟାର ହ୍ରାସ ପାଇଛି ଏବଂ ୪୮ ଟି ସେୟାର ଅପରିବର୍ତ୍ତିତ ରହିଛି । ଏହି ସମୟରେ, ସେନସେକ୍ସର ସମସ୍ତ ୩୦ ଟି ସେୟାର ରେଡ ଲାଇନରେ ରହିଥିବା ସୂଚନା ରହିଛି । ଏହା ପୂର୍ବରୁ ସୋମବାର ସେନସେକ୍ସ ୧୪୯ ପଏଣ୍ଟ ଖସି ୫୭,୬୮୩ରେ ବନ୍ଦ ହୋଇଥିବା ବେଳେ ନିଫ୍ଟି ମଧ୍ୟ ୭୦ ପଏଣ୍ଟ ହ୍ରାସ ପାଇ ୧୭,୨୦୬ରେ ବନ୍ଦ ହୋଇଛି । କେବଳ ଭାରତ ନୁହେଁ, ଋଷ-ୟୁକ୍ରେନରେ ଗଭୀର ସଙ୍କଟର ପ୍ରଭାବ ବିଶ୍ୱର ଷ୍ଟକ ବଜାରରେ ଦୃଶ୍ୟମାନ ହେଉଛି । ଏସିଆରୁ ୟୁରୋପ ପର୍ଯ୍ୟନ୍ତ ସେୟାର ବଜାର ଏକ ତୀବ୍ର ହ୍ରାସ ଲକ୍ଷ୍ୟ କରାଯାଉଛି । ମଙ୍ଗଳବାର ଦିନ ଭାରତୀୟ ଷ୍ଟକ୍ ବଜାର ଖୋଲିବା ସହିତ ଏକ ଖରାପ ଅବସ୍ଥାରେ ଥିବାବେଳେ ଏଟିଏସଇ ୦.୩୯ ପ୍ରତିଶତ, ସିଏସି ୨.୦୪ ପ୍ରତିଶତ ଏବଂ ଡାକ୍ସ ୨.୦୭ ପ୍ରତିଶତ ବନ୍ଦ ହୋଇଛି ।

# ମାତୃଭାଷା ଦିବସରେ କୋଶଳୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବି

ବଲାଙ୍ଗିର,୨୨/୨ (ନି.ପ୍ର): କୋଶଳୀ ସାହିତ୍ୟ ସଂସ୍କୃତି ଏକାଡେମୀ ତରଫରୁ ବଲାଙ୍ଗିର ସାମ୍ବାଦିକ ଭବନ ଠାରେ କୋଶଲି ମାତୃଭାଷା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ବକ୍ତା ମାନେ ଏକ ସ୍ୱରରେ କୋଶଲି ଭାଷାର ସାମ୍ବିଧାନିକ ମାନ୍ୟତା ଦାବି କରିଥିଲେ। କୋଶଲି ଭାଷା ସଂସ୍କୃତିର ସୁରକ୍ଷା ଓ ସମୃଦ୍ଧିରେ ରାଜ୍ୟ ସରକାର, ପ୍ରଶାସନ ତଥା ପୂର୍ବ ଓଡିଶାର ମୁଷ୍ଟିମେୟ ବୁଦ୍ଧିଜିବୀ ଘୋର ଅନ୍ତରାୟ ସୃଷ୍ଟି କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ଅପରପକ୍ଷରେ କେତେକ ଗୋଷ୍ଠୀ କୋଶଲି ଭାଷା ସଂସ୍କୃତି ତଥା କୋଶଲି ଅସ୍ମିତା ଓ ପରିଚିତିକୁ ସମ୍ପୂର୍ଣ୍ଣ କବର ଦେଇ ଦେବାକୁ ହୀନ ଚକ୍ରାନ୍ତ କରୁଥିବା ଦୃଷ୍ଟାନ୍ତ ଦେଇଥିଲେ । କୋଶଲି ଭାଷାକୁ ଶୀଘ୍ର ମାନ୍ୟତା ନ ଦେଲେ ଗଣ ଆନ୍ଦୋଳନ ହେବ ବୋଲି ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଗୃହିତ ହୋଇଥିଲା । ଏକାଡେମୀର ସଭାପତି ପଦ୍ମଶ୍ରୀ ଶ୍ରୀନିବାସ ଉଦ୍ଗାତା ସଭାରେ ଅଧକ୍ଷତା କରିଥିଲେ । ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ ମୁଖ୍ୟ ଅତିଥିଭାବେ ଏବଂ ପଦ୍ମଶ୍ରୀ ହଳଧର ନାଗ ସମ୍ମାନିତ ଅତିଥିଭାବେ ଯୋଗଦେଇ ଭାଷା ସଂସ୍କୃତି ଉପରେ ସୁଚିନ୍ତିତ ମନ୍ତବ୍ୟ ଦେଇଥିଲେ । ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ ମୁଖ୍ୟବକ୍ତା, ଭାଷାବିତ୍ ରାମ ଭକ୍ତ ଫରିକାର, ଭାଷା କର୍ମୀ ସାକେତ ଶ୍ରୀଭୂଷଣ ସାହୁ, ବରିଷ୍ଠ ସାମ୍ବାଦିକ ବିରେନ୍ଦ୍ର କୁମାର ଝାଙ୍କର, ପ୍ରାଧାପିକା ମୀନା ମହାରଣା, କବୟତ୍ରୀ ଚନ୍ଦ୍ରାବତୀ ପାଣ୍ଡେ ପ୍ରମୁଖ କୋଶଲି ଭାଷା ସଂସ୍କୃତିର ଉତ୍କର୍ଷ ସମ୍ପର୍କରେ ଆଲୋକପାତ କରିଥିଲେ । ସଭା ଆରମ୍ଭରେ ଦେବୀ କୋଶଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଶେଷରେ ଗବେଷିକା ସିମାରାଣୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁଏକାଡେମୀର ସାଧାରଣ ସମ୍ପାଦକ ଗୋରଖ ନାଥ ସାହୁ ସଂଯୋଜନା କରିଥିଲେ । ଏହି ଅବସରରେ ଭାଷାପ୍ରେମୀ ନଗରର ମାନ୍ୟତା ପ୍ରାପ୍ତ ବୁଦ୍ଧିଜିବୀ ମହିଳା ଛାତ୍ରମାନଙ୍କ ମାନଙ୍କ ସମେତ ନାଗରିକ ମାନେ ଯୋଗଦେଇଥିଲେ ।

# ବିୟୁଟିସିଆନ୍ ସଂଘ ପକ୍ଷରୁ ବୈଠକ

ପୁରୀ,୨୨/୨ (ନି.ପ୍ର): ବିୟୁଟିସିଆନ ୱେଲଫେୟାର ଓଡ଼ିଶା ପକ୍ଷରୁ ପୁରୀ ଜିଲ୍ଲା ଶାଖା ବିୟୁଟିସିଆନ ପକ୍ଷରୁ ସାଧାରଣ ବୈଠକ ବସଷ୍ଟାଣ୍ଡ ଆଉଟଗେଟ୍ ଦୟାବାନ ପରିସରରେ ଅନୁଷ୍ଠିତ ହୋଇଯାଇଛି । କଟକ ଜିଲ୍ଲା ସଭାପତି ଇତିଶ୍ରୀ ମହାନ୍ତି ଏହି ବୈଠକରେ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂଘର ସଭାପତି ସୁପ୍ରିୟା ମିଶ୍ର ଯୋଗଦେଇ କରୋନା ସମୟରେ ବିୟୁଟିସିଆନ୍‌ମାନେ କାର୍ଯ୍ୟ ନକରି ଆର୍ଥିକ ଅସୁବିଧା ମଧ୍ୟରେ ଗତି କରିଥିଲେ । ଏହି ଅବସରରେ ଏକ ଅସ୍ଥାୟୀ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା । ଏଥିରେ ପୁରୀ ଜିଲ୍ଲାର ସଂଘର ସଭାପତି ଭାବେ କିରଣ ବର୍ମା , ଉପସଭାପତି ମୀନା କୁମାରୀ ମହାନ୍ତି, ସମ୍ପାଦକ ପୂର୍ଣ୍ଣିମା ମହାନ୍ତିଙ୍କୁ ଚୟନ କରାଯାଇଥିଲା । ସଂଘକୁ ପୁରୀ ଜିଲ୍ଲାରେ ପଞ୍ଜିକରଣ କରିବା ପାଇଁ ପ୍ରସ୍ତାବ ଉପସ୍ଥାପିତ ହୋଇଥିଲା । ରାଜ୍ୟ ସମ୍ପାଦିକା ସୁନିତା ରାୟ ବିୟୁଟିସିଆନ ମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ଓଡ଼ିଶା ସଂଘର ସଦସ୍ୟା ମଧୁସ୍ମିତା ରାଉତ, ଲୋପାମୁଦ୍ରା ଦାଶ, ମନୱାର ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି ସଦସ୍ୟାମାନଙ୍କୁ ସ୍ୱାଗତ କରିଥିଲେ । ରାଜ୍ୟ ଉପସଭାନେତ୍ରୀ କୃଷ୍ଣପ୍ରିୟା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାମ୍ବାଦିକଙ୍କୁ ଆକ୍ରମଣ ପ୍ରତିବାଦରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ଖୋର୍ଦ୍ଧା,୨୨/୨ (ନି.ପ୍ର): ରାଜ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପର୍ଯ୍ୟାୟ ପଂଚାୟତ ନିର୍ବାଚନ ସମୟରେ କଣାସ, ପିପିଲି, ବିଂଝାରପୁର ଓ ଚାନ୍ଦବାଲି ସମେତ ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଆକ୍ରମଣର ପ୍ରତିବାଦରେ ସୋମବାର ଉତ୍କଳ ସାମ୍ବାଦିକ ସଂଘ' ଖୋର୍ଦ୍ଧା ଜିଲା ପକ୍ଷରୁ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

ଏହି ପରିପ୍ରେକ୍ଷୀରେ ରାଜ୍ୟରେ କ୍ରମାଗତ ଭାବେ ସଂଗଠିତ ଏଭଳି ଘଟଣାରେ ଉଦ୍‌ବେଗ ପ୍ରକାଶ କରି ଇତିମଧ୍ୟରେ ' ଉତ୍କଳ ସାମ୍ବାଦିକ ସଂଘ' ପକ୍ଷରୁ ଉକ୍ତ ଘଟଣା ଗୁଡିକରେ ଲିପ୍ତ ଥିବା ବ୍ୟକ୍ତିବିଶେଷ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲା।। ମାତ୍ର ପରେ ପରେ ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ବିଂଝାରପୁର ଠାରେ ବୁଥ୍ କ୍ୟାପିଚରିଙ୍ଗ କରାଯିବା ଖବର ପାଇ ସାମ୍ବାଦିକ ମାନେ ଘଟଣାସ୍ଥଳରେ ପହଂଚିବା କ୍ଷଣି ଦୁର୍ବୃତମାନେ ମରଣାନ୍ତକ ଆକ୍ରମଣ କରିବା ଦୁର୍ଭାଗ୍ୟଜନକ । ତେଣୁ ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲା ପକ୍ଷରୁ ଆକ୍ରମଣକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦେକ୍ଷପ ଗ୍ରହଣ କରାଯିବା ସହ ମୁକ୍ତ ତଥା ଅବାଧ ସାମ୍ବାଦିକତାକୁ ସୁରକ୍ଷା ଦେବାପାଇଁ ସମ୍ପୃକ୍ତ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଆୟୁକ୍ତ ଦୃଢ଼ ନିର୍ଦ୍ଦେଶ ଜାରି ପୂର୍ବକ ପ୍ରତିବଦ୍ଧତା ପ୍ରଦର୍ଶନ କରିବେ ବୋଲି ସଂଘ ଦୃଢ଼ ଆଶା ପୋଷଣ କରିଛି ।

# ପୋକ୍ସୋ ଆଇନ ସଂପର୍କରେ ସଚେତନତା ଶିବିର

କେନ୍ଦ୍ରାପଡ଼ା,୨୨/୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ପୋକ୍ସୋ ଆଇନ ସଂପର୍କରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ କେନ୍ଦ୍ରାପଡା ସରକାରୀ ବାଳିକା ବିଦ୍ୟାଳୟରେ ଅନୁଷ୍ଠିତ ଏହି ସଚେତନତା ଶିବିରରେ ପ୍ରାଧିକରଣ ସଚିବ ଶ୍ରୀମତୀ ସଙ୍ଗିତା ପାଣିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ମାନ୍ୟବର ଜିଲ୍ଲା ଓ ଦୌରାଜଜ ଗୋପାଳ ଚନ୍ଦ୍ର ବେହେରା ଉପସ୍ଥିତ ଥିବା ଶତାଧିକ ଛାତ୍ରୀ ମାନଙ୍କୁ ପୋକ୍ସୋ ଆଇନ ସଂପର୍କରେ ବୁଝାଇଥିଲେ । ନାବାଳିକା ମାନଙ୍କ ପାଇଁ ପୋକ୍ସୋ ଆଇନରେ କି କି ପ୍ରକାର ଆଇନମାନ ରହିଛି ସେ ବିଷୟରେ ବାଳିକା ବିଦ୍ୟାଳୟର ଛାତ୍ରୀ ମାନଙ୍କୁ ବିସ୍ତୃତ ଭାବରେ ବୁଝାଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜଜ ମାନ୍ୟବର ଅଜୟ କୁମାର ପ୍ରଧାନ, ପରିବାର ଅଦାଲତର ବିଚାରପତି ବିକାଶ ଚନ୍ଦ୍ର ଦେ, ସରକାରୀ ଓକିଲ ଭାବେ ମନୋଜ କୁମାର ସାହୁ ଓ ଗୋକୁଳ ରଞ୍ଜନ ଦାସ ଯୋଗ ଦେଇ ଛାତ୍ରୀ ମାନଙ୍କୁ ପୋକ୍ସୋ ଆଇନ ବିଷୟରେ ଅବଗତ କରାଇଥିଲେ । ଏହି ସଭାରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅନୁସୟା ମିଶ୍ରଙ୍କ ସମେତ ଲିଗାଲ ଲିଟ୍ରେସି କ୍ଲବର ଶିକ୍ଷୟତ୍ରୀ ରିନୁ ପାଇଟାଲ ଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ୨ ହଜାର ଲିଟର ପୋଚ ଓ ୬୦ ଲିଟର ଦେଶି ମଦ ଜବତ

ଜୟପୁର,୨୨/୨ (ନି.ପ୍ର): ଜୟପୁର ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଲକ୍ଷାଧିକ ଟଙ୍କାର ପୋଚ ଓ ମଦ ଜବତ କରାଯାଇଛି । ମଦ ମାଫିଆ ମାନେ ଜୟପୁର ସଦର ଥାନା ଅନ୍ତର୍ଗତ କୁସୁମପୁଟ ଜଙ୍ଗଲରେ ମଦ ଓ ପୋଚ ଲୁଚାଇ ରଖିଥିବା ଖବର ପାଇ ଅବକାରୀ ବିଭାଗ ସେଠାରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ଘଟଣାସ୍ଥଳରୁ ୨ ହଜାର ଲିଟର ପୋଚ ଓ ୬୦ ଲିଟର ଦେଶି ମଦ ଜବତ ହୋଇଛି । ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ । ଜବତ ମଦ ଓ ପୋଚକୁ ଅବକାରି ବିଭାଗ ଜବତ କରି ନଷ୍ଟ କରିଛି । ଚଢ଼ଉ ସମ୍ପର୍କରେ ସୂଚନା ପାଇ ମାଫିଆ ମାନେ ଜଙ୍ଗଲରୁ ଚମ୍ପଟ ମାରିଥିଲେ । ଡ୍ରମ, ମଦ ରନ୍ଧା ସରଞ୍ଜାମ ଆଦି ଜବତ ହୋଇଛି ।

# ଫୁଲବାଣୀରେ ଦ୍ୱିତୀୟ ଜାତୀୟ ଯୁବ ସମ୍ବିଧାନ ମହୋତ୍ସବ କାର୍ଯ୍ୟକ୍ରମ

କନ୍ଧମାଳ,୨୨/୨ (ନି.ପ୍ର): ନେହେରୁ ଯୁବକେନ୍ଦ୍ର ଫୁଲବାଣୀ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଭାରତ ସରକାରଙ୍କ ତରଫରୁ ୨୦ ଫେବୃଆରୀ ୨୦୨୨ରିଖ ଦିନ ଫୁଲବାଣୀ ସଦର ମହକୁମା ଠାରେ ଦ୍ୱିତୀୟ ଜାତୀୟ ଯୁବ ସମ୍ବିଧାନ ମହୋତ୍ସବ କାର୍ଯ୍ୟକ୍ରମ ଭର୍ଚୁଆଲ ମୋଡ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଅନୁଗୁଳ ଜିଲ୍ଲାର ୧୦ ଜଣ ଲେଖାଏଁ ପ୍ରତିଯୋଗୀ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ପ୍ରତିଯୋଗୀମାନଙ୍କର ବୟସ ସୀମା ୧୫ରୁ ୨୯ ବୟସ । ଏହି ପ୍ରତିଯୋଗିତାର ବିଷୟବସ୍ତୁ ଗୁଡ଼ିକ ଯଥା ଇନକ୍ରିଡିବୁଲ ଇଣ୍ଡିଆ, ଆୟୁଷ୍ମାନ ଭାରତ, ବେଟି ବଚାଓ ବେଟି ପଢାଓ, ସ୍କିଲ୍ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ, ସ୍ୱଚ୍ଛ ଭାରତ ସ୍ୱସ୍ଥ ଭାରତ ଇତ୍ୟାଦି । ଏହି ପ୍ରତିଯୋଗିତାରେ ପ୍ରତିଯୋଗୀ ମାନେ ଇଂରାଜୀ ଓ ଓଡ଼ିଆ ଭାଷାରେ ବକ୍ତୃତା ଦେବେ । ଏଥି ସହିତ ଫୁଲବାଣୀ ଜିଲ୍ଲାର ପ୍ରତିଯୋଗୀ ମାନେ ବୌଦ୍ଧ, ବରଗଡ଼, ନୂଆପଡ଼ା ଜିଲ୍ଲାର ପ୍ରତିଯୋଗୀ ମାନଙ୍କ ସହିତ ପ୍ରତିଯୋଗିତା କରିଛନ୍ତି । ଏହାକୁ କଳାହାଣ୍ଡି ନେହରୁ ଯୁବକେନ୍ଦ୍ର ଆୟୋଜନ କରିଅଛି । ଫୁଲବାଣୀର ଡେଭଲିନ ପ୍ରିୟଦର୍ଶନୀ ପ୍ରଥମ ଓ ଅନୁପମା କହଁର ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଫୁଲବାଣୀ ଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭଦ୍ରକର ଦୀପିକା ଗହନ ପ୍ରଥମ, ସତ୍ୟ ସୁନ୍ଦର ପଣ୍ଡା ଦ୍ୱିତୀୟ, ବାଲେଶ୍ୱରର ରାଜଶ୍ରୀ ନାୟକ ପ୍ରଥମ, ସୁଭାଶିଷ ମହାନ୍ତି ଦ୍ୱିତୀୟ, ମୟୁରଭଞ୍ଜର ସତ୍ୟବ୍ରତ ମହାନ୍ତ ପ୍ରଥମ, କିସାନ କୁମାର ସାହୁ ଦ୍ୱିତୀୟ ଏବଂ ଅନଗୁଳର ଖୁସି ରାୟ ପ୍ରଥମ, ସନ୍ଦୀପ ଶେଖର ନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ବିଚାରକ ଭାବରେ ଡ଼ଃ. ଅନନ୍ତ ଚରଣ ମିଶ୍ର, ବିଜୟକୃଷ୍ଣ ପଟ୍ଟନାୟକ, ନବୀନ କିଶୋର ପଣ୍ଡା, ଦୁଷ୍ମନ୍ତ ମାର୍ଥା ପ୍ରମୁଖ ରହି ଚୟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବରେ ରାଜ୍ୟ ନିର୍ଦ୍ଦେଶକ ବି.ପି. ସାହା ଯୋଗଦେଇ ଉଦଘାଟନ କରିଥିଲେ। ପ୍ରାରମ୍ଭରେ ନେହରୁ ଯୁବକେନ୍ଦ୍ର ଫୁଲବାଣୀର ଜିଲ୍ଲା ଯୁବ ଅଧିକାରୀ ନଭନୀତ କୁମାର ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ସହକର୍ମୀ ସତ୍ୟବାନ ଦଳବେହେରା ଏଥିରେ ସହଯୋଗ କରିଥିଲେ ।

# ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ମାଲକାନଗିରି,୨୨/୨ (ନି.ପ୍ର): ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ମାଲକାନଗିରି ଜିଲ୍ଲା କାଲିମେଲା ଥାନା ଅନ୍ତର୍ଗତ ଜୋରିଗୁଡ଼ା ନିକଟ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଉଭୟଙ୍କ ମୃତଦେହ ଠାବ ହୋଇଛି । ଯୁବକଙ୍କ ଘର ଏମଭି- ୯୪ ଗ୍ରାମରେ ହୋଇଥିବା ବେଳେ ଯୁବତୀଙ୍କ ଘର ଏମଭି-୬୪ ଗ୍ରାମରେ ବୋଲି ଶୁଣିବାକୁ ମିଳୁଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ଗ୍ରାମବାସୀଙ୍କ ସହାୟତାରେ ଶବ ଉଦ୍ଧାର କରି ଏହାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

# ଦାଦନ ଖଟିବାକୁ ଯାଇ ହାତ ହରାଇଲେ ଶ୍ରମିକ

ମୁଖୀଗୁଡା,୨୨/୨ (ନି.ପ୍ର): ପେଟ ପାଟଣା ପାଇଁ ଦାଦନ ଖଟିବାକୁ ଚେନ୍ନାଇ ଯାଉଥିଲେ ହେଲେ ବାଟରେ ଟ୍ରେନରୁ ଖସିପଡି ହାତ ହରାଇ ଘରକୁ ଫେରିଛନ୍ତି ଶ୍ରମିକ।

ଜୟପାଟଣା ବ୍ଲକ ଅନ୍ତର୍ଗତ ରଣମାଲ ଗ୍ରାମରଜମି ବାଡ଼ି ନଥିବା ରଞ୍ଜିତ ବେରୁକ(୪୨) ଗତ ୮ତାରିଖରେ ଚେନ୍ନାଇ ଯିବା ପାଇଁ କେସିଙ୍ଗା ରେଳ ଷ୍ଟେସନରୁ ରାତି ପ୍ରାୟ ୨ଟା୩୦ରେ ଟ୍ରେନ ରେ ବସିଥିଲେ । ୩ଟା ସମୟରେ ନର୍ଲା ଗେଟ ସମ୍ମୁଖରେ ଟ୍ରେନରେ ଭିଡ଼ ଯୋଗୁଁ ଚଳନ୍ତା ଟ୍ରେନରୁ ତଳେ ପଡି ଯାଇ ଥିଲେ ରଞ୍ଜିତଙ୍କ ହାତରେ ଗୁରୁତର ଆଘାତ ଲାଗିଥିଲା ।ରେଲୱେ ପୋଲିସ ତାଙ୍କୁ ଉଦ୍ଧାର କରି ଭବାନୀପାଟଣା ଡାକ୍ତରଖାନା ରେ ଚିକିତ୍ସା କରିଥିଲେ । ସେଠାରେ ତାଙ୍କ ବାମ ହାତ କଟା ଯାଇଥିଲା । ସ୍ତ୍ରୀ ମେଧବୀ ପକ୍ଷାଘାତ ଯୋଗୁ କୌଣସି କାମ କରି ପାରୁ ନାହାନ୍ତି ।ଏଭଳି ସ୍ଥିତିରେ ଝିଅ ଶ୍ରଦ୍ଧା(୧୬)ର ରୋଜଗାର ରେ ହିଁ ପରିବାରର ଭରସା ଏଭଳି ସ୍ଥିତିରେ ରଞ୍ଜିତ ପାଇଁ ସରକାରୀ ସହାୟତା ଜରୁରୀ ହୋଇ ପଡିଛି ।

# ୨ଟି ବାଲ୍ୟ ବିବାହ ଅଟକାଇଲା ଚାଇଲ୍ଡଲାଇନ ଓ ଆଇସିଡ଼ିଏସ

ନୂଆପଡା,୨୨/୨ (ନି.ପ୍ର): ନୂଆପଡା ଜଲ୍ଲା ସ୍ଥିତ କୋମନା ବ୍ଲକ ଅନ୍ତର୍ଗତ କୁରେଶ୍ୱର ଗ୍ରାମ ପଂଚାୟତ ରେ ୨ଟିବାଲ୍ୟ ବିବାହ କୁ ଅଟକାଇଲା ଚାଇଲ୍ଡ ଲାଇନ ଓ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ (ଆଇସିଡ଼ିଏସ) । ଗୋଟିଏ ବିବାହ କୁରେଶ୍ୱର ଗ୍ରାମ ପଂଚାୟତ ଆସନ୍ତା ମାର୍ଚ ମାସରେ ରେ ବିବାହ ହେବାକୁ ଯାଉଥିଲା, ଏବଂ ଅନ୍ୟ ପୁଅ ର ବିବାହ ପାଇଁ ଦେଖା ଦେଖି ଚାଲିଥିଲା । କିନ୍ତୁ ପୁଅର ବୟସ ହୋଇନଥିବା ଯୋଗୁ ଚାଇଲ୍ଡଲାଇନ ର ଦେୟମୁକ୍ତ ଫୋନ ନମ୍ବର ୧୦୯୮ ମାଧ୍ୟମରେ ଜାଣିବାକୁ ପାଇଲେ ଯେ ପୁଅର ବୟସ ୨୧ ବର୍ଷ ରୁ କମ । କୋମନା ସମନିତ ଶିଶୁ ବିକାଶ ପ୍ରକଳ୍ପ ଓ ଚାଇଲ୍ଡଲାଇନର ମିଳିତ ଆନୁକୁଲ୍ୟ ରେ ବିବାହ ହେବାକୁ ଥିବା ପୁଅ ଘରକୁ ଯାଇ ନୂଆପଡା ଚାଇଲ୍ଡ ଲାଇନ ର କେନ୍ଦ୍ର ସଂଯୋଜକ ମୁକେଶ କୁମାର ଯୋଶୀ, କାଉନସ୍ଲୋର ହୋସନା ଏବଂକୋମନା ସମନିତ ଶିଶୁ ବିକାଶ ପ୍ରକଳ୍ପ ଓ ବାଲ୍ୟ ବିବାହ ନିଷେଧ ଅଧିକାରୀ ବିମଳିନୀ ପ୍ରଧାନ ଓ ମଣ୍ଡଳ ପରିଦର୍ଶିକା ପ୍ରଗତି ପ୍ରିୟା ପରିଛା ଓ ମଧୁମାଳା ବାଗ ଏବଂ ଉପସ୍ଥିତ ଭଦ୍ର ବ୍ୟକ୍ତି, ଅଙ୍ଗନବାଡି କର୍ମୀ ଙ୍କ ଉପସ୍ଥିତି ରେ ବିବାହ ହେବାକୁ ଥିବା ପୁଅ ପକ୍ଷ ର ଘର ପ୍ରାଙ୍ଗଣରେ ବସି ଭଦ୍ରବ୍ୟାକ୍ତି ଙ୍କ ଉପସ୍ଥିତ ରେ ପରିବାର ଙ୍କୁ ବାଲ୍ୟ ବିବାହ ଆଇନ, ବାଲ୍ୟ ବିବାହ ର ଭୟା ଭୟ ପରିଣିତି, ବାଲ୍ୟ ବିବାହ ର କୁ ପରିଣାମ ଉପରେ ଆଲୋଚନା କରି ଉକ୍ତ ପରିବାର ଙ୍କୁ ସଚେତନ କରଯାଇଥିଲା । ସଚେତନ କଲାପରେ ବାଲ୍ୟ ବିବାହ କୁ ଅଟକା ଯାଇଥିଲା । ଯେପର୍ଯ୍ୟନ୍ତ ସେମାନଙ୍କୁ ୨୧ ବର୍ଷ ନ ହୋଇଛି ସେ ପର୍ଯ୍ୟନ୍ତ ବିବାହ କରାଇ ପରିବେନାହିଁ ବୋଲି ଉପସ୍ଥିତ ପରିବାର ଲୋକ ସହମତି ପ୍ରଦାନ କରିଛନ୍ତି । ଉକ୍ତ ନିଷ୍ପତି ଅବମାନନା କଲେ ଆଇନ ଅନୁଯାଇ ଦଣ୍ଡ ବିଧାନ ପାଇ ମଧ୍ୟ ରାଜି ହୋଇଛନ୍ତି ।ଉକ୍ତ ବାଲ୍ୟ ବିବାହ ବନ୍ଦ କରିବାରେ ମୁଖ୍ୟ ଭୂମିକା ନୂଆପଡା ଚାଇଲ୍ଡ ଲାଇନ ର କେନ୍ଦ୍ର ସଂଯୋଜକ ମୁକେଶ କୁମାର ଯୋଶୀ, କାଉନସ୍ଲର ହୋସନା ଅକ୍ତରୀ, ଏବଂକୋମନା ସମନିତ ଶିଶୁ ବିକାଶ ପ୍ରକଳ୍ପ ଓ ବାଲ୍ୟ ବିବାହ ନିଷେଧ ଅଧିକାରୀ ବିମଳିନୀ ପ୍ରଧାନ ଓ ମଣ୍ଡଳ ପରିଦର୍ଶିକା ପ୍ରଗତି ପ୍ରିୟା ପରିଛା ଓ ମଧୁମାଳା ବାଗ ଏବଂ ଉପସ୍ଥିତ ଭଦ୍ର ବ୍ୟକ୍ତି, ଅଙ୍ଗନବାଡି କର୍ମୀ ଗ୍ରହଣ କରିଥିଲେ ।

# ଶ୍ରୀମାଙ୍କ ଜୟନ୍ତୀ ପାଳିତ

ନୂଆପଡ଼ା,୨୨/୨ (ନି.ପ୍ର): ଶ୍ରୀମାଙ୍କ ଜନ୍ମ ଜୟନ୍ତୀ ଖଡିଆଳ ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପାଳିତ ହୋଇଯାଇଛି । ପ୍ରଥମେ କମିଟୀ ସଭାପତି ମେଜର ଡ. ରାମଚନ୍ଦ୍ର ମିଶ୍ର ଆଧାମିକ ପତକା ଉତୋଳନ କରିଥିଲେ। ଏହାପରେ ସମାଧି ମନ୍ଦିରରେ ଖଡିଆଳ ଓ ଭେଲା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ ଶ୍ରୀମାଙ୍କ ସାମୁହିକ ନାମ ଜପ କରିଥିଲେ। ପରେ ଏକ ଆଲୋଚନା ଚକ୍ର ରେ ଡ. ମିଶ୍ର ଶ୍ରୀମାଙ୍କ ଜୀବନୀ, ଆଦର୍ଶ ଓ ମାର୍ଗ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରସାଦ ସେବନ ପରେ ସଭାରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପାଦିକା ସବିତା ଅପା, ଉପ ସଭାପତି ଶ୍ରୀବତ୍ସ ବାରିକ , ଅଧକ୍ଷ ବେଣୁ ଭାଇ, ନରେଶ ଭାଇ , ରାଜେଶ୍ୱରୀ ଅପା, ତଥା ଭେଲା ସ୍କୁଲର ନିରେଶ ରଣା, ଦୁଷ୍ମନ୍ତ ସଗରିଆ , ମୁକେଶ ଯାଦବ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ସେହିପରି ଭେଲା ସ୍ଥିତ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ରେ ଶ୍ରୀମାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି ।

# ୪୦ କେଜି ଗଞ୍ଜେଇ ଜବତ : ଜଣେ ଗିରଫ

ଗଞ୍ଜାମ,୨୨/୨ (ନି.ପ୍ର): ଛତ୍ରପୁର ରେଳ ଷ୍ଟେସନ ନିକଟରୁ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ଜଣେ ଗଞ୍ଜେଇ ଚୋରାଚାଲାଣକାରୀକୁ ଧରିବାରେ ସକ୍ଷମ ହୋଇଛନ୍ତି। ଏହି ଯୁବକ ଜଣକ ହେଉଛନ୍ତି ବ୍ରହ୍ମପୁରର । ତାଙ୍କ ନାମ ଶୁଭମ୍ ପଟ୍ଟନାୟକ । ସେ ଗଞ୍ଜେଇ ନେଇ ସୁରତ ଯିବାକୁ ଛତ୍ରପୁର ଷ୍ଟେସନରେ ଟ୍ରେନ୍ କୁ ଅପେକ୍ଷା କରିଥିଲା । ସୂଚନା ପାଇ ଗଞ୍ଜାମ ଜିଲ୍ଲାପାଳଙ୍କ ସହ ତାଙ୍କ ପିଏସଓ ଓ ଡ୍ରାଇଭର, ଅବକାରୀ ବିଭାଗର ଦୁଇ କର୍ମଚାରୀ ସେଠାରେ ଚଢ଼ଉ କରି ଶୁଭମ୍ କୁ କାବୁ କରିଥିଲେ । ତା ନିକଟରୁ ୪୦ କେଜି ଗଞ୍ଜେଇ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା ହେବ। ଜବତ ଗଞ୍ଜେଇ ଓ ଶୁଭମ୍ କୁ ଅବକାରୀ ବିଭାଗକୁ ହସ୍ତାନ୍ତର କରାଯାଇଛି। ଆଜି ଅଭିଯୁକ୍ତ ଶୁଭମ୍ କୁ କୋର୍ଟଚାଲାଣ କରାଯାଇଛି । ଘଟଣାସ୍ଥଳରେ ଛତ୍ରପୁର ତହସିଲଦାର ପ୍ରକାଶ କୁମାର ମିଶ୍ର ଓ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ରାଜ୍ୟସରକାରଙ୍କ ଆଦେଶନାମାକୁ ଫୁଁ କରି ଆରଏମସିରେ ପୁଣି ଆଉଟ ସୋର୍ସିଂ ସଂସ୍ଥାକୁ ଅନୁଗ୍ରହ ଉଦ୍ୟମ

ରାଉରକେଲା,୨୨/୨ (ନି.ପ୍ର): ଓଡିଶା ସରକାରଙ୍କ ବିଭାଗୀୟ ଆଦେଶ ନାମା ଅନୁସାରେ ରାଜ୍ୟ ସରକାରଙ୍କ ବିନା ଅନୁମୋଦନ ରେ ଆଉ ଆଉଟ ସୋର୍ସି ସଂସ୍ଥା ମାନଙ୍କ ମାଧ୍ୟମରେ ନିଯୁକ୍ତି ହୋଇ ପାରିବ ନାହିଁ ଏହାକୁ ସରକାର ଆଦେଶ ନାମା ହୁଡକୋ ବିଭାଗର ମେମୋ ନମ୍ବର ୨୧୧୭୦ ଅନୁଶାରେ ରାଜ୍ୟର ସମସ୍ତ ମହାନଗର ମୁନିସପାଲିଟିଙ୍କୁ ଜଣାଇ ଦିଆଯାଇଥଲା ବେଳେ ରାଉରକେଲା ମହାନଗର ନିଗମରେ ଜଣେ ଓ ଏ ଏସ ବାବୁଙ୍କ ଦ୍ୱାରା ଆଜି ପୁଣି ସରକାରଙ୍କ ଏହି ଆଦେଶ ନାମା କୁ ଫୁ କରାଯାଇ ଫାଇଲ ଆଗକୁ ବଢା ଯାଇଥିବା ଖବର ମିଳିଛି । ଖବରରୁ ପ୍ରକାଶ ଯେ, ରାଉରକେଲା ମହାନଗର ନିଗମରେ ୩ବର୍ଷ ତଳେ ଏକ ସଂସ୍ଥା ଠାରୁ ପ୍ରାୟ ୧୦ ଜଣ ଲୋକଙ୍କୁ ନେଇ ପ୍ରୋଜେକ୍ଟ ମନିଟରିଂ ଓାର୍କ ୟୁନିଟ କରାଗଲା ।ଏହି ସଂସ୍ଥାର ସମୟ ସିମା ୩ବର୍ଷ ରହିଥିଲା । ସେହି ଅନୁଶାରେ ଆଗାମୀ ୧୯ ମାର୍ଚ୍ଚରେ ସେ ସଂସ୍ଥାର ସମୟ ସରୁଛି । ଏହାଭିତରେ ରାଜ୍ୟସରକାରଙ୍କର ବିଭାଗୀୟ ଆଦେଶ ନାମାରେ ଆଉ ବାହାର ସଂସ୍ଥା ଦ୍ୱାରା ଲୋକ ନେବା କୁ ବନ୍ଦ କରାଯାଇସାରିଛି ,କିନ୍ତୁ ସବୁ କିଛି ଜାଣୁ ମଧ ଭିତିରିଆ ଗଳେଇ ପକାଇ ସେ ସଂସ୍ଥାକୁ ଅନୁଗ୍ରହ ଦେଖାଇବା ଲାଗି ବାବୁ ଓ ଏ ଏସ ଅଫିସର ଏହି ସଂସ୍ଥାର ସମୟ ସିମା ଆଉ ଦୁଇ ବର୍ଷ ବଢାଇବା ଲାଗି ଫାଇଲ ପ୍ରସ୍ତୁତ କରି ନୁଆକରି ଆସିଥିବା କମିଶନରଙ୍କୁ ଆଜି ଫାଇଲ ପଠାଇଥିବାର ଖବର ମିଳିଛି । ଏହି ଖବର ଆଜି ଆରଏମସିରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ, ସରକାରୀ ଅର୍ଥକୁ ଏହି ଭଳି ଦୁଇ ହାତରେ ଅନ୍ୟକୁ ଟେକି ଦେଇ ନିଜେ ହାତ ଚିକ୍କଣ କରାଯାଏ ବୋଲି ଆଲୋଚନା ଚାଲିଛି । ଏହି ସଂସ୍ଥାକୁ ସେ ସମୟରେ ଆରଏମସିରେ ପୁରାଇ ବିବାଦ ଆରମ୍ଭ କରିଥିବା ଜଣେ ବରିଷ୍ଠ ଆଇଏଏସ ନାନା ବିବାଦରେ ଛନ୍ଦି ହୋଇ ଜିଲ୍ଲାରୁ ବିଦା ହୋଇଥିଲେ । ପରେ ଏହି ସାଂସ୍ଥା ତାର ଚୁକ୍ତିନାମା ଅନୁଶାରେ ତାର ୧୦ଜଣ ପିଲାଙ୍କୁ ଏଠାରେ ରଖି ଦରମା ଦିଆ କରାଇଲା । ହେଲେ କାମରେ ଥିବା ସେ ବାବୁ ମାନଙ୍କର କାମ କଣ ସେମାନେ ଜାଣିବା ଅଗରୁ କେବଳ ତେଲ ମାରି ଅଫିସରଙ୍କୁ ଖୁସି କରି ଟାଉଟରୀ କରି ବସି ରହି ୭୦ /୮୦ ହଜାର ଟଙ୍କା ଦରମାରେ ବ୍ୟସ୍ତ ରହୁଥିଲେ ବୋଲି ଅଭିଯୋଗ ହୋଇଚାଲିଲା,ଖାଲି ସେତିକି ନୁହେଁ କିଛି ଟାଉଟର ତା ଭିତରୁ କହିଲେ ଆମେ ପୁରୁଣା ସାମ୍ବାଦିକ ସବୁ କିଁଛି ଠିକ କରିଦେବୁ । ତା ଭିତରେ ୨/୪ ଜଣ ଏଠାରୁ ଛାଡି ଚାଲିଗଲେ.ତାହାର ସୁଯୋଗ ନେଇ ସେହି ଓଏ ଏସ ଅଫିସର ପୁଣି ସରକାରଙ୍କ ବିନା ଅନୁମୋଦନରେ ୩/ ୪ ଜଣଙ୍କୁ ସେହି ସିଟରେ ନିଯୁକ୍ତି ଦେଇ ସେ ସଂସ୍ଥାକୁ ସହେଯାଗ କରିଥିବାର ଖବର ମିଳିଛି । ତେବେ ଏନେଇ ଆଜି କଂଗ୍ରସେ ମତା ରଶ୍ମୀ ରଂଜନ ପାତ୍ରୀ ଆରଏମସି ର ଏହି ଭଳି କାମକୁ ନାପସନ୍ଦ କରିବା ସହ କମିଶନର କଣ ପଦକ୍ଷେପ ନେଉଛନ୍ତି ତାକୁ ଅପକ୍ଷା କରାଜିବା ଉଚିତ ବୋଲି ମତ ଦେଇଛନ୍ତି । ସେ ଏନେଇ ଡେପୁଟୀ କମିଶନରଙ୍କୁ ପଚାରିବାରୁ ସେ କୁଆଡେ କହିଲେ ସେ ସଂସ୍ଥାର ସମୟ ସୀମା ସରୁଛି ତେଣୁ ସେ ବିଷୟରେ କମିଶନରଙ୍କୁ ଜଣାଇବା ଲାଗି ଫାଇଲ ପଠା ଯାଇଛି। ଯଦି କଥା ଏଇଆ ତେବେ ସେ ସଂସ୍ଥାର ତ ସମୟ ସରୁଛି ସେ ସଂସ୍ଥା ତାର କଣ କରିବ ନକରିବ ସେ ଦେଖିବ ,କିନ୍ତୁ ଡେପୁଟୀ କମିଶନରଙ୍କର କାହିଁକି ମୁଣ୍ଡ ବିନ୍ଧିଲା ତାହା ଏବେ ଆଲୋଚନାର ବିଷୟ ବସ୍ତୁ ହୋଇଛି ।

# ବିଲାଇ ବିଲେଇସର୍ଡା ଜବାହାରଲାଲ ହାଇସ୍କୁଲଠାରେ ବିଶ୍ୱ ମାତୃଭାଷା ଦିବସ ପାଳିତ

ବଲାଙ୍ଗିର ,୨୨/୨ (ନି.ପ୍ର): ପୁଇଁନ୍ତଲାବ୍ଲକ ଅନ୍ତର୍ଗତ ବିଲେଇସର୍ଡା ଜବାହାରଲାଲ ହାଇସ୍କୁଲଠାରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁବାସିନୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ରଂଜିତ ମିଶ୍ର, ପ୍ରମୋଦ ବିଶ୍ୱାଳ, ସୁଷମା ମେହେର, ନିରୋତମା ବିଶ୍ୱାଳ, ଅଶ୍ୱିନୀ ମହାଲିଙ୍ଗ, ରଶ୍ମୀତା ନନ୍ଦ, ରଶ୍ମୀତା ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ମାତୃଭାଷା ମାଧ୍ୟମରେ ଶିଶୁର ବୋଧଗମ୍ୟତାର ପରିପ୍ରକାଶ ଘଟିବା ସହ ମାତୃଭାଷା ଶିଶୁର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ମତ ପ୍ରକାଶ କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁବାସିନୀ ସେଠୀ ନିଜ ସଭାପତିତ୍ୱ ଅଭିଭାଷଣରେ ଓଡିଆ ଭାଷାର ଅସ୍ମିତା ଦୃଢ କରିବା ସହ ଏହାର ପ୍ରୟୋଗାତ୍ମକ ଉନ୍ନତି ଦିଗରେ ଯତ୍ନବାନ ହେବା ପାଇଁ ବିଶ୍ୱ ମାତୃଭାଷା ଦିବସ ପାଳନ ଅବସରରେ ସମସ୍ତେ ସଂକଳ୍ପ ନେବା ବୋଲି କହିଥିଲେ । ଏହି ଅବସରରେ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାର କନିଷ୍ଠ ବିଭାଗରେ ସିମ୍ ?ରନ ବାଗ ପ୍ରଥମ, ପ୍ରତିଜ୍ଞା ତ୍ରିପାଠୀ ଦ୍ୱିତୀୟ, ଅଲିଶା ପାଣିଗ୍ରାହୀ ତୃତୀୟ, ପ୍ରଜ୍ଞାମୟୀ ଭୋଇ ସାନ୍ତ୍ୱନାମୂଳକ ପୁରସ୍କାର ପାଇଥିବା ବେଳେ ବରିଷ୍ଠ ବିଭାଗରେ ଲୋକନାଥ ସୁନା ପ୍ରଥମ, ରୂପାଲୀ ମହାକୁର ଦ୍ୱିତୀୟ, ଶ୍ରାବଣୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ବକ୍ତୃତା ପ୍ରତିଯୋଗିତା ବିଷୟ "ମାତୃଭାଷାର ବିକାଶରେ ସମାଜର ବିକାଶ"ରେ ତୃପ୍ତିମୟୀ ଶତପଥୀ, ପ୍ରତିଜ୍ଞା ତ୍ରିପାଠୀ, କଲ୍ୟାଣୀ ଧରୁଆ, ରିମା ଦଳାଇ, ଜାହ୍ନବୀ ସାହୁ, ମମତା ନାଗ ପ୍ରମୁଖ ପୁରସ୍କୃତ ହୋଇଥିଲେ ।

# ମା' ଗଣପତି ଗଡ଼ିଆଣି କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

## ଡଙ୍ଗରିଗୁଡାକୁ ହରାଇ କୁସୁମଜୋର ଚମ୍ପିୟାନ

ନୂଆପଡ଼ା,୨୨/୨ (ନି.ପ୍ର): ସିନାପାଲି ବ୍ଲକ ଅନ୍ତର୍ଗତ ବାଦ୍ୟାହଲ ଗ୍ରାମ ଠାରେ ମା ଗଣପତି ଗଡ଼ିଆଣି କ୍ରିକେଟ ଟୁର୍ଣ୍ଣାମେଂଟ ଆଜି ଉଦଯାପିତ ହୋଇଯାଇଛି । ଆଜିର ଉଦଯାପିତ ଦିବସରେ ମୁଖ୍ୟ ଅତିଥି ଭାବେ ତାପସ୍ୱିନୀ ମାଝୀ ଯୋଗଦାନ କରି ଥିବାବେଳେ ସମ୍ମାନିତ ଅତିଥି ଭାବେ ବୃନ୍ଦାବତି ଖର୍ସେଲ , ଉଦିତ ଖର୍ସେଲ, ଯୁଗେଶ୍ୱର ଖର୍ସେଲ , ଦୀପ୍ତି ଗଉଡ଼, ବିଜୁ ସେଠୀ ପ୍ରମୁଖ ମଂଚାସୀନ ଥିଲେ । ଆଜିର ଏହି ଉଦଯାପିତଖେଳ କୁସୁମଜୋର ଓ ଡଙ୍ଗରିଗୁଡା ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିବା ବେଳେ କୁସୁମଜୋର ଦଳ ଟସ ଜିଣି ବେଟିଙ୍ଗର ନିଷ୍ପତି ନେଇଥିଲା ନିର୍ଦ୍ଧାରିତ ୧୦ ଓଭର ରେ ସମସ୍ତ ଓ୍ୱିକେଟ ହରାଇ ୯୦ ରନ ସଂଗ୍ରହ କରିଥିଲା । ଜବାବ୍ ରେ ଡଙ୍ଗରିଗୁଡା ଦଳ ୪ଓ୍ୱିକେଟ ହରାଇ ୫୮ ରନ ସଂଗ୍ରହ କରିପାରିଥିଲା । ଫଳରେ କୁସୁମଜୋର ଦଳ କୁ ଏହି ଟୁର୍ଣ୍ଣାମେଂଟର ଚମ୍ପିୟାନ ଘୋଷିତ କରାଯାଇଥିଲା । ଏହି ଟୁର୍ଣ୍ଣାମେଂଟ ଗତ୧୬ ତାରିଖ ଦିନ ଆରମ୍ଭ ହୋଇଥିବା ବେଳେ ମୋଟ ୮ ଟି ଦଳ ଯୋଗଦାନ କରିଥିଲେ । ଆଜିର ଫାଇନାଲ ମେଚରେ ରମେଶ ଖର୍ସେଲ ଓ ଜେସିଙ୍ଗ ନାଗ ଖେଳ ପରିଚାଳନା କରିଥିବା ବେଳ ସ୍କୋରର ଭାବେ ଲୋକନାଥ ଖର୍ସେଲଓ ଉଦଘୋଷକ ଭାବେ କୃତିବାସ ତେଜି ଦାୟିତ୍ୱ ତୁଲାଇଥିଲେ । ବିଶ୍ୱଜିତ ବାଗ, ସିବା ତେଜି , ଦୁଷ୍ମନ୍ତ ତେଜି , ଗୋପୀ ଖର୍ସେଲ, ଧବଳେଶ୍ୱର ତେଜି, ଇମାନ ହଂସ ପ୍ରମୁଖ ଏହି ଟୁର୍ଣ୍ଣାମେଂଟ ସଫଳ କରିବାରେ ଗୁରୁଦାୟିତ୍ୱ ତୁଲେଇଥିଲେ । ଚାମ୍ପିୟାନ ଦଳର ଓଁକାର ମ୍ୟାନ ଅଫଦ ସିରିଜ ଓ ଡଙ୍ଗରିଗୁଡା ଦଳର ଗୁଡୁ ମ୍ୟାନ ଅଫଦ ମ୍ୟାଚ ଘୋଷିତ ହୋଇଥିଲେ ।ଉଭୟ ଚାମ୍ପିୟାନ ଓ ରନର୍ସଅପ ଦଳ କୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା ।

# ଭାରତର ଦଶଟି ରହସ୍ୟମୟ ମନ୍ଦିର

ପ୍ରାଚୀନ କାଳରେ ଯେତେବେଳେ ମନ୍ଦିର ତିଆରି କରାଯାଉଥିଲା, ସେତେବେଳେ ବାସ୍ତୁ ଓ ଖଗୋଳ ବିଜ୍ଞାନକୁ ଧ୍ୟାନରେ ରଖାଯାଉଥିଲା । ଭାରତର କିଛି ଏପରି ମନ୍ଦିର ରହିଛି ଯାହାର ସମକ୍ଷ ନା ବାସ୍ତୁ, ନା ଖଗୋଳ ବିଜ୍ଞାନରେ ଅଛି । କିନ୍ତୁ କିଛି ଖାସ ପ୍ରସିଦ୍ଧ ରହସ୍ୟମୟୀ ମନ୍ଦିରକୁ ସଂକ୍ଷିପ୍ତରେ କୁହାଯାଉଛି । ଯାହାକୁ ଜାଣି ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ମୋସନାଥ ମନ୍ଦିର ସୋମନାଥ ମନ୍ଦିର ଏକ ମହ ୍ପୂର୍ଣ୍ଣ ହିନ୍ଦୁ ମନ୍ଦିର ମଧ୍ୟରେ ଗୋଟିଏ ଯାହା ୧୨ଟି ଜ୍ୟୋର୍ତିଲିଙ୍ଗ ମଧ୍ୟରୁ ସର୍ବପ୍ରଥମ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଗୋଟିଏ । ପ୍ରାଚୀନ କାଳରେ ଏହି ଶିବ ଲିଙ୍ଗ ଝୁଲନ୍ତା ଅବସ୍ଥାରେ ଥିଲେ । କିନ୍ତୁ ଆକ୍ରମଣକାରୀମାନେ ଏହାକୁ ଭାଙ୍ଗି ଦେଇଥିଲେ ।



### କାମାକ୍ଷା ମନ୍ଦିର:

ଏହି ମନ୍ଦିରକୁ ତାନ୍ତ୍ରିକମାନଙ୍କର ଗଡ଼ ବୋଲି କୁହାଯାଏ ମାତାଙ୍କର ୫୧ଟି ଶକ୍ତିପୀଠ ମଧ୍ୟରୁ ଏହି ପୀଠକୁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବୋଲି ମାନିଥାନ୍ତି । ଏହା ଆସାମର ଗୌହଟୀରେ ଅବସ୍ଥିତ । ଏଠାରେ ତ୍ରିପୁରା ସୁନ୍ଦରୀ, ମାତାଙ୍ଗୀ ଓ କମଳାଙ୍କର ପ୍ରତିମା ମୁଖ୍ୟ ରୂପରେ ସ୍ଥାପିତ କରାଯାଇଛି ।

### ଜ୍ୱାଳା ଦେବୀ ମନ୍ଦିର:



ଏହି ମନ୍ଦିର ହିମାଚଳର କାଙ୍ଗାଡ଼ାଘାଟିର ଦକ୍ଷିଣରେ ୩୦ କି.ମି ଦୂରରେ ଅବସ୍ଥିତ । ଏହା ମା ସତୀଙ୍କର ୫୧ ଶକ୍ତିପୀଠରୁ ଗୋଟିଏ । ଏହିଠାରେ ମାତାଙ୍କର ଜିଭ ପଡ଼ିଥିଲା ବୋଲି ବିଶ୍ୱାସ କରାଯାଏ । ହଜାର ହଜାର ବର୍ଷ ପୂର୍ବରୁ ଏଠାରେ ଅବସ୍ଥିତ ଦେବୀଙ୍କ ମୁଖରୁ ଅଗ୍ନି ବାହାରୁଛି । ଏହି ମନ୍ଦିରକୁ ପାଣ୍ଡବମାନେ ଠାବ କରିଥିଲେ ବୋଲି କୁହାଯାଏ ।

### ଅଜନ୍ତା ଏଲୋରା ମନ୍ଦିର:

ଅଜନ୍ତା ଏଲୋରା ଗୁମ୍ଫା ମହାରାଷ୍ଟ୍ରର ଔରଙ୍ଗବାଦ ସହର ପାଖରେ ଅବସ୍ଥିତ । ସହ୍ୟାଦ୍ରିର ପାହାଡ଼ ଉପରେ ସ୍ଥିତ ଏହି ୩୦ ଗୁମ୍ଫାରେ ପାଖାପାଖି ୫ ପ୍ରାର୍ଥନା ଭବନ ଓ ୨୫ଟି ବୌଦ୍ଧ ମଠ ରହିଛି ।



### ଉଜ୍ଜୈନର କାଳ ଭୈରବ ମନ୍ଦିର:

ଏହି ମନ୍ଦିର ବିଷୟରେ ସବୁ ଲୋକମାନେ ଜାଣିଛନ୍ତି ଯେ ଏଠାରେ କାଳ ଭେହରବଙ୍କ ମୂର୍ତ୍ତି ମଦିରାପାନ କରନ୍ତି । ସେଥିପାଇଁ ଏହି ମନ୍ଦିରରେ ପ୍ରସାଦ ସ୍ଥାନରେ ମନ୍ଦିର ଭୋଗ ଭାବରେ ଲଗାଯାଏ ଓ ଏହା ପ୍ରସାଦ ଭାବରେ ବଣ୍ଟାଯାଏ । ତାଙ୍କୁ ଏହି ସହରର ରକ୍ଷକ ଭାବରେ ମାନନ୍ତି ।



### ଖଜୁରାହୋର ମନ୍ଦିର:

ଖଜୁରାହୋ ଭାରତର ମଧ୍ୟପ୍ରଦେଶ ପ୍ରାନ୍ତରେ ଛତରପୁର ଜିଲ୍ଲା ସ୍ଥିତ ଏକ ଛୋଟ ସ୍ଥାନ ଅଟେ କିନ୍ତୁ ଏହା ଭାରତର ରାଜମହଲ ପରେ ସବୁଠାରୁ ଅଧିକ ପ୍ରସିଦ୍ଧ ସ୍ଥାନ ଭାବରେ, ଏହାର ନାମ ଆସୁଛି । ଏହି ମନ୍ଦିରର ସମ୍ପର୍କ ଶୈବ, ବୈଷ୍ଣବ ଓ ଜୈନ ସମ୍ପ୍ରଦାୟ ସହିତ ରହିଛି ।



### କରଣୀ ମାତା ମନ୍ଦିର:

କରଣୀମାତାଙ୍କ ଏହି ମନ୍ଦିର ରାଜସ୍ଥାନର ବିକାନେରରେ ଅବସ୍ଥିତ । ଏହା ଏକ ନିଆରା ମନ୍ଦିର ଅଟେ । ଏହି ମନ୍ଦିରରେ ପାଖାପାଖି ୨୦ ହଜାର କଳା ମୂଷା ଅଛନ୍ତି । ଲକ୍ଷାଧିକ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଏଠାରେ ନିଜର ମନୋକାମନା ପୂରା କରିବାକୁ ଆସନ୍ତି । କରଣୀ ଦେବୀଙ୍କୁ ଦୁର୍ଗାଙ୍କ ଅବତାର ବୋଲି ମଧ୍ୟ ମାନନ୍ତି ।





### ଶନି ଶିଙ୍ଗନାପୁର:

ଏହା ସୂର୍ଯ୍ୟପୁତ୍ର ଶନିଙ୍କର ଏକ ପ୍ରମୁଖ ମନ୍ଦିର, ଯାହା ମହାରାଷ୍ଟ୍ରର ଅହମ୍ମଦନଗର ଜିଲ୍ଲାରେ ଅବସ୍ଥିତ । ବିଶ୍ୱ ପ୍ରସିଦ୍ଧ ଏହି ଶନି ମନ୍ଦିରର ବିଶେଷତ୍ୱ ଏହା ଯେ, ଏଠାରେ ଅବସ୍ଥିତ ଶନିଦେବଙ୍କ ପାଷାଣ ପ୍ରତିମା ଖୋଲା ଆକାଶ ତଳେ ରହିଛି । ଏହି ଶିଙ୍ଗନାପୁର ସହରରେ ଭଗବାନ ଶନି ମହାରାଜାଙ୍କର ଭୟ ଓ ପ୍ରଭାବ ଏତେ ବେଶି ଯେ ଏଠାରେ ଅଧିକାଂଶ ଘରେ ଝର୍କା, କବାଟ ନାହିଁ ।



### କନ୍ୟାକୁମାରୀ ଦେବୀ ମନ୍ଦିର:

କନ୍ୟାକୁମାରୀ ପଏଣ୍ଟକୁ ଭାରତର ସବୁଠାରୁ ନିମ୍ନ ଭାଗ ବୋଲି ମାନନ୍ତି । ଏଠାରେ ସମୁଦ୍ର କୂଳରେ କୁମାରୀ ଦେବୀଙ୍କର ମନ୍ଦିର ଅଛି । ଏଠାରେ ମା' ପାର୍ବତୀଙ୍କର କନ୍ୟା ରୂପକୁ ପୂଜା କରାଯାଏ । ଏହା ଦେଶର ଏକମାତ୍ର ଏପରି ଜାଗା, ଯେଉଁଠାରେ ମନ୍ଦିରରେ ପ୍ରବେଶ କରିବା ପାଇ ପୁରୁଷମାନଙ୍କୁ ଅଣ୍ଟାରୁ ଉପରକୁ ସେମାନଙ୍କର କପଡ଼ା ଖୋଲିବାକୁ ପଡ଼େ ।

### କୈଳାସ ପର୍ବତ:

ହିମାଳୟ ପର୍ବତର ଉଚ୍ଚତମ ଶୃଙ୍ଖଳାରେ ମାନସରୋବରରେ ଏହା ବହୁତ ପବିତ୍ର ସ୍ଥାନ ଅଟେ । ପୌରାଣିକ ମାନ୍ୟତା ଅନୁସାରେ ଏଠାରେ ଭଗବାନ ମହାଦେବ ସ୍ୱୟଂ ବିରାଜମାନ ଅଟନ୍ତି । ଏହା ବିଶ୍ୱର କେନ୍ଦ୍ର ବୋଲି କୁହାଯାଏ । ଦୁନିଆର ସବୁଠାରୁ ଉଚ୍ଚସ୍ଥାନରେ ସ୍ଥିତ କୈଳାସ ମାନସରୋପରର ପାଖରେ କୈଳାସ ଓ ମେରୁ ପର୍ବତ ଅବସ୍ଥିତ । ଏହି ସମ୍ପୂର୍ଣ୍ଣ କ୍ଷେତ୍ରକୁ ଶିବ ଓ ଦେବଲୋକଙ୍କର ବୋଲି କୁହାଯାଏ ।



## ବିଜିନେସ ଓମେନ୍ ୯୫ ବର୍ଷ ବୃଦ୍ଧା



ମନରେ ଯଦି ସାହସ ଏବଂ ଉତ୍ସାହ ଥାଏ, ତେବେ ଯେକୌଣସି ବୟସରେ ଜଣେ କିଛି ବି କରିବାରରେ ସଫଳ ହୋଇଥାଏ । ବୟସ ଅଧିକ ହୋଇଯିବାର ଅର୍ଥ ନୁହେଁ ଯେ ବୃଦ୍ଧମାନେ କିଛି କରିପାରିବେ ନାହିଁ । କିଛି ଦିନ ତଳେ ଜଣେ ଭିକାରି ୬୦ବର୍ଷ ବୟସରେ ମଡେଲ ହୋଇଥିବା ଖବର ସାମ୍ନାକୁ ଆସିଥିଲା । ଠିକ୍ ଏହି ଧାରାରେ ଜଣେ ୯୫ ବର୍ଷ ବୃଦ୍ଧ ବିଜିନେସ ଓମେନ ହୋଇପାରିଛନ୍ତି ।

ଚଣ୍ଡିଗଡ଼ରେ ଲକ୍ଷଲକ୍ଷ ଟଙ୍କାର ବ୍ୟବସାୟ କରୁଛନ୍ତି ୯୫ବର୍ଷ ବୃଦ୍ଧା ହରଭଜନ କୌର । ଏହି ବୃଦ୍ଧା ଜଣକ ନିଜର ସ୍ୱପ୍ନକୁ ୯୦ବର୍ଷ ବୟସରେ ସାକାର କରିବାକୁ ଚିନ୍ତା କରିଥିଲେ । ହରଭଜନ କୌର ନିଜ ହାତରେ ମଇଦା ବରଫି ତିଆରି କରି ବିକ୍ରି କରିବା ଆରମ୍ଭ କରିଥିଲେ । ପରିବାର ସଦସ୍ୟ ଏହି ବରଫିକୁ ନେଇ ବଜାରରେ ବିକ୍ରି କରିଥାଆନ୍ତି । ଧୀରେ ଧୀରେ ଲୋକମାନେ ହରଭଜନଙ୍କ ଘରକୁ ଆସି ଏହି ବରଫି ପାଇଁ ଦାବି କରିଥିଲେ । ଏଥିସହିତ ପରିବାର ସଦସ୍ୟ ବି ସୋସିଆଲ ମିଡିଆରେ ଏହି ବରଫିର ମାର୍କେଟିଂ ଆରମ୍ଭ କରିଥିଲେ ।

କିଛିଦିନ ପରେ ବଜାରରେ ହରଭଜନଙ୍କ ବରଫିର ଚାହିଦା ବୃଦ୍ଧି ପାଇବାରେ ଲାଗିଲ । ଧୀରେଧୀରେ ହରଭଜନ ବେସନ ବରଫି ସହିତ ଆଚାର, ବାଦାମ ସରବତ, ଲାଉ ଆଇସକ୍ରିମ, ଡାଲି ହାଲୁଆ ଟମାଟୋ ଚଟନି ଇତ୍ୟାଦି ତିଆରି କରିବା ଆରମ୍ଭ କରିଥିଲେ । ବର୍ତ୍ତମାନ ଏହା କେବଳ ଚଣ୍ଡିଗଡ଼ ଏବଂ ପଞ୍ଜାବର ସହରରେ ନୁହେଁ ବରଂ ଆମାଜନରୁ ମଧ୍ୟ ଅନଲାଇନରେ ଅର୍ଡର ହୋଇପାରିବ ।

ସୂଚନାନୁସାରେ, ହରଭଜନ କୌର ସ୍ୱାମୀଙ୍କ ୨୦୦୮ ମସିହାରେ ହୃଦଘାତରେ ମୃତ୍ୟୁ ହୋଇଥିଲା । ସେବେଠାରୁ ସେ ନିଜ ଝିଅ ଘରେ ରହୁଥିଲେ । ଘରେ ସମସ୍ତେ କାମ କରୁଥିବା ବେଳେ ସେ ନିଜକୁ ଏକୁଟିଆ ଅନୁଭବ କରୁଥିଲେ । ତା'ପରେ ସେ ୯୦ବର୍ଷ ବୟସରେ କାମ କରିବାକୁ ସ୍ଥିର କରିଥିଲେ । ଆଜି ୯୫ବର୍ଷ ବୟସରେ ସଫଳ ବିଜିନେସ ଓମେନ ହୋଇ ଲକ୍ଷଲକ୍ଷ ଟଙ୍କାର ବ୍ୟବସାୟ କରି ପାରୁଛନ୍ତି ।



## ଆମ୍ବ ମଫିନ୍

ଫଳର ରାଜା ଆମ୍ବ ଖାଇବାକୁ କାହାକୁ ବା ଭଲ ନଲାଗେ । ଏଥିରେ ସରବତ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ଖାଇଥାନ୍ତି । ପିଲାଙ୍କଠାରୁ ବଡ଼ ଯାଏ ସମସ୍ତଙ୍କ ପସନ୍ଦର ଫଳଟିଏ ଆମ୍ବ । ଏବେ ଏଥିରେ ମଫିନ ପ୍ରସ୍ତୁତ କରି ଖାଇଥାନ୍ତି । ପିଲାଙ୍କଠାରୁ ବଡ଼ ଯାଏ ସମସ୍ତଙ୍କ ପସନ୍ଦର ଫଳଟିଏ ଆମ୍ବ । ଏବେ ଏଥିରେ ମଫିନ ପ୍ରସ୍ତୁତ କରି ଦେଖନ୍ତୁ, ନିଶ୍ଚୟ ସବୁଠାରୁ ଭଲ ଲାଗିବ ।

ପ୍ରସ୍ତୁତି: ମଫିନ କରିବା ଲାଗି ପ୍ରଥମେ ଏକ ପାତ୍ରରେ ମଇଦା, ବେକିଂ ସୋଡ଼ା ଏବଂ ବେକିଂ ପାଉଡର ମିଶାନ୍ତୁ । ଆଉ ଏକ ପାତ୍ରରେ କଣ୍ଡେନସଡ ମିଲ୍କ, ଲହୁଣି ଏବଂ ଆମ୍ବ ଶସ ମିଶାଇ ଭଲଭାବେ ଫେଣ୍ଟିଦେବେ । ଏବେ ସେଥିରେ ଲୁଣ, ଗୁଣ୍ଡ ଚିନି ଗୁଜୁରାତି ଗୁଣ୍ଡ ମିଶାଇ ଆହୁରି ଭଲଭାବେ ମିଶାଇ ଦିଅନ୍ତୁ । ପୂର୍ବରୁ କରି ରଖିଥିବା ମଇଦା ମିଶ୍ରଣ ସେଥିରେ ମିଶାଇବା ପରେ ଯଦି ଲକ୍ଷ୍ୟ କରନ୍ତି ଯେ ଘୋଳ ବେଶୀ ଗାଢ଼ ହୋଇଯାଉଛି, ତେବେ ସେଥିରେ କ୍ଷୀର ପକାଇ ପତଳା କରିପାରିବେ । ଓଭନକୁ ଆଗୁଆ ୧୮୦ ଡିଗ୍ରୀ ସେଣ୍ଟିଗ୍ରେଡରେ ଗରମ କରନ୍ତୁ । ମଫିନ ଟ୍ରେରେ ହାଲକା ତେଲ ଲଗାଇ ସେଥିରେ ତିନି ଚତୁର୍ଥାଂଶ ଘୋଳ ପକାଇବେ । ଇଚ୍ଛା କଲେ ମଫିନ ପେପର କପ ବି ବ୍ୟବହାର କରିପାରନ୍ତି । ଏହାକୁ ଓଜନରେ ୨୦ମିନିଟ୍ ବେକ୍ କରିବା ପରେ ମଫିନ ପ୍ରସ୍ତୁତ । ଏହାକୁ ପରଷି ପାରନ୍ତି ।



ଆବଶ୍ୟକ ସାମଗ୍ରୀ:- ମଇଦା, ୧କପ୍, କଣ୍ଡେନସଡ ମିଲ୍କ ୧/୨ କପ, ଗୁଣ୍ଡ ଚିନି-୧/୨ କପ ଆମ୍ବ, ଶସ - ୧/୨ କପ କ୍ଷୀର-୧/୨ କପ ତରଳିଥିବା ଲହୁଣି-୧/୩ କପ ଛୋଟ ଚାମଚରେ ଗୁଜରାତି ଗୁଣ୍ଡ ୧/ ଚାମଚ ବେକିଂ ସୋଡା-୧/୪ ଚାମଚ, ବେକିଂ ପାଉଡର - ୧ଚାମଚ ଏବଂ ସ୍ୱାଦନୁସାରେ ଲୁଣ ।

## ପାଣି ପାଇଁ ଜୋରିମାନା

ବିଭିନ୍ନ ପ୍ରାକୃତିକ ସମ୍ବଳ ମଧ୍ୟରୁ ଆମେ ପାଣିକୁ ଜୀବନ ବୋଲି କହିଥାଉ, କିନ୍ତୁ ଏହାର ଅପବ୍ୟବହାର ସବୁଠାରୁ ଅଧିକ । ଭାରତରେ ଭୂତଳ ଜଳର ସ୍ଥିତି ଖୁବ୍ ବିପଜ୍ଜନକ ଅବସ୍ଥାରେ ପହଞ୍ଚିଲାଣି, କେତେକ ରାଜ୍ୟରେ ପାଣି ପାଇଁ ଲୋକେ ଡହଳବିକଳ ହେଉଥିବା ଖବର ପ୍ରତିଦିନ ଆସୁଛି । ତଥାପି ଚେତା ପଶିନି । ଅଷ୍ଟ୍ରେଲିଆବାସୀ କିନ୍ତୁ ଏ ଦିଗରେ ସଚେତନ ହୋଇଗଲେଣି । ମରୁଡ଼ି ଯୋଗୁ ସେମାନେ ସତର୍କ ହୋଇଗଲେ ଏବଂ ନିକଟରେ ସିଡନୀଠାରେ ପରିବେଶ ସଂରକ୍ଷଣ ଉଦ୍ଦେଶ୍ୟରେ ପ୍ରଥମ ଥର ପାଇଁ ପାଣି ବ୍ୟବହାର ଉପରେ ପ୍ରତିବନ୍ଧକ ଲାଗୁ କରାଯାଇଛି । ନୂଆ ନିୟମ ଅନୁସାରେ, ଏବେ ସେଠାରେ କେହି ପାଇପ ଖୋଲା ରଖିବା ଅପରାଧ ଭାବେ ପରିଗଣିତ ହେବ । ଏହା ସହିତ ବଗିଚାରେ ପାଣି ହେବା ଲାଗି ସିଞ୍ଚନ ପ୍ରଣାଳୀ ବ୍ୟବହାର କଲେ ମଧ୍ୟ ଜୋରିମାନା ଦେବାକୁ ପଡ଼ିବ ।

## ଠିଆହୋଇ ଖାଇଲେ ସ୍ୱାଦ ଗ୍ରନ୍ଥି ନିଷ୍କ୍ରିୟ ହୋଇଯାଏ

ଏକ ଅଧ୍ୟୟନରୁ ଜଣାପଡ଼ିଛି, ଠିଆ ହୋଇ ଖାଇବା ଦ୍ୱାରା ଶାରୀରିକ ଚାପ ବୃଦ୍ଧିପାଏ ଓ ସ୍ୱାଦ ଗ୍ରନ୍ଥି ନିଷ୍କ୍ରିୟ ହୋଇଥାଏ । 'କଂଜ୍ୟୁମର ରିସର୍ଚ୍ଚ' ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନାନୁସାରେ, ବ୍ୟକ୍ତି ଶରୀରର ମୁଦ୍ରା ସ୍ୱାଦ ଧାରଣା ଉପରେ ପ୍ରଭାବ ପକାଏ ଏବଂ ଚଟାଣରେ ବସି ଖାଇବା ସମୟରେ ଖାଦ୍ୟର ସ୍ୱାଦ ଅପେକ୍ଷାକୃତ ଭଲଭାବେ ଅନୁଭବ ହୋଇଥାଏ । ଗବେଷକମାନେ ନିର୍ଦ୍ଦିଷ୍ଟ ଭାବେ ଭେଷ୍ଟିବୁଲାର ସେନ୍ସ ଉପରେ ଫୋକସ କରିଥିଲେ, ଯାହା ଶରୀରର ଭାରସାମ୍ୟ, ମୁଦ୍ରା ଉପରେ ଆଧାରିତ । ଏହା ସ୍ୱାଦକୁ ପ୍ରଭାବିତ କରୁଥିବା ସ୍ୱାଦ ସମ୍ବେଦନ ପ୍ରଣାଳୀକୁ ପ୍ରଭାବିତ କରିଥାଏ । ବେଳେବେଳେ ମା ବାପା ପିଲାକୁ ବିଭିନ୍ନ ମୁଦ୍ରାରେ ତିକ୍ତ ଖାଦ୍ୟ ବା ଔଷଧ ଖୁଆଇଥାନ୍ତି । ଅଧ୍ୟୟନ ଅନୁସାରେ, ଏହା ଦ୍ୱାରା ମାଧ୍ୟକର୍ଷଣ ଶକ୍ତି ଯୋଗୁ ଶରୀରର ନିମ୍ନ ଭାଗକୁ ରକ୍ତ ଠେଲି ହୋଇଯାଏ । ଫଳରେ ହୃତସ୍ପନ୍ଦନ ମାତ୍ରା ବଢ଼ିଯାଏ ଏବଂ ଶରୀରର ଶୀର୍ଷକୁ ରକ୍ତ ଫେରିଆସେ । ଏହି କାର୍ଯ୍ୟକଳାପ ଦ୍ୱାରା ଚାପ ହର୍ମୋନ କୋର୍ଟିସୋଲ ସ୍ତର ବୃଦ୍ଧିପାଏ ।



## ମା'ର ଅବସାଦ ପିଲାର ମସ୍ତିଷ୍କ ବିକାଶରେ ବାଧକ



ଗର୍ଭାବସ୍ଥା କିମ୍ବା ତାପରେ ମହିଳାଙ୍କଠାରେ ଅବସାଦ ଲକ୍ଷଣ ରହିଲେ, ଶିଶୁର ମସ୍ତିଷ୍କ ବିକାଶ ବାଧାପ୍ରାପ୍ତ ହୁଏ । ମା'ଠାରେ ଏହି ଲକ୍ଷଣ ଥିଲେ, ପିଲାର ମସ୍ତିଷ୍କର ବାହ୍ୟ ପରସ୍ତର ଘନତ୍ୱ ହ୍ରାସ ପାଏ ବୋଲି ଅଧ୍ୟୟନରୁ ଜଣାପଡ଼ିଛି । ଗବେଷଣାରେ ଉଭୟ ଗର୍ଭାବସ୍ଥା ଓ ମାତୃତ୍ୱ ପରେ ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିବା କାନାଡ଼ାର ଆଲବର୍ଟା ସ୍ଥିତ କାଲଗାରୀ ୟୁନିଭର୍ସିଟିର ମୁଖ୍ୟ ଗବେଷକ କ୍ୟାଥେରିନ ଲେବେଲ କହିଛନ୍ତି । ଜୀବନର ଜଟି ସୋପାନରେ ପିଲାର ମସ୍ତିଷ୍କ ବିକାଶ ଉପରେ ମାର ମୁଡ୍ ପ୍ରଭାବ ପକାଇପାରେ । ଗର୍ଭାବସ୍ଥା ଓ ମାତୃତ୍ୱ ସମୟରେ ୧୮ ପ୍ରତିଶତ ମହିଳା ଅବସାଦର ଶିକାର ହୋଇଥାନ୍ତି, ଯାହା ସେମାନଙ୍କ ପିଲାର ମସ୍ତିଷ୍କ ଉପରେ କୁପ୍ରଭାବ ପକାଇଥାଏ । ଅଧ୍ୟୟନ ପାଇଁ ଗବେଷକମାନେ ୫୨ ମହିଳାଙ୍କ ଗର୍ଭାବସ୍ଥା ଓ ମାତୃତ୍ୱ ପରର ଅବସାଦ ଲକ୍ଷଣ ଯାଞ୍ଚ କରିଥିଲେ ।



## ଚିନ୍ତାର କାରଣ ସ୍ମାର୍ଟଫୋନ !

ଦୈନନ୍ଦିନ ଜୀବନରେ ସ୍ମାର୍ଟ ଫୋନର ବହୁଳ ବ୍ୟବହାର ଦ୍ୱାରା ଏହା ଆମ ଜୀବନର ଏକ ଅଭିନ୍ନ ଅଙ୍ଗ ପାଲଟିଯାଇଛି । ଅଧିକାଂଶ ସମୟରେ ଦେଖା ଯାଇଛି ଯେଉଁମାନେ ସବୁବେଳେ ଏକୁଟିଆ ରହିଥାନ୍ତି ସେମାନେ ସାଧାରଣତଃ ଚିନ୍ତାଗ୍ରସ୍ତ ଥାନ୍ତି । କିନ୍ତୁ ଚିନ୍ତାଗ୍ରସ୍ତ ହେବାର ଏହା ଏକମାତ୍ର କାରଣ ହୋଇନଥାଏ । ମୋବାଇଲର ବହୁଳ ବ୍ୟବହାର ଦ୍ୱାରା ମଧ୍ୟ ଲୋକ ଚିନ୍ତାଗ୍ରସ୍ତ ହୋଇଥାନ୍ତି ଯାହା ଏକ ଗବେଷଣାରୁ ଜଣା ଯାଇଛି । ଯେଉଁମାନେ ନିଜର ମାନସିକ ଅବସ୍ଥା ସହ ସଂଘର୍ଷ କରିଥାନ୍ତି ସେମାନେ ହିଁ ସ୍ମାର୍ଟଫୋନର ବହୁଳ ବ୍ୟବହାର କରୁଥିବାର ଅନୁମାନ କରାଯାଉଛି । ଉଦାସଗ୍ରସ୍ତ ଲୋକମାନେ ସାଧାରରତଃ ଉଦାସରୁ ମୁକ୍ତି ପାଇବା ପାଇଁ ଫୋନରେ ଚାଟିଂ, ଭିଡିଓ ଦେଖନ୍ତି ଓ ଗେମ ଖେଳିଥାନ୍ତି, ଫଳରେ ସେମାନେ ସ୍ମାର୍ଟ ଫୋନର ଅଧିକ ନିକଟତର ହୋଇପଡ଼ନ୍ତି । ଏଭଳି କରୁଥିବା ବ୍ୟକ୍ତିମାନଙ୍କୁ ରାତିରେ ନିଦ ନହେବା ସହ ବିଭିନ୍ନ ହୃଦ ଜନିତ ରୋଗର ସମ୍ଭାବନା ଉପୁଜିଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ୟୁକ୍ରେନ୍ ସମସ୍ୟା...

ପୃଥିବୀ କେଇ ସପ୍ତାହ ଧରି ପୂର୍ବ-ୟୁରୋପରେ ଲାଗି ରହିଥିବା ବିଷମ ପରିସ୍ଥିତି ତମାମ୍ ବିଶ୍ୱକୁ ରୁଦ୍ଧଶ୍ୱାସ କରି ରଖିଛି । ନାଟୋ ସାମରିକ ମେଣ୍ଟରେ ୟୁକ୍ରେନ୍‌କୁ ସାମିଲ କରିବା ନେଇ ଆମେରିକା ସହ ୟୁରୋପୀୟ ରାଷ୍ଟ୍ରମାନେ ଅକାରଣ ଜିଦ୍ ଧରିବାରୁ ସୃଷ୍ଟି ହୋଇଥିବା ଜଟିଳତା ରୀତିମତ ଯୁଦ୍ଧ ପାଇଁ ରାସ୍ତା ଫିଟାଇବା ପଛରେ ରୁଷୀୟ କଠୋର ଆଭିମୁଖ୍ୟ ଇନ୍ଧନ ଯୋଗାଇଦେଲା ଭଳି ହୋଇଛି । ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ନା' ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ନା' ୟୁକ୍ରେନ ନେତୃତ୍ୱ ସୀମାନ୍ତ ଯୁଦ୍ଧ ପାଇଁ ପ୍ରସ୍ତୁତ । ହେଲେ ନାଟୋ ଚାହୁଁଛି କୁଆଡ଼େ ରୁଷକୁ ପାନେ ନଚଖେଇ ଛାଡ଼ିବନି । ଏମିତିରେ ରୁଷ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ ମତେ ୟୁକ୍ରେନ୍ ସୀମାନ୍ତରେ ଲକ୍ଷାଧିକ ରୁଷ ସେନା ଠୁଳ ହୋଇସାରିଥିଲେ । ଚଳିତ ଷୋହଳ ତାରିଖରୁ ରକ୍ତକ୍ଷୟୀ ଯୁଦ୍ଧର ସୂତ୍ରପାତ ହୋଇଥିଲେ କେଉଁ ପକ୍ଷର କେତେ ଯେ କ୍ଷୟକ୍ଷତି ହୋଇଥାନ୍ତା, ତାହା କଳନାର ବାହାରେ । ଯୁଦ୍ଧର କଳାବାଦଲ ଘୋଟି ଆସିବା ବେଳକୁ ପୁଟିନ ସେନାବଳକୁ ଅପସାରଣ କରିବା ଭଳି ଗୋଟି ଚଳାଇବା ପଛରେ କୂଟନୈତିକ ପରିପକ୍ୱତା କାମ କରିଛି ବୋଲି ପର୍ଯ୍ୟାଲୋଚକ ମତ ଦିଅନ୍ତି । ୟୁକ୍ରେନ୍ ଉପରେ କେତେବେଳେ ରୁଷ ଆକ୍ରମଣ କରିଦେଇପାରେ ବୋଲି ମାର୍କିନ ପ୍ରେସିଡେଣ୍ଟ ଜୋ' ବାଇଡେନ ଏକାଧିକ ବାର କହୁଥିବା ଭିତରେ ଫରାସୀ ପ୍ରେସିଡେଣ୍ଟ ରୁଷ ନେତାଙ୍କ ସହ ଦୀର୍ଘ କଥାବାର୍ତ୍ତା ଜରିଆରେ ସଂଘର୍ଷ ଏଡ଼ାଇବା ଦିଗରେ ପ୍ରବର୍ତ୍ତାଇ ଏକପ୍ରକାର ସଫଳ ହୋଇଛନ୍ତି । ସେହିଭଳି ନିଜ ଅବସ୍ଥାନରୁ ଓହ୍ଲାଇ ପୁଟିନଙ୍କ ସହ କଥାବାର୍ତ୍ତା ସକାଶେ ରାଜି ହୋଇଛନ୍ତି । ଯେପର୍ଯ୍ୟନ୍ତ ରୁଷ ୟୁକ୍ରେନ୍ ଉପରେ ଆକ୍ରମଣ ପାଇଁ ଉଦ୍ୟତ ହେବନାହିଁ, ତାହା ସହିତ କଥାବାର୍ତ୍ତା ଲାଗି ବାଇଡେନ ରାଜି ବୋଲି ହ୍ୱାଇଟ୍ ହାଉସ୍ କହିଛନ୍ତି । ଏହା ସମଗ୍ର ବିଶ୍ୱବାସୀଙ୍କ ପାଇଁ ଏକ ସୁସମାଚାର ବୋଲି ଆପାତତଃ କୁହାଯାଇପାରିବ । ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ଏହା ପୂର୍ବରୁ ରୁଷକୁ ୟୁକ୍ରେନ୍-ବିରୋଧୀ କାର୍ଯ୍ୟାନୁଷ୍ଠାନ ବିରୋଧରେ ଚେତାବନୀ ଶୁଣାଇ ଦେଇଥିଲେ । ସେହିଭଳି ୟୁକ୍ରେନ୍ ତାହା ବିରୋଧରେ ପୂର୍ବ- ସୀମାନ୍ତରେ ଅନ୍ୟୁନ ଶହେଥର ସୀମାଲଂଘନ ଅଭିଯୋଗ ଆଣିଥିଲା । କୂଟନୈତିକ ସୂତ୍ର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି । ଫରାସୀ ପ୍ରେସିଡେଣ୍ଟ ଇମାନୁଏଲ ମାକ୍ରନ ବାଇଡେନ-ପୁଟିନ ଶିଖର ବୈଠକର ସୂତ୍ର ଧରିଛନ୍ତି । ଆମେରିକାର ଆକ୍ରମଣ ଧମକାଣ ଓ ରୁଷର ଆକ୍ରମଣ ଆଶଙ୍କା ପୃଷ୍ଠଭୂମିରେ ବିଶ୍ୱବାସୀ ଚାହିଁ ରହିଛନ୍ତି ଶାନ୍ତ ଓ ସ୍ୱାଭାବିକ୍ ସ୍ଥିତି କିଭଳି ଫେରିଆସୁ । ଯେତେତୁ ବାଇଡେନ ବୈଠକ ଲାଗି 'ନୀତିଗତ ଭାବେ' ରାଜି ହୋଇଛନ୍ତି, ଆଶା କରିହେବ ଯେ ଅଦୂର ଭବିଷ୍ୟତରେ ୟୁକ୍ରେନ୍ ବରଫ ଅବଶ୍ୟ ତରଳିବା ଆରମ୍ଭ କରିବ । ସମ୍ଭାବ୍ୟ ଶିଖର ବୈଠକ ଲାଗି କେତେକ ଔପଚାରିକତା ପୂରଣ ସକାଶେ ଉଭୟ ପକ୍ଷ ଚାହିଁବା ସମ୍ଭାବନା ଥିବା ଭିତରେ ଫରାସୀ ପ୍ରେସିଡେଣ୍ଟ ରବିବାର ପୁଟିନଙ୍କ ସହିତ ଦୁଇବାର କଥା ହୋଇଛନ୍ତି । ତାହାର ପ୍ରଭାବ ଓ ପରିଣତି ଉପରେ ସମସ୍ତଙ୍କର ନଜର ରହିଥିବା ସ୍ୱାଭାବିକ । ଯଦି କିଛି ଆସ୍ତିସୂଚକ ଅଗ୍ରଗତି ସୂଚିତ ହେବାର ଥାଏ, ବୁଝିବାକୁ ହେବ ଯେ ଆସନ୍ନ ଯୁଦ୍ଧକୁ ତାହା ଟାଳିଦେଇ ପାରିବ । ଅତୀତ ଦିନରେ ଶୀତଳ ଯୁଦ୍ଧ କାରଣରୁ ଯେଉଁ ଶିକ୍ଷା ମିଳିଛି, ତାହା ଯଦି ପରିମାପକ ହୁଏ ତେବେ ଆସନ୍ନ ରକ୍ତକ୍ଷୟକୁ ଅବଶ୍ୟ ଏଡ଼ାଯାଇ ପାରିବ । ଅଭିଜ୍ଞତା ହିଁ ପ୍ରକୃଷ୍ଟ ଶିକ୍ଷାଦାତା । ବୃହତ୍ ଶକ୍ତିମାନଙ୍କର ରଣକଣ୍ଡୁ ଯେପର୍ଯ୍ୟନ୍ତ ନଯାଇଛି ଏଭଳି ଆଶଙ୍କା ଭିତରେ ସମୟ ଅତିକ୍ରାନ୍ତ ହେବ । ତାହା ବିଶ୍ୱବାସୀଙ୍କ ପକ୍ଷେ ଅଶୁଭଙ୍କର ବୋଲି ବୁଝିବାକୁ ହେବ । ମହାସଂକ୍ରମଣ ଦେଇ ବିଶ୍ୱ ଗତି କରୁଥିବା ସମୟରେ ଯଦି ଯୁଦ୍ଧ ବିଗ୍ରହ ଲାଗିଗଲା, ତାହାର ପରିଣତି କେତେ ଭୟଙ୍କର ହେବ, ତାହା ବର୍ଣ୍ଣନାର ବାହାରେ । ମାତ୍ର ଏଭଳ କିଛି ଅପଶକ୍ତି ଓ ଉପାଦାନ ଅଛନ୍ତି, ସେମାନେ ବିଷମ ଅବସ୍ଥାକୁ କଞ୍ଚା କରି ରଖିଦେବା ଏବଂ ସେଥିରୁ ଫାଇଦା ମାରିବାରେ ବିଶ୍ୱାସ ରଖନ୍ତି । ମାନବ ସମାଜ ସବୁ ସମୟରେ ଶାନ୍ତି ଚାହେଁ । କିନ୍ତୁ ଅଶାନ୍ତି ହେଉଛି ଅସ୍ୱାଭାବିକ ଚିନ୍ତାର ପ୍ରତୀକ । ଶାନ୍ତିର ପରିପନ୍ଥୀ ଶକ୍ତିକୁ ପ୍ରତିହତ କରି କିଭଳି ସ୍ୱାଭାବିକତା ପ୍ରତଷ୍ଠା କରିବେ, ତାହା ସମୟର ଆହ୍ୱାନ ।

# ଭାରତୀୟ ସଂଗୀତର ତିନି କିମ୍ବଦନ୍ତୀ: ଲତା-ଗୀତା-ବାପି



ଡକ୍ଟର ଲକ୍ଷ୍ମଣ ସାହୁ

ଆଲୋକେଶ ଲାହିରି ଯେ ବାପି ଲାହିରି ଭାବରେ ବେଶ୍ ଜଣାଶୁଣା । ୧୯୫୨ ନଭେମ୍ବର ୨୭ରେ ପଶ୍ଚିମବଙ୍ଗର ଜଳପାଇଗୁଡ଼ିରେ ଏକ ସଂଗୀତଜ୍ଞ ପରିବାରରେ ବାପି ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଆପରେଶ ଲାହିରି ଓ ମାତା ବନସୁରୀ ଲାହିରୀ ଦୁହେଁ ବଙ୍ଗୀୟ ଗାୟକ ଶାସ୍ତ୍ରୀୟ ସଙ୍ଗୀତରେ ସଂଗୀତଜ୍ଞ ଥିଲେ । ବାପି ଥିଲେ ସେମାନଙ୍କର ଏକମାତ୍ର ସନ୍ତାନ । କିମ୍ବଦନ୍ତୀ ଗାୟକ କିଶୋର କୁମାର ତାଙ୍କ ସମ୍ପର୍କୀୟ ଥିଲେ । ପ୍ରାରମ୍ଭରେ ସେ ତାଙ୍କ ପିତାମାତାଙ୍କ ଦ୍ୱାରା ତାଲିମ ପ୍ରାପ୍ତ ହୋଇଥିଲେ । କୁହାଯାଏ ଯେ ବାପି ଲାହିରି ମାତ୍ର ତିନି ବର୍ଷ ବୟସରେ ତବଲା ବଜାଇବା ଆରମ୍ଭ କରିଥିଲେ । ସେ ବଙ୍ଗଳା ଚଳଚ୍ଚିତ୍ର ଶିଳ୍ପ ଜଗତରେ ନିଜର ଅତୁଳନୀୟ ଅବଦାନ ରଖିଯାଇଛନ୍ତି । ଡିସ୍କୋ କିଙ୍ଗ୍ ବଲିଉଡ ଓ ବଙ୍ଗାଳା ବ୍ୟତୀତ ତେଲୁଗୁ, ତାମିଲ, କନ୍ନଡ ଓ ଓଡ଼ିଆ ଭାଷାରେ ଶତାଧିକ ଗୀତରେ କଣ୍ଠଦାନ କରିଛନ୍ତି ।

ବାପି ଲାହରୀ ୧୯୭୦ ରୁ ୧୯୯୦ ଦଶକ ପୂର୍ବରୁ ନୟା କାଦମ୍, ଆଙ୍ଗାନ୍ କି କାଲୀ, ୱାର୍ଡାଟ୍, ଡିସ୍କୋ ଡାନ୍ସ୍, ହାଥକାଡି, ନମାକ ହାଲାଲ୍, ମାଷ୍ଟରଜୀ ଭଳି ୩୩ ଟି ଚଳଚ୍ଚିତ୍ର ପାଇଁ ୧୮୦ରୁ ଅଧିକ ଗୀତ ରେକର୍ଡ କରି ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ପ୍ରବେଶ କରି ଭାରତୀୟ ସଙ୍ଗୀତ ଜଗତରେ ବହୁ ସୁନାମ ଆଣିଥିଲେ । ଲାହିରିଙ୍କ ଗୀତ 'ଥୋଡା ରେଶମ୍ ଲାଗଟା ହ..'ର କିଛି ଅଂଶ ଆମେରିକୀୟ ଗାୟକ ଟ୍ରୁଥ୍ ହର୍ଟଙ୍କ ୨୦୦୨ ଗୀତ 'ଯୋଗୀ'ରେ ଅନ୍ତର୍ଭୁକ୍ତ ହୋଇଥିଲା । ପରବର୍ତ୍ତୀ ସମୟରେ ଲସ୍ ଆଞ୍ଜେଲ୍ସର ଜଣେ ଫେଡେରାଲ୍ ଜଜ୍ ସିଡିର ଅଧିକ ବିକ୍ରିକୁ ବାରଣ କରିଥିଲେ, ଯେପର୍ଯ୍ୟନ୍ତ ଲାହିରି ଗୀତର କ୍ରେଡିଟରେ ତାଲିକାଭୁକ୍ତ ହୋଇନଥିଲେ । ବାପି ଲାହିରି ୨୦୧୨ରେ ମାସାଚୁସେଟ୍ସ ଲିଟଲେଟନର ମଞ୍ଚରେ ଲାଇଭ୍ ପ୍ରଦର୍ଶନ କରି ଅଜସ୍ର ଖ୍ୟାତି ଲାଭ କରିଥିଲେ ।

ଏପରିକି ସେ ଭାରତୀୟ ସିନେମାରେ ସିନ୍ଥାଇଜଡ୍ ଡିସ୍କୋ ମ୍ୟୁଜିକ୍ ବ୍ୟବହାରକୁ ଲୋକପ୍ରିୟ କରିଥିଲେ । ତାଙ୍କର କିଛି ନିଜସ୍ୱ ରଚନାକୁ ଗାନ କରିଥିଲେ । ତାଙ୍କର ଅମର ସଙ୍ଗୀ, ଆଶା ହେ ଭାଲୋବାଶା, ଅମର ତୁମି, ଅମର ପ୍ରେମ, ମାଣ୍ଡିରା, ବାଦନାମ, ରାକେଲେଖା, ପ୍ରିୟା ଇତ୍ୟାଦି ବଙ୍ଗଳା ଚଳଚ୍ଚିତ୍ରରେ ପ୍ରମୁଖ ବକ୍ସ ଅଫିସରେ ସଫଳତା ପ୍ରଦାନ କରିଥିଲେ । ସେ ୧୯୮୦ରୁ ୧୯୯୦ ଦଶକ ମଧ୍ୟରେ ୱାର୍ଦ୍ଦେଟ୍, ଡିସ୍କୋ ନୃତ୍ୟଶିଳ୍ପୀ, ନମାକ ହାଲାଲ, ଶାରାବି, ନାଉକର ବିଓ୍ୱି କା, ନୟା କାଦମ, ମାଷ୍ଟରଜୀ, ବେଓ୍ୱାଫାଇ, ମକସାଦ, ସୁରଗ, ଇନସାଫ ମେନ୍ କରୋଙ୍ଗା, ଡ୍ୟାନ୍ସ ଡ୍ୟାନ୍ସ, କମାଣ୍ଡୋ, ସାହେବ, ଆଖିକର ଭଳି ଚଳଚ୍ଚିତ୍ର ସାଉଣ୍ଡଟ୍ରାକ୍ ସହିତ ଲୋକପ୍ରିୟ ହୋଇଥିଲେ । ମିଥୁନ ଚକ୍ରବର୍ତ୍ତୀଙ୍କ ଅନେକ ଚଳଚ୍ଚିତ୍ରରେ ବାପି ସ୍ୱକୀୟ ରଚିତ ଗୀତ ସହିତ ଅଭିନୟ କରିଥିଲେ, ଯାହାକି ତାଙ୍କୁ କ୍ୟାରିୟରରେ ପ୍ରମୁଖ ଅବଦାନ ଦେଇଥିଲା ।

ଭାରତରେ ପପ୍ ସଂସ୍କୃତିରେ ଏକ ଅବିସ୍ମରଣୀୟ ଚିତ୍ର ସୃଷ୍ଟି କରି ବହୁ ସୁନା, ଚଷମା ଓ ଉଜ୍ଜ୍ୱଳ ପୋଷାକ ପିନ୍ଧିବାର ସଉକ ରଚନା ତାଙ୍କର ଟ୍ରେଡ୍ ମାର୍କ ଶୈଳୀ ପାଇଁ ଥିଲେ ଅତି ଜଣାଶୁଣା । ତାଙ୍କର ଅନେକ ମୂଳ ଗୀତ ଅଦ୍ୟାବଧି ଚଳଚ୍ଚିତ୍ରରେ ରିମିକ୍ସ ରୂପେ ପୁନଃ ବ୍ୟବହାର କରାଯାଏ । ସେ ଆନ୍ତର୍ଜାତିକ ଧ୍ୱନି ସହିତ ଭାରତୀୟ ସଙ୍ଗୀତର ମିଶ୍ରଣ କରିଥିଲେ । ୨୦୧୬ର ଶେଷ ଭାଗରେ, ଲାହିରୀ ଡିସ୍ନି ର ଥ୍ରିଡି କମ୍ପ୍ୟୁଟର-ଆନିମେଟେଡ୍ କଳ୍ପନା ଦୁଃଖ ସାହସିକ ଚଳଚ୍ଚିତ୍ର ମୋନାର ହିନ୍ଦୀ-ଡବ୍ ସଂସ୍କରଣରେ ତାମାଟୋଆର ଚରିତ୍ରକୁ ସ୍ୱର ଦେଇଥିଲେ । ସେ 'ଜ୍ୟୋତି'ର ହିନ୍ଦୀ ସଂସ୍କରଣ 'ଶୋନା' (ସୁନା) ରଚନା କରିଥିଲେ ଓ ଗାଇଥିଲେ । ଆନିମେଟେଡ୍ ଚରିତ୍ର ପାଇଁ ଏହା ତାଙ୍କର ପ୍ରଥମ ଥର ପାଇଁ ଡବିଂ ଥିଲା ଓ ସେ ରାମରାଟାନ୍ ଗୀତ 'ୟେ ହ ସ ଡ୍ୟାନ୍ସ ବାର୍'ରେ ମଧ ଅଭିନୟ କରିଥିଲେ । ସେ ୬୩ ତମ ଫିଲ୍ମଫେୟାର ପୁରସ୍କାରରେ ଫିଲ୍ମଫେୟାର ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡ ଜିତିଥିଲେ ।

ସତରେ ବାପିଙ୍କ ନାଇଟ୍ସ ହେଉଛି ପିଲାମାନଙ୍କ ପାଇଁ ବଡ ହେବା ଭଳି ଜୀବନ ଶୈଳୀ । କାରଣ ଏକ ବିଚ୍ଛିନ୍ନତା ଯୁଦ୍ଧରୂପୀ କାର୍ଯ୍ୟରେ ଏକ ଖରାପ ଦିନକୁ ସଜାଡି ଦେବାଭୂ ବାପି ତାଙ୍କର ଦୃଢ ମନୋବଳ, ଆତ୍ମବିଶ୍ୱାସ, ସଂକଳ୍ପ ଦ୍ୱାରା ସଙ୍ଗୀତର ଶୀର୍ଷରେ କେବଳ ପାଦ ଥାପି ନଥିଲେ ବରଂ ସଂଗୀତକୁ ଶୀର୍ଷରେ ପହଞ୍ଚାଇ ଦେବାରେ ସଫଳ ହୋଇଥିଲେ । ସେ ଚମତ୍କାର ଢଙ୍ଗରେ ବଙ୍ଗାଳୀ ଉଚ୍ଚାରଣ ହୋଇଥିବା ହିନ୍ଦୀକୁ ଗାନ କରିବାରେ ସକ୍ଷମ ହେଉଥିଲେ । ସେ ଗାଇଥିବା ପ୍ରତ୍ୟେକ ଧାଡିରେ ତାଙ୍କ ଚମତ୍କାର ହସ ଅବିସ୍ମରଣୀୟ ପାଲଟିଗଲା । ବାପିଙ୍କ ନାଇଟ୍ସ ପାଇଁ ଏକ ଉତ୍ସର୍ଗୀକୃତ ଡ୍ୟାନ୍ସଫ୍ଲୋର-ସଜ୍ଜିତ ମ୍ୟୁଜିକ୍ ରୁମ୍ ଏବେ କେବଳ ତାଙ୍କୁ ମନେପକାଇ ଝୁରିବ ।

ପ୍ରକୃତରେ ଲାହିରି ଏକ ଭିନ୍ନ ସଂଗୀତ ସୃଷ୍ଟି କରୁଥିଲେ । ସେ ନିଜସ୍ୱ ଶୈଳୀରେ ସଂଗୀତ ପ୍ରସ୍ତୁତ କରିଥିଲେ, ଯାହାକୁ 'ଦେସି ଡିସ୍କୋ' ବୋଲି କହୁଥିଲେ । ସେ ସମସ୍ତଙ୍କ ପାଇଁ ଟ୍ୟାପ୍ ମ୍ୟୁଜିକ୍ ସୃଷ୍ଟି କରିଥିଲେ, ଯାହା ବର୍ତ୍ତମାନର ଯୁବପିଢି ଓ ଆଗାମୀ ପିଢ଼ି ପାଇଁ ସର୍ବଦା ହିଟ୍ ହୋଇ ରହିଥିବ । ଏପରିକି ଓଡ଼ିଆ ସିନେ ଜଗତରେ ସେ ଅଭୁଲା ରହିବେ । ୧୯୯୪ରେ ମୁକ୍ତିଲାଭ କରିଥିବା ଏକ ଚଳଚ୍ଚିତ୍ର ଓଡ଼ିଆ 'ଅକୁହା କଥା'ରେ ସ୍ୱର ସଂଯୋଜନା କରିଥିଲେ ।

ଏକଦା ବାପି ଲହରୀ ପିତାଙ୍କ ସହିତ ହୋଟେଲରେ ଥିବା ସମୟରେ ରାତି ଅଧରେ ଏକ କଲ ଆସିଥିଲା । ତାଙ୍କ ଭାଷାରେ ସେ କହିଛନ୍ତି- ସେତେବେଳେ ସେ ଫିଜି ଦ୍ୱୀପପୁଞ୍ଜରେ ଏକ ବିକ୍ରି ହୋଇଥିବା କନ୍ସର୍ଟକୁ ଶେଷ କରି ସାରିଥିଲେ । ସେ ତାଙ୍କ ପିତାଙ୍କ ସହିତ ହୋଟେଲରେ ରାତ୍ରୀ ଭୋଜନ ପାଇଁ ବସିଥିବା ବେଳେ ରିସେପ୍ସନ୍ ବୟ ଆସି ଡାକି ତା'ଙ୍କୁ କହିଲା ଯେ କେହି ଜଣେ ତାଙ୍କୁ ଭେଟିବାକୁ ଚାହୁଁଛନ୍ତି । ଏତେ ରାତିରେ ସେ ଆଶ୍ଚର୍ଯ୍ୟ ହୋଇ ପଡିଥିଲେ, କିଏ ସେହି ଆଗନ୍ତୁକ, ଏତେ ବିଳମ୍ବିତ ରାତିରେ ଡାକିପାରେ ? ସେହି ଆଗନ୍ତୁକ ବ୍ୟକ୍ତିଙ୍କୁ ସେ ଯେଉଁଠାରେ ବସିଥିଲେ ସେହି ସ୍ଥାନକୁ ପଠାଇବା ପାଇଁ ତାଙ୍କର ପିତା ହୋଟେଲ ବୟକୁ କହିଥିଲେ । ଆଗନ୍ତୁକ ଜଣକ ଥିଲେ ଜଣେ ଭଦ୍ର ମହିଳା । ଭାବର ଆଦାନପ୍ରଦାନ ହେବା ପରେ, ଭଦ୍ର ମହିଳା ତା'ଙ୍କ ହାତରେ ଏକ ବ୍ୟାଗ୍ ଧରାଇ ଲାହିରିଙ୍କୁ କହିଲେ, 'ମୁଁ ଜାଣେ ତୁମେ ଜଣେ ସୁନା ମଣିଷ । ଆଜି ରାତିରେ ତୁମେ କରିଥିବା ଗୀତ, ଯାଦ ଆ ରାହ ହ । ତେରା ପ୍ୟାର୍ ଡିସ୍କୋ ଡାନ୍ସର୍' ୧୯୮୨ ଏହା ମୋତେ ସ୍ପର୍ଶ କଲା । କନ୍ସର୍ଟରେ ମୁଁ ତୁମକୁ କିଛି ଦେଇ ପାରିବି ନାହିଁ - ମୋର ସମସ୍ତ ସୁନା ଏଠାରେ ଅଛି । 'ଭାରତର ଡିସକୋ କିଙ୍ଗ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । କିନ୍ତୁ ସେ କିଛି କହିବା ପୂର୍ବରୁ ତାଙ୍କ ପିତା ଚିତ୍କାର କରି କହିଥିଲେ, 'ଇଟନା ସୋନା ଟୋହ ଉସକେ ଗାଲେ ମେନ୍ ହାଏ ସେ ବେକରେ ଏତେ ସୁନା ପିନ୍ଧିଛନ୍ତି !' ବାସ୍ତବରେ ଜଣେ ସୁନା ମଣିଷକୁ ହରାଇ ଦେଇଛି ଏ ଦେଶ ।

ଗତ ଫେବୃଆରୀ ୬ ତାରିଖ ରାଣୀ ଅଫ୍ ମେଲୋଡି' ଏବଂ 'ନାଇଟିଙ୍ଗଲେ ଅଫ୍ ଇଣ୍ଡିଆ' ଭାବେ ଜଣାଶୁଣା ଲତା ମଙ୍ଗେଶକରଙ୍କୁ ହରାଇ ଥିଲା । ତାଙ୍କ ସମ୍ମାନାର୍ଥେ ଦୁଇ ଦିନ ଧରି ଜାତୀୟ ଶୋକ ଘୋଷଣା କରାଯାଇଥିଲା, ଯାହାର ଅବଧି ପାଇଁ ଜାତୀୟ ପତାକା ଅଧନମିତ ଥିଲା । ଶିବାଜୀ ପାର୍କରେ ତାଙ୍କର ଅନ୍ତିମ ସଂସ୍କାରରେ ପ୍ରଧାନମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ରାଜନେତାମାନେ ଅଶ୍ରୁସିକ୍ତ ନୟନରେ ଶେଷ ବିଦାୟ ଦେଇଥିଲେ । ତାଙ୍କ ଭଉଣୀ ଆଶା ଭୋସଲେ ଏବଂ ଉଷା ମଙ୍ଗେଶକର ଅନ୍ତିମ ସଂସ୍କାରରେ ଶାହରୁଖ ଖାନ ଏବଂ ସଚିନ ତେନ୍ଦୁଲକରଙ୍କ ପରି ସେଲିବ୍ରିଟିମାନେ ମଧ ଉପସ୍ଥିତ ଥିଲେ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଏପରିକି ସେଦିନ ଇଣ୍ଡିଆନ୍ କ୍ରିକେଟ୍ ଟିମ୍ ଖେଳାଳିମାନେ ଭାରତ ବନାମ ୱେଷ୍ଟଇଣ୍ଡିଜ୍ ମ୍ୟାଚରେ ଥାଇ ମଙ୍ଗେଶକରଙ୍କ ନିମନ୍ତେ ଶୋକ କରିବାକୁ ଯାଇ ହାତରେ କଳା ବାହୁ ପିନ୍ଧିଥିଲେ ।

ସେଭଳି ଲତା ମଙ୍ଗେଶକରଙ୍କୁ 'ନାଇଟିଙ୍ଗଲେ ଅଫ୍ ଇଣ୍ଡିଆ' କୁହାଯାଉଥିବା ବେଳେ ବଙ୍ଗଳାର ଟାଇଟଲ୍ ନିଶ୍ଚିତ ଭାବରେ ସାନ୍ଧ୍ୟା ମୁଖାର୍ଜୀଙ୍କର ଥିଲା । ବେଙ୍ଗଲରେ ସଙ୍ଗୀତର ଆଠ ଦଶନ୍ଧିରୁ ଊର୍ଦ୍ଧ୍ୱ ତିଷ୍ଠି ଆସିଥିବା ପ୍ରସିଦ୍ଧ ଗାୟିକା ତଥା ସଂଗୀତରେ ଅଭିନୟ ପାଇଁ ପଦ୍ମଶ୍ରୀ ଲାଭ କରିଥିବା ପ୍ରିମା ଡୋନା, ଯାହାର ନାମ 'ଗୀତାଶ୍ରୀ' ୯୦ ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇଛି । ଅବଶ୍ୟ ସେ ପୁରସ୍କାର ତାଙ୍କୁ ବିଳମ୍ବରେ ଦିଆଯାଇ ଥିବାରୁ ଏହାକୁ ଅପମାନ ମନେ କରି ମନା କରିଦେଇଥିଲେ । ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟ୍ୱିଟରରେ ସମବେଦନା ଜଣାଇବା ସହ ପ୍ରକାଶ କହିଥିଲେ ଯେ ସେ ତାଙ୍କ ବଡ଼ ଭଉଣୀ ଭାବରେ ତାଙ୍କୁ ଦେଖୁଥିଲେ ଏବଂ ଏହା ତାଙ୍କ ପାଇଁ ଏକ ବ୍ୟକ୍ତିଗତ କ୍ଷତି । (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ନିର୍ବାଚନ ବନାମ ରଣକ୍ଷେତ୍ର



ଡ. ଦୀପ୍ତିମୟୀ ବେହେରା

ବର୍ତ୍ତମାନର ବହୁଚର୍ଚ୍ଚିତ ପ୍ରସଙ୍ଗ ପାଲଟିଛି 'ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ' । ବଡ଼ ଦୁର୍ଭାଗ୍ୟର ବିଷୟ, ସାମ୍ପ୍ରତିକ ସମାଜରେ ନିର୍ବାଚନ ବାତାବରଣକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି ସ୍ୱାର୍ଥାନ୍ଧ ମନୁଷ୍ୟ କ୍ଷମତାମୋହର ବଶବର୍ତ୍ତୀ ହୋଇ ସତେ କେତେ ହୀନକାର୍ଯ୍ୟ ବା ନୀଚସ୍ତରକୁ ଆପଣାଇ ନେଇପାରୁଛି ; ତାହାର ଜ୍ୱଳନ୍ତ ପ୍ରମାଣ ସଦ୍ୟ ନିର୍ବାଚନରୁ ହିଁ ଜଣାପଡ଼ିଯାଉଛି । କେଉଁଠି ଗୋଷ୍ଠୀ ସଂଘର୍ଷ ତ କେଉଁଠି ସାମ୍ବାଦିକଙ୍କୁ ମାଡ଼ ପୁଣି କେଉଁଠି ଯୋଜନାବଦ୍ଧଭାବେ ମତଦାତାଙ୍କୁ ଆକ୍ରମଣ ତ ପୁଣି କେଉଁଠି ବଳପୂର୍ବକ ଭୋଟବାକ୍ସକୁ ଲୁଟି ନେଉଛନ୍ତି ଦୁର୍ବୃତ୍ତ । ଖାଲି ସେତିକି ନୁହେଁ କେଉଁଠି ପ୍ରାର୍ଥୀ ଓ ପ୍ରାର୍ଥୀଙ୍କ ସମ୍ପର୍କୀୟଙ୍କୁ ଅପହରଣ ତ ପୁଣି କେଉଁଠି ରକ୍ତରଞ୍ଜିତ ହେଉଅଛି ମତଦାନକେନ୍ଦ୍ର । ଏସବୁ ନିର୍ବାଚନୀ ହିଂସାକାଣ୍ଡକୁ ଦେଖିଲା ପରେ ଲାଗୁଛି ଏ ରାଜନୀତିରେ କି ରସ ଅଛି ଯେ ଯାହାକୁ ପାଇବା ପାଇଁ ଏତେ ବ୍ୟାକୁଳ ଆଉ ଘଟାଇଚାଲିଛନ୍ତି ଯାବତୀୟକାଣ୍ଡ ।

ନିର୍ବାଚନ ସମୟ ଆସିଗଲେ ନିର୍ବାଚନୀ ମଇଦାନ ପାଲଟି ଯାଉଛି ରଣକ୍ଷେତ୍ର । ରଣ ହୁଙ୍କାର ଶବ୍ଦରେ ଘୋ ଘୋ କମ୍ପି ଉଠୁଛି ଗାଁ ଦାଣ୍ଡ । ସୃଷ୍ଟି ହେଉଛି ଗଣ୍ଡଗୋଳ । ତା'ପରେ ଆରମ୍ଭ ହେଇଯାଉଛି ଆକ୍ଷେପ ପ୍ରତିଆକ୍ଷେପ, ବାଡାପିଟା, ହଣାମରାଠୁ ଗୁଳିଫୁଟା ପର୍ଯ୍ୟନ୍ତ । ନିର୍ବାଚନ ସରିବା ଯାଏଁ ଆଖିରୁ ହଜିଯାଉଛି ନିଦ । ଶାନ୍ତିରେ ନିଃଶ୍ୱାସ ମାରିବା ହୋଇପଡୁଛି ବଡ଼ କଷ୍ଟଦାୟକ । କହିବାକୁଗଲେ ରାଜନୈତିକ ପ୍ରଦୂଷଣରେ ଭାରାକ୍ରାନ୍ତ ହୋଇ ପଡ଼ିଲାଣି ଓଡ଼ିଶାର ବାୟୁମଣ୍ଡଳ । ଏପରି ନିନ୍ଦନୀୟ ଓ କଦର୍ଯ୍ୟ ରାଜନୀତି ଯେପରି ଓଡ଼ିଶାକୁ କବଳିତ କରିବାରେ ଲାଗିଲାଣି ସେଥିରେ ସାଧାରଣ ଜନତା ବଞ୍ଚିବା ହେଲାଣି ବଡ଼ ଅସହ୍ୟ । ଭବିଷ୍ୟତକୁ ଆହୁରି ଯେ କ'ଣ ନ ହେବ ତାହା କିଏ କହିପାରିବ ? ଶାସକ ଦଳ ଓ ବିରୋଧୀ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ଯେଉଁ ଘମାଘୋଟ ଲଢ଼େଇ ଚାଲୁଛି ସେଥିରେ ବଳି ପଡ଼ିଯାଉଛନ୍ତି କେତେକ ସାଧାରଣ ବ୍ୟକ୍ତି । ଯାହାକୁ ନେଇ ଅଶାନ୍ତ ହୋଇପଡୁଛି ଶାନ୍ତ ସ୍ନିଗ୍ଧ ଗ୍ରାମ୍ୟ ପରିବେଶ । ଅସ୍ୱାଭାବିକ ପରିସ୍ଥିତିକୁ ସୁଧାରିବାକୁ ଯାଇ କେଉଁଠି ପୋଲିସକୁ ଲାଠିମାଡ଼ କରିବାକୁ ପଡୁଛି ତ କେଉଁଠି କିଛି ସମୟ ପାଇଁ ସ୍ଥଗିତ ରଖାଯାଉଛି ମତଦାନକୁ ପୁଣି କେଉଁଠି କରାଯାଉଛି ସାନି ମତଦାନର ବ୍ୟବସ୍ଥା । ରାଜନୈତିକ ଦଳଗୁଡ଼ିକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପରସ୍ପର ଉପରକୁ ଦୋଷ ଲଦିଲାଦି ଦେଇ ଝାଡ଼ିଝୁଡା ହୋଇ ବସି ଦେଖୁଛନ୍ତି ଦୃଶ୍ୟସବୁକୁ । ପୁଣି କେଉଁଠି ଶାନ୍ତି ଶୃଙ୍ଖଳାର ସହ ମତଦାନ ହେଉଥିବା ବେଳେ କେଉଁଠି ଅଳ୍ପ ବହୁତେ ଏପରି ଅପ୍ରୀତିକର ପରିସ୍ଥିତି ନ ଘଟିଛି ବୋଲି ମାନେ ନାହିଁ ଯେପରିକି ଯାଜପୁର, ପୁରୀ, କଳାହାଣ୍ଡି, ଜଗତସିଂହପୁର, କେନ୍ଦ୍ରାପଡା, ରାଜନଗର ଆଦି ସ୍ଥାନରେ ହିଂସାତ୍ମକ ଆଚରଣ ଉଗ୍ରରୂପ ଧାରଣ କରିଛି କହିଲେ ଚଳେ । ସେଥିରୁ ହୃଦବୋଧ ହେଉଛି କି ଦୂରେଇ ଯାଉଛି ମଣିଷ ପଣିଆ, ହଜିଯାଉଛି ମାନବିକତା, ସାଜୁଛନ୍ତି ରକ୍ତମୁଖା ହିଂସ୍ରଜନ୍ତୁ । ସୁରକ୍ଷା ବ୍ୟବସ୍ଥା ଥିବା ସତ୍ତ୍ୱେ ବି ଆଇନକାନୁନକୁ ହେୟଜ୍ଞାନ ମଣୁଛନ୍ତି କିଛି ଅମାନିଆ ବ୍ୟକ୍ତି ଆଉ ଘଟାଇ ଚାଲିଛନ୍ତି ଅଘଟଣମାନ । ତେଣୁ ପ୍ରଶ୍ନ ଉଠୁଛି - ଆଇନକାନୁନ ବ୍ୟବସ୍ଥାକୁ ନେଇ । ଯାହାକୁ ଦେହଘସରା କରି ସାରିଲେଣି ଅଶୃଙ୍ଖଳିତ ଓ ଅସାମାଜିକ ବ୍ୟକ୍ତିଗଣ । ଯଦି କଠୋରରୁ ଅତି କଠୋର କାର୍ଯ୍ୟାନୁଷ୍ଠାନ ହୁଅନ୍ତା ତେବେ ଯାଇ ସେମାନଙ୍କ ଚେତା ପଶନ୍ତା ନାହିଁତ 'ଯେତେ ମାଠିବୁ ମାଠ, ସେହି ଦରପୋଡ଼ା କାଠ' ନ୍ୟାୟରେ ଚାଲିଥିବ ଆଉ ଏମିତି ଅଘଟଣମାନ ବାରମ୍ବାର ଦେଖିବାକୁ ମିଳୁଥିବ ; ଏହାହିଁ ଅପ୍ରିୟ ସତ୍ୟ ।

ଆମେ ଖାଲି ପ୍ରମୁଖ ରାଜନୈତିକ ଦଳ ବା ବ୍ୟକ୍ତିଙ୍କୁ ଦୋଷ ଦେଲେ ଚଳିବ ନାହିଁ ବରଂ ଏଥିରେ ଜନସାଧାରଣଙ୍କ ଭୂମିକା ହେଉଛି ଅତି ଗୁରୁତ୍ୱପୂର୍ଣ୍ଣ । ଅଧିକାଂଶ ଜନତା ବୁଝିପାରୁ ନାହାଁନ୍ତି ଯାହାଫଳରେ କି ଯୁଆଡୁ ଖାଉଛନ୍ତି ସିଆଡେ ଗାଉଛନ୍ତି । ଏହାଦ୍ୱାରା ଅଯଥାରେ ହିଂସା, ଦ୍ୱେଷ ମନୋଭାବ ସୃଷ୍ଟି ହେଉଛି । ପ୍ରଥମେ ଜନସାଧାରଣ ବୁଝିଯିବା ଉଚିତ ଯେ କାହାରି ମିଥ୍ୟା ପ୍ରତିଶ୍ରୁତି କି ପ୍ରଲୋଭନରେ ଭାସି ନ ଯାଇ ଗ୍ରାମପଞ୍ଚାୟତର ସର୍ବବିଧ ଉନ୍ନତି ପାଇଁ ଭଲ ମଣିଷଟିକୁ ବାଛିବା, ଆପୋଷ ବୁଝାମଣା ଭିତରେ ସମସ୍ୟାର ସମାଧାନ କରିବା, ପରସ୍ପର ମଧ୍ୟରେ ସୁସମ୍ପର୍କ ରଖି ନିର୍ବାଚନୀ ବୈତରଣୀକୁ ପାର ହେବା ଇତ୍ୟାଦି ବିଷୟ ଉପରେ ଧ୍ୟାନ ଦେଲେ ପ୍ରଗତି ସୁନିଶ୍ଚିତ ।

ସବୁଦୃଷ୍ଟିରୁ ଦେଖିବାକୁ ଗଲେ ଉପର ସ୍ତରରୁ ତୃଣମୂଳସ୍ତର ପର୍ଯ୍ୟନ୍ତ ସମସ୍ତଙ୍କୁ ଏଠାରେ ଦୋଷ ଦିଆଯାଇପାରେ । ପ୍ରତ୍ୟେକ ଯଦି ପ୍ରତ୍ୟେକଙ୍କ ବୁଦ୍ଧି, ବିବେକ, ସଂଯମ ଓ ଶାଳୀନତା ରକ୍ଷା କରି ନିର୍ବାଚନର ମୂଳ ପ୍ରସଙ୍ଗକୁ ବୁଝିପାରନ୍ତେ ହୁଏତ ଏପରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୋଇ ବରଂ ଶାନ୍ତି, ମୈତ୍ରୀ, ଶୃଙ୍ଖଳା ଓ ସଦଭାବନା ବଜାୟ ରୁହନ୍ତା । ଅତି ସୁରୁଖୁରୁରେ ସରିଯାଆନ୍ତା ପ୍ରତ୍ୟେକ ନିର୍ବାଚନ । ଏସବୁ ଆଦର୍ଶ ଚିନ୍ତାଧାରା ରହିବା ସଙ୍ଗେ ସଙ୍ଗେ ନିର୍ବାଚନ ଆଚରଣବିଧିକୁ ଯଦି ଯଥାଯଥ ପାଳନ କରନ୍ତେ ତେବେ ହିଂସାକାଣ୍ଡ ଘଟନ୍ତା ନାହିଁ କି ଉଦବେଗଜନକ ପରିସ୍ଥିତି ସୃଷ୍ଟି ମଧ ହୁଅନ୍ତା ନାହିଁ ।

ଆଗକୁ ପୁଣି ତୁମୁଳକାଣ୍ଡ ଘଟିଚାଲିବ ନିର୍ବାଚନ ଫଳାଫଳ ଘୋଷଣା ଦିନ । ସର୍ବଦା ମନେ ରଖିବାକୁ ପଡ଼ିବ କ୍ଷମତାଲୋଭର ବଶବର୍ତ୍ତୀ ହୋଇ ଯେଉଁ ହିଂସାକାଣ୍ଡ ଘଟାଇ ଚାଲୁଛ ତା'ର ପରିଣାମ ଦିନେ ନା ଦିନେ ଭୋଗିବାକୁ ହିଁ ପଡ଼ିବ । ସେତେବେଳକୁ କେହି ପିଠିରେ ପଡ଼ିବେ ନାହିଁ । ଯେପରି ଦସ୍ୟୁ ରତ୍ନାକର ପରିବାର ପ୍ରତିପୋଷଣ ପାଇଁ କ'ଣ ଯେ ନ କରୁଥିଲା ? ଶେଷରେ ତା କର୍ମରେ ସହଭାଗୀ ହେବା ପାଇଁ ମାତାପିତାଠୁ ଆରମ୍ଭ କରି ସ୍ତ୍ରୀ ପିଲାଙ୍କ ପର୍ଯ୍ୟନ୍ତ କେହି ସାଥ ଦେଇନଥିଲେ । ଫଳରେ ବୁଦ୍ଧି ଉଦୟ ହେଲା । ପାପରୁ ମୁକ୍ତି ପାଇବା ପାଇଁ ଚିନ୍ତା କଲା ଉପଯୁକ୍ତ ମାର୍ଗ । ଠିକ ସେମିତି ଅତି ଆପଣାର ଲୋକ ଯଦି ପାପରେ ଭାଗୀଦାର ହେବାକୁ ହାତ ବଢ଼ାଉନାହାଁନ୍ତି ଇଏତ ପୁଣି ଦଳ । ଏଠି କେହି କାହାର ନୁହଁନ୍ତି । ଧୁଆ ମୂଳା ଅଧୁଆ ମୂଳା ସବୁ ସମାନ । ନିଜ କର୍ମଫଳ ନିଜକୁ ହିଁ ଭୋଗିବାକୁ ପଡ଼ିବ । ତେଣୁ ବେଳ ଥାଉଥାଉ ସୁଧୁରିଯାଅ । ନିଜ ପଡୋଶୀ, ସାଙ୍ଗସାଥି ଓ ଗାଁ ଲୋକଙ୍କୁ ଆପଣାଇ ନିଅ । ଦେଖିବ, ଯେଉଁ ଦଳ ଜିତିଲେ ବି କାର୍ଯ୍ୟ କରିବ ହିଁ କରିବ ନାହିଁତ ଦୁର୍ବଳତାର ସୁଯୋଗ ଉଣ୍ଡି ସିଏ ଫାଇଦା ନେବ । ଆମେ ରହିଯିବା ଯେଉଁ ଗରିବକୁ ସେଇ ଗରିବ ହୋଇ । 'ଏକତା ହିଁ ବଳ' । ଏକତା ହିଁ ଉନ୍ନତିର ମାର୍ଗ । ଏକତା ହିଁ ଉଚିତ ମାର୍ଗଦର୍ଶନ ଆଉ ଏକତା ହିଁ ମୂଳମନ୍ତ୍ର ।

କୋଏଲ ନଗର,
ରାଉରକେଲା
ମୋ - ୭୫୦୪୮୭୭୫୧୭




## ପଞ୍ଚମଲୋକ

ବିନୟ ମିଶ୍ର

ଚୌରାଶି କାଠି ସାଢେ ତିନି ହାତେ ଚଉଦପାଆ ଯେ ଦିନ,
ହୋଇଯିବ ନଷ୍ଟ ଡାକ ନ ଶୁଭିବ ସ୍ଥବିର ହୋଇବ କର୍ଣ୍ଣ।
ପ୍ରାଣପକ୍ଷୀ ଯିବ ଉଡ଼ି କେଉଁଆଡ଼େ
କାନ୍ଦୁଥିବେ ପ୍ରିୟ ଜନ,
ଛ' ଖଣ୍ଡ କାଠର ସ୍ୱାରୀରେ ବସି ଯିବାକୁ ହେବ ଶ୍ମଶାନ।

ସ୍ୱାର୍ଥ ପାଇଁ ପୁତ୍ର କନ୍ୟା ସ୍ତିରୀ ପ୍ରିୟ କାନ୍ଦିବେ ଦି ଘଡି ପାଇଁ,
କାରଣ ତୋ ଠାରୁ ଯେଉଁ ସୁଖ ଥିଲା ଆଉ ପା ମିଳିବ ନାହିଁ।
ମରିବାର ମର୍ମ ସମସ୍ତେ ବୁଝନ୍ତି ମଲା ଗଲା ବୋଲି ଭାବ,
ନ କାନ୍ଦିଲେ କାଳେ ସଂସାର ତାଚ୍ଛଲ୍ୟ କିଏ ବା କହ ସହିବ।

ଚାରିବାହା ଚାରି ଯୁଗ ଚଉବର୍ଗ ଚିନ୍ତା ଚଇତନ ନେଇ,
ନବଦ୍ୱାର ରୁନ୍ଧା ହେବ ସେଇଦିନ
ପଞ୍ଚମ ଲୋକର ପାଇଁ।
ମିଛ କପଟର ଆଖି ମିଟିକାର ଟିଟିକାର ଭରା ଭବ,
ବୁଝିବାକୁ ବେଳ ଆଉ ତ ନଥିବ ଭାବ ହୋଇବ ଅଭାବ।

ଜୀବ ଥିବା ଯାଏଁ ଜୀବେ ଦୟା ଥାଉ ଅପରେ ଆପଣା କରି,
ବଞ୍ଚିଛି ଯେ ଜନ ତା ପାଇଁ ସଂସାର
ଲାଗଇ ସରଗ ପରି।

♥ ନିଆଳ, ଖୋର୍ଦ୍ଧା

## ମନୋଜ ମହାନୁଭବ

ଅନସୂୟା ପଣ୍ଡା



ହେ ମନୋଜ ମନୋଜ୍ଞ, ସାହିତ୍ୟ ସାଧକ
ତମେ ଯେମିତି ମାନବର ଦେହଧରି
ଅବତରିଥିଲ ପ୍ରଥିତଯଶା ଦେବପୁରୁଷ
ଗୋଟେ ପରଶ ମଣିଥିଲ ଆମ ଓଡିଶାର।

ତୁମେ ମାନବବାଦକୁ ଫୁଟେଇଥିଲ
ଚିନ୍ତା ଚେତନାର ପରିସରରେ ପ୍ରତିଟି କଥାରେ
ଜୀବନର ନିଖୁଣ ସତ୍ୟକୁ ସଙ୍ଗୋଳିଥିଲ
ଗଳ୍ପର ଅନ୍ତର୍ମନରେ,
ଥାର ଭାବଧାରାରେ ।

ନିତ୍ୟର ଅଭବ୍ୟ ଭାବକୁ ଫୁଟେଇଥିଲ ପ୍ରତିଟି କଥାରେ
ସ୍ୱଧର୍ମ ବ୍ରତୀ ହେବାର ମୂଳମନ୍ତ୍ର କହିଥିଲ
ଜୀବନ ତଳର ଅନ୍ତର୍ଜୀବନକୁ ଆବୋରିବାର ପ୍ରଚେଷ୍ଟାରେ
ସ୍ଥୂଳଠାରୁ ସୂକ୍ଷ୍ମକୁ ବିଭେଦରେ
ଉଜ୍ଜିବୀତ କରିବାକୁ ଜୀବନର ସତ୍ତାରେ।

ଅନୁଭବ ଗୋଟେ ଅପୂର୍ବ ଆନନ୍ଦର, ହେ ମହାନୁଭବ
ଭୂମିରୁ ଭୂମାଯାଏ ସନ୍ଧାନ ଖୋଜି ଆଣିଥିଲ
ତୁମ ସାଥେ ନଶ୍ୱର ଚେତନାରେ
ଅନେକ ଆଦର୍ଶବାଦର ମନ୍ତ୍ର ଦେଉ ଥିଲ।

ନିଛକ ନିତ୍ୟର କଥା ଭିତରେ
ତୁମେ ସାମ୍ୟବାଦରୁ କେତେବେଳେ
ଆଧାତ୍ମବାଦକୁ ଗଲ ଜଣାନାହିଁ
ଜଗନ୍ନାଥ ତତ୍ତ୍ୱକୁ କରି ଅମୃତମଣୋହି
ଯଶୋଦେହେ ତୁମେ ଆୟୁଷ୍ମାନ ହେ ଅଦ୍ୱିତୀୟ।

ଅନେକ କଥାରେ, କାହାଣୀରେ, ଭାଷଣରେ
ତୁମେ ବିବର୍ତ୍ତନର ଆଭିମୁଖ୍ୟ
ସ୍ଥୂଳସତ୍ତାକୁ ଶୃଙ୍ଖଳିତ କରିବାହିଁ କହିଥିଲ
ମୂହୁର୍ତ୍ତ ମୂହୁର୍ତ୍ତକୁ ତୁମେ ଉଚ୍ଚାରିଛ
ଆଦର୍ଶ ଆଦର୍ଶର ସଂଘର୍ଷ ବ୍ୟାଖ୍ୟାଇଛ
ସ୍ୱଧର୍ମକୁ ଚିହ୍ନିବାକୁ ଅଜସ୍ର ଗପ କହିଛ।

ଗାମ୍ଭୀର୍ଯ୍ୟ ଭରା ତୁମ ସ୍ୱର ନୀରବିଛି
ମହାଶୂନ୍ୟରେ ତୁମ ସ୍ଥୂଳଦେହ ଲୀନ ହୋଇଛି
ଗୋଟିଏ ଯୁଗର ପ୍ରଚ୍ଛଦପଟ ସିନା ଢଳି ଯାଇଛି
ଜୀବ ସତ୍ତା ଥିବା ଯାଏ, ସୂକ୍ଷ୍ମଚେତନା ସବୁ ଲମ୍ଭିଛି।

♥ ଇଞ୍ଜିନିୟରିଂ କଲେଜ, ବୁର୍ଲା,
ସମ୍ବଲପୁର- ୭୬୮୦୧୮,
ମୋ-୯୪୩୯୨୧୧୯୭୧

## ସଦା ତୁମ ସାଥେ ଥିବି

ରମେଶ ଚନ୍ଦ୍ର ନାୟକ



ମଉସା ମାଉସୀ ଭୋଅଟ ଦେବଟି
ଯାହାକୁ କହିବି ମୁହିଁ
ମୁହିଁ ପରା ତୁମ ଗାଆଁ ବଡ ନେତା
ଗାଆଁ ଭଲେ ଥାଏ ଧାଇଁ ।

କେତେ ନେତା ଆସି ପିଠିରେ ଆଉଁସି
ହାତ ଯୋଡ଼ି ପାଦ ଧରି
କାକୁତି ମିନତି ହୋଇ ସେ କହିବେ
ମୋହର ଦେବାକୁ ମାରି ।

ଗାନ୍ଧୀ ମୁଣ୍ଡ ନୋଟ ଦେଇ
ନେବେ ଭୋଟ
ଖୁଆଇବେ ମଦ ମାଂସ
କହି ମିଠା କଥା ମନେ ଦେବେ ବ୍ୟଥା
ହୋଇବ ପରା ହତାସ ।

କାହାରି କଥାରେ ଯିବ ନାହିଁ ଭାସି
ମୁଇଁ ପରା ଗାଆଁ ମିତ
ସୁଖରେ ଦୁଃଖରେ ସବୁବେଳେ ଥିବି
ଖରା ବର୍ଷା ଅବା ଶୀତ ।

ଇନ୍ଦିରା ଆବାସ ବିଜୁ ପକ୍କା ଘର
ସାଥେ ଭତ୍ତା କରାଇବି
ରୋଷେଇ ଘରକୁ ପାଣି କଳ ଯିବ
ଦୁଃଖ କଷ୍ଟ ହଟାଇବି ।

ଗାଆଁ ରାସ୍ତା ଘାଟ ହେବ ଚକାଚକ
ଆଲୋକରେ ଝଲସିବ
ଖେଳ ପଡିଆଠୁ ସୁନ୍ଦର ବଗିଚା
ଦେଖି ମନ ଲାଖି ଯିବ ।

ପୋଖରୀ କୂଳରେ ଘାଟ କରାଇବି
ଗାଧୋଇବେ କେତେ ଜନ
ଇସ୍କୁଲ ମନ୍ଦିର ଭାଗବତ ଘର
ଦେବି ମୁହିଁ ନୂଆ ପ୍ରାଣ ।

ନେତା ମନ୍ତ୍ରୀଙ୍କର ମୁଁ ଡାହାଣ ହାତ
ସବୁ କାମ କରାଇବି
ପୁଅ ଝିଅ ବିଭା ଚାକିରି ଯୋଗାଇ
ସଦା ତୁମ ସାଥେ ଥିବି ।

♥ କେଶରପୁର,
ବକ୍ସି ବଜାର, କଟକ
ମୋ: ୭୯୭୮୧୫୧୭୧୦

# ପିଣ୍ଡିକ ବାହୁବଳେନ୍ଦ୍ର



ଦିଲ୍ଲୀପ କୁମାର ସାହୁ

ପିଣ୍ଡିକି ବାହୁବଳେନ୍ଦ୍ର , ନାଁ ଯେମିତି ତାଙ୍କ ବାହୁର ବଳ ମଧ ଥିଲା ସେମିତି । କୁହାଯାଏ ଏକୁଟିଆ ଦଶଟା ଷଣ୍ଢଙ୍କୁ ଅଟକାଇଦେବା ଭଳି ବଳ ତାଙ୍କର ଥିଲା । ସେଥିପାଇଁ ବ୍ରିଟିଶ ସିପାହୀ ଓ ସୈନିକଙ୍କ ନିଦ ହଜାଇ ଦେଇଥିଲେ ସେ । ପିଣ୍ଡିକିଙ୍କ ଏକମାତ୍ର ଲକ୍ଷ୍ୟ ଥିଲା ନିଜର ଜନ୍ମମାଟି ଖୋରଧା ଗଡକୁ ବ୍ରିଟିଶ ସରକାର କବଳରୁ ମୁକ୍ତ କରିବା ।

ଖୋରଧାକୁ କୁହାଯାଏ ବୀରଭୂମୀ । ବୀର ପାଇକ ମାନଙ୍କ ପାଇଁ ଖୋରଧା ଥିଲା ବହୁଦିନ ଧରି ଏକ ସ୍ୱାଧୀନ ରାଜ୍ୟ । ଇଂରେଜ ସରକାର ସାରା ଭାରତକୁ ନିଜ ସାମ୍ରାଜ୍ୟଭୁକ୍ତ କରିବାପରେ ଶେଷରେ ଖୋରଧା ଅଧିକାର କରିଥିଲେ । ସେଥିପାଇଁ ଖୋରଧାକୁ କୁହାଯାଏ ଭାରତର ଶେଷ ସ୍ୱାଧୀନ ଦୁର୍ଗ ।

ଖୋରଧାର ଏହି ଗୌରବ ଗାରିମା ପଛରେ ଥିଲେ ଶହଶହ ବୀର ପାଇକ ,ଯେଉଁ ମାନଙ୍କ ମଧ୍ୟରୁ ଜଣେ ପିଣ୍ଡିକି ବାହୁବଳେନ୍ଦ୍ର ।

ଶାସନର ସୁବିଧା ଦୃଷ୍ଟିରୁ ଖୋରଧା ଗଡ କେତେଗୁଡିଏ ଛୋଟଛୋଟ ଜିଲ୍ଲାରେ ବିଭକ୍ତ ହୋଇଥିଲା। ସେହି ଜିଲ୍ଲା ମାନଙ୍କ ମଧ୍ୟରୁ ଦାଣ୍ଡିମାଳ ଅନ୍ୟତମ । ଦାଣ୍ଡିମାଳର ଦାରୁଠେଙ୍ଗ ଗାଁରେ ୧୭୬୮ ମସିହାରେ ଜନ୍ମ ହୋଇଥିଲେ ପିଣ୍ଡିକି ବାହୁବଳେନ୍ଦ୍ର । ତାଙ୍କ ବାପାଙ୍କ ନାଁ ଜୟଦେବ ବାହୁବଳେନ୍ଦ୍ର ଓ ମାଆ ଯଶୋବତୀ ଦେବୀ । ସେ ଜାତିରେ ଥିଲେ ଶଉରୀ କ୍ଷତ୍ରିୟ ଖଣ୍ଡାୟତ ।

ଶଉରୀ କ୍ଷତ୍ରିୟ ଖଣ୍ଡାୟତ ମାନେ ଏକ ଯୁଦ୍ଧ ଖୋର ଜାତି । ତେଣୁ ପିଲାଟିବେଳୁ ପିଣ୍ଡିକି ବାହୁବଳେନ୍ଦ୍ର ଅସ୍ତ୍ରସସ୍ତ୍ର ଚାଳନାରେ ଥିଲେ ଖୁବ୍ ଧୁରନ୍ଧର । ଇଂରେଜ ମାନଙ୍କ ବିରୁଦ୍ଧରେ ଆରମ୍ଭ ହୋଇଥିବା ପ୍ରଥମ ସ୍ୱାଧୀନତା ସଙ୍ଗ୍ରାମ ପାଇକ ବିଦ୍ରୋହ ର ପନ୍ଦରଜଣ ପ୍ରଧାନ ସେନାନାୟକଙ୍କ ମଧ୍ୟରେ ଜଣେ ଥିଲେ ପିଣ୍ଡିକି ବାହୁବଳେନ୍ଦ୍ର ।

ଇଂରେଜ ସରକାରଙ୍କ ପିଆଦା ଓ ସିପାହୀମାନେ ସାଧାରଣ ଲୋକଙ୍କୁ ଖୁବ୍ ହଇରାଣ କରୁଥିଲେ ଓ ଯୋରଜବରଦସ୍ତ ଖଜଣା ଆଦା କରୁଥିଲେ । ତେଣୁ ପିଣ୍ଡିକି ବାହୁବଳେନ୍ଦ୍ର ଏହା ବିରୋଧରେ ପ୍ରଥମେ ସ୍ୱର ଉତ୍ତୋଳନ କରି ଖଜଣାଖାନା ଲୁଟ୍ କରୁଥିଲେ ଓ ଖଜଣା ଆଦାୟ କରି ଆସୁଥିବା ସରକାରୀ ଲୋକଙ୍କଠୁ ଟଙ୍କା ଛଡାଇ ସେମାନଙ୍କୁ ହତ୍ୟା କରୁଥିଲେ । ଏହା ତତ୍କାଳୀନ ଖୋର୍ଦ୍ଧା ମାଜିଷ୍ଟ୍ରେଟଙ୍କ ମୁଣ୍ଡବଥାର କାରଣ ହେଲା । ତେଣୁ ପିଣ୍ଡିକିଙ୍କୁ ଧରିବା ପାଇଁ ବ୍ରିଟିଶ ସିପାହୀମାନେ ଆପ୍ରାଣ ଚେଷ୍ଟା କଲେ। ହେଲେ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ବଳବୀର୍ଯ୍ୟ ଓ ଚତୁରତା ଯୋଗୁ ବାରମ୍ବାର ଚେଷ୍ଟାକରି ମଧ ବ୍ରିଟିଶ ଫୌଜ ତାଙ୍କୁ ଧରିବା ପାଇଁ ସକ୍ଷମ ହେଲା ନାହିଁ ।

ବଳ ଦ୍ୱାରା ଯେଉଁଠି ନପାରନ୍ତି ଇଂରେଜ ମାନେ ସେଠାରେ କଳ କୌଶଳ ପ୍ରୟୋଗ କରିବାକୁ ପଛାନ୍ତି ନାହିଁ । ପିଣ୍ଡିକି ବାହୁବଳେନ୍ଦ୍ରଙ୍କୁ ଧରିବାପାଇଁ ମଧ ସେହି ନିତି ପ୍ରୟୋଗ କଲେ ସେମାନେ । ଇଂରେଜ ସରକାରଙ୍କ ପକ୍ଷରୁ ଘୋଷଣା କରାଗଲା ଯେ ଯିଏ ପିଣ୍ଡିକିଙ୍କୁ ଧରାଇଦେବ ତାଙ୍କୁ ତମ୍ବା ପତ୍ରରେ ସନନ୍ଦ ସହ ଏକହଜାର ଟଙ୍କା ପୁରସ୍କାର ଦିଆଯିବ । ସେତେବେଳେ କହଜାର ଟଙ୍କା ବର୍ତ୍ତମାନ କୋଟିଏରୁ କମ୍ ହେବନାହିଁ । ହଜାର ଟଙ୍କା , କାହାର ବା ଲୋଭ ନହେବ । ତେଣୁ ବିଷ୍ଣୁ ମହାନ୍ତି ଓ ମଧୁ ମହାନ୍ତି ନାମକ ଦୁଇଜଣ ଖଳ ଲୋକ ପିଣ୍ଡିକି ବାହୁବଳେନ୍ଦ୍ରଙ୍କୁ ଧରାଇ ଦେବାକୁ ଆଗେଇ ଆସିଲେ । ସେ ପିଣ୍ଡିକିଙ୍କ ଗତିବିଧି ଉପରେ ସର୍ବଦା ନଜର ରଖୁଥିଲେ ।

ମଧୁ ମହାନ୍ତି ଓ ବିଷ୍ଣୁ ମହାନ୍ତିଙ୍କ ଠାରୁ ସୂଚନା ପାଇ ବ୍ରିଟିଶ ଫୌଜ ପିଣ୍ଡିକି ଲୁଚି ରହିଥିବା ସ୍ଥାନ ଉପରେ ଆକ୍ରମଣ କଲେ । ଦୁର୍ଭାଗ୍ୟକୁ ପିଣ୍ଡିକି ସେତେବେଳକୁ ସେହି ସ୍ଥାନ ଛାଡି ଚାଲି ଯାଇଥିଲେ । ହେଲେ ଧରାପଡିଲେ ତାଙ୍କର ସହଯୋଗୀ ସାଧୁଚରଣ ମଙ୍ଗରାଜ, ବିଷ୍ଣୁ ପାଇକରାୟ ଓ ଧ୍ରୁବ ଜେନା। ବିଫଳ ହେଲେ ମଧ ଖୋର୍ଦ୍ଧା ମାଜିଷ୍ଟ୍ରେଟ ବିଶ୍ୱାସଘାତକ ବିଷ୍ଣୁ ମହାନ୍ତି ଓ ମଧୁ ମହାନ୍ତିଙ୍କୁ ଦୁଇଶହ ପଚାଶ ଟଙ୍କା ଲେଖାଏ ପୁରସ୍କାର ଦେଇଥିଲେ।

ନିଜ ମାଟିର ଲୋକ ତାଙ୍କ ପିଛା କରୁଛନ୍ତି ଜାଣି ପିଣ୍ଡିକି ଅଧିକ ସତର୍କ ହୋଇଗଲେ ଓ ସରକାରୀ ଲୋକଙ୍କ ଉପରେ ତାଙ୍କର ଆକ୍ରୋଶ ଭାବ ବଢିଗଲା । ଏହା ଖୋର୍ଦ୍ଧା ମାଜିଷ୍ଟ୍ରେଟଙ୍କୁ ଆହୁରି ଚିନ୍ତାରେ ପକାଇ ଦେଲା । ପିଣ୍ଡିକିଙ୍କୁ ଧରିବା ପାଇଁ ସେ ନୂଆ ଯୋଜନା କଲେ । ପ୍ରଥମେ ଧମକ ଚମକ ଓ ତାପରେ ପ୍ରୋତ୍ସାହନ। ମାଜିଷ୍ଟ୍ରେଟଙ୍କ ନଜର ପଡିଲା ମଳିପଡ଼ାର ଜାଗିରଦାର ଧନୁର୍ଜୟ ହରିଚନ୍ଦନଙ୍କ ଉପରେ । ଧନୁର୍ଜୟ , ପିଣ୍ଡିକିଙ୍କ ପିଲାଦିନର ବନ୍ଧୁ । ତେଣୁ ପିଣ୍ଡିକି ଅନେକ ସମୟରେ ତାଙ୍କ ଘରେ ଖିଆପିଆ କରୁଥିଲେ ଓ ବେଳେବେଳେ ରାତ୍ରି ଯାପନ ମଧ କରୁଥିଲେ । ମାଜିଷ୍ଟ୍ରେଟ ଏହାକୁ ଏକ ଅପୂର୍ବ ସୁଯୋଗ ମଣି ଧନୁର୍ଜୟଙ୍କ ପାଖକୁ ପିଆଦା ପଠାଇଲେ । ପିଆଦା କହିଗଲାଯେ ଯଦି

ଧନୁର୍ଜୟ ପିଣ୍ଡିକିଙ୍କ ସମ୍ପର୍କରେ ସୂଚନା ନଦିଅନ୍ତି ତେବେ ତାଙ୍କ ଜାଗିର ଛଡାଇ ନିଆଯିବ। ଆଉ ଯଦି ସେ ପିଣ୍ଡିକିଙ୍କୁ ଧରାଇ ଦିଅନ୍ତି ତେବେ ମନ ଖୁସି ହେଲାଭଳି ପୁରସ୍କାର ଦିଆଯିବ ।

ଜାଗିର ଚାଲିଯିବାର ଭୟ ଓ ପୁରସ୍କାରର ଲୋଭ ଧନୁର୍ଜୟଙ୍କୁ ଅନ୍ଧ କରିଦେଲା। ସେ ଭୁଲିଗଲେ ତାଙ୍କର ବନ୍ଧୁତ୍ୱକୁ । ପିଣ୍ଡିକିଙ୍କୁ ଧରାଇ ଦେବା ନିମନ୍ତେ ସେ ଯୋଜନା ପ୍ରସ୍ତୁତ କଲେ ।

ସେଦିନ ଥାଏ ମାର୍ଗଶିର ମାସ ଶେଷ ଗୁରୁବାର । ଘରେଘରେ ମାଣବସା । ମାଆ ଲକ୍ଷ୍ମୀଙ୍କ ପୂଜା ଅର୍ଚ୍ଚନା । ପିଠା ପଣାରେ ଘର ଉଚ୍ଛୁଳୁଥାଏ । ଏହି ମହୁକାରେ ଧନୁର୍ଜୟ ପିଣ୍ଡିକିଙ୍କୁ ଖାଇବା ପାଇଁ ନିମନ୍ତ୍ରଣ କଲେ ।

ପିଣ୍ଡିକି ମଧ ନିର୍ଭୟରେ ପହଞ୍ଚିଗଲେ । ଧନୁର୍ଜୟ ତାଙ୍କୁ ପ୍ରଥମେ ଭାଙ୍ଗ ପିଇବାକୁ ଦେଲେ। ଭାଙ୍ଗ ସାଥିରେ ସେ ଦୁଦୁରା ମଞ୍ଜି ବାଟି ମିଶାଇ ଦେଇଥିଲେ। ଫଳରେ ତାହା ଖୁବ୍ ନିଶା କରାଇଦେଲା । ନିଶାସକ୍ତ ହୋଇ ପିଣ୍ଡିକି ଭୁରି ଭୋଜନ କଲେ ଓ ଶୋଇ ପଡିଲେ । ଧନୁର୍ଜୟ ଜାଣିଥିଲେ ପିଣ୍ଡିକିଙ୍କୁ ଚେଇଁଥିବା ଅବସ୍ଥାରେ ଧରିବା ସହଜ ନୁହେଁ ।

ପିଣ୍ଡିକି ନିଘୋଡ଼ ନିଦରେ ଶୋଇଯିବାପରେ ପୂର୍ବରୁ ଛପିରହିଥିବା ବ୍ରିଟିଶ ସିପାହୀମାନେ ତାଙ୍କ ହାତଗୋଡରେ ବେଡି ପକାଇ ତାଙ୍କୁ କାବୁ କରିଦେଲେ ।

ପିଣ୍ଡିକି ବାହୁବଳେନ୍ଦ୍ରଙ୍କୁ ଧରାଇ ଦେଇଥିବାରୁ ଫିରିଙ୍ଗ ମାଜିଷ୍ଟ୍ରେଟ ଧନୁର୍ଜୟଙ୍କୁ ୩୪ ବାଟି ୧୦ ମାଣ ଜମି ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ ଓ ପିଣ୍ଡିକିଙ୍କ ପାଦରେ ବେଡି ପକାଇ ବାରବାଟୀ କିଲ୍ଲାରେ ଥିବା କାରାଗାରରେ ଭର୍ତ୍ତି କରି ଦିଆଯାଇଥିଲା ।

କାରାଗାରରେ ଥାଇ ପିଣ୍ଡିକି ଖସିଯିବାର ଉପାୟ ଚିନ୍ତା କରୁଥାନ୍ତି । ଦୈବାତ ପାଦରେ ବେଡି ପଡିଥିବା ଅବସ୍ଥାରେ ତାଙ୍କୁ ତରବାରୀ ସଫାକରିବାକୁ ଦିଆଗଲା। ଏହା ଥିଲା ତାଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ସେ ତରବାରୀ ସଫା କରୁକରୁ, ସେହି ତରବାରୀ ସାହାଯ୍ୟରେ ନିଜ ପାଦର ବେଡିକୁ କାଟିଦେଲେ ଓ କାରାଗାରରୁ ଖସି ପଳାୟନ କଲେ ।

ପିଣ୍ଡିକି ବାହୁବଳେନ୍ଦ୍ର ଦୃତ ପାଦରେ ଦୌଡ଼ିବାକୁ ଲାଗିଥାନ୍ତି । ପଛରେ ତାଙ୍କର ବ୍ରିଟିଶ ସିପାହୀ ଦଳ। ବାଟରେ ପଡିଲା କାଠଯୋଡ଼ି ନଦୀ। ପିଣ୍ଡିକି ଭଲ ପହଁରା ଜାଣିଥିଲେ । ତେଣୁ ସେ ଅକ୍ଲେଶରେ ନଦୀ



ପାରି ହୋଇଗଲେ। ସିପାହୀମାନେ ତାଙ୍କ ପିଛା ଛାଡୁନଥାନ୍ତି । ତାଙ୍କୁ ପିଛା କରିବା ସହିତ ଗୁଳି ମଧ ଚଳାଉଥାନ୍ତି । ହେଲେ ଚତୁର ପିଣ୍ଡିକି ସେସବୁକୁ ଏଡାଇ ଚାଲିଥାନ୍ତି।

ପିଣ୍ଡିକିଙ୍କ ପଳାୟନ ଖବର ଚାରିଆଡେ ବ୍ୟାପିଯିବାରୁ ସବୁଆଡୁ ବ୍ରିଟିଶ ସିପାହୀମାନେ ତାଙ୍କ ଆଡକୁ ମାଡି ଆସିଲେ। ଶେଷରେ ବାରଙ୍ଗ ନିକଟରେ ତାଙ୍କୁ ଘେରିଯାଇ ଚାରି ଦିଗରୁ ନିର୍ମମ ଗୁଳିଚାଳନା କଲେ । ସେହି ଗୁଳିଚୋଟରେ ଟଳି ପଡିଲେ ବୀର ପିଣ୍ଡିକି ବାହୁବଳେନ୍ଦ୍ର । ମାଟିରେ ମିଶିଗଲା ଭାରତର ପ୍ରଥମ ସ୍ୱାଧୀନତା ସଙ୍ଗ୍ରାମର ଜଣେ ଦୁର୍ଦ୍ଧର୍ଷ ବୀର ସୈନିକଙ୍କର ରକ୍ତ ଜୁଡୁବୁଡୁ ଶରୀର ।

ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ସ୍ମୃତିରେ ତାଙ୍କ ଗାଁ ଦାରୁଠେଙ୍ଗଠାରେ ପ୍ରତିଷ୍ଠା କରାଯାଇଛି ତାଙ୍କର ମୂର୍ତ୍ତି । ସେହିଭଳି ଆଉ ଏକ ମୂର୍ତ୍ତି ରହିଛି ପାଇକ ବିଦ୍ରୋହର ନାୟକ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, କୃତିବାସ ପାଟଶାଣୀ ଓ ମାଧବ ରାଉତରାୟଙ୍କ ସହ ଖୋର୍ଦ୍ଧା ଦେଇ ଯାଇଥିବା ଜାତୀୟ ରାଜପଥ ପାର୍ଶ୍ୱରେ । ଏହି ସବୁ ମୂର୍ତ୍ତି ମନେ ପକାଇଦିଏ ଜନ୍ମ ମାଟିର ମୁକ୍ତି ପାଇଁ ସେହି ମହାନାୟକ ମାନଙ୍କ ଦୁର୍ଦ୍ଧର୍ଷ ସଂଗ୍ରାମର କାହାଣୀ। ଯେଉଁ କାହାଣୀ ଆମ ସମସ୍ତଙ୍କ ପ୍ରାଣରେ ପ୍ରଜ୍ୱଳିତ କରିଥାଏ ଦେଶପ୍ରେମର ବହ୍ନି ।

+ଶଙ୍କରପୁର, ଚାରବାଟିଆ, କଟକ
ମୋ-୯୮୬୧୧୨୬୧୯୭

# ଅଧିକ 'ପାରାସିଟାମଲ୍' ଖାଉଛନ୍ତି କି ?: ହୋଇପାରେ ହୃଦ୍‌ଘାତ

କରୋନା କଳାରେ 'ପାରାସିଟାମଲ'ର ଚାହିଦା ଢ଼େର ବଢ଼ି ଯାଇଛି। ସବୁ ଥଣ୍ଡା ଜ୍ୱର ରୋଗୀ ଏବେ ପାରାସିଟାମଲ୍ ମେଡିସିନ୍‌କୁ ହିଁ ଖୋଜୁଛନ୍ତି। ଗୋଡ଼ ହାତ ବିନ୍ଧା ହୋଇ ଜ୍ୱର ହେଲେ ସାଧାରଣତଃ ପାରାସିଟାମଲ ଔଷଧ ଖିଆଯାଏ। ଶରୀର ତାପମାତ୍ରା କମ୍ କରିବା ପାଇଁ ଏହା ବେଶ୍ ଉପଯୋଗୀ। ତେବେ 'ପାରାସିଟାମଲ' ଔଷଧର ଲଗାତର ସେବନ ହୋଇପାରେ ଘାତକ। ପ୍ରତିଦିନ ଏହାକୁ ଖାଇବା ଦ୍ୱାରା ରକ୍ତଚାପ ବଢ଼ିବା ସହ ହଦୃଘାତ୍ ଆଶଙ୍କା ବଢ଼ିପାରେ।





'ଦ ଟେଲିଗ୍ରାଫ' ୟୁକେର ରିପୋର୍ଟ ଅନୁଯାୟୀ, ଏଡିନବର୍ଗ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ନିକଟରେ ୧୧୦ ଜଣ ରୋଗୀଙ୍କ ଉପରେ ଅଧ୍ୟୟନ କରିଥିଲେ। ଏମାନଙ୍କୁ ଏକ ସପ୍ତାହ ଯାଏଁ ଦିନରେ ଏକ ଗ୍ରାମ ହିସାବରେ ୪ ଥର ପାରାସିଟାମଲ ଔଷଧ ଖାଇବାକୁ ଦିଆଯାଇଥିଲା। ତେବେ ୪ ଦିନ ମଧ୍ୟରେ ପରାସିଟାମଲ ଦିଆଯାଉଥିବା ରୋଗୀଙ୍କ ମଧ୍ୟରୁ ୨୦ ପ୍ରତିଶତଙ୍କ ମଧ୍ୟରେ ରକ୍ତଚାପ ବଢ଼ିଯାଇଥିବା ଦେଖିବାକୁ ମିଳିଥିଲା। ହୃଦଘାତ କିମ୍ବା ଷ୍ଟ୍ରୋକ ହେବା ସମ୍ଭାବନା ମଧ ୨୦ପ୍ରତିଶତ ବଢ଼ିଯାଇଥିଲା। ଏଡିନବର୍ଗ ବିଶ୍ୱବିଦ୍ୟାଳର ପ୍ରଫେସର ଡେଭିଡ ୱେବ କହିବା ମୁତାବକ, 'ଆମେ ସର୍ବଦା ଭାବୁ ଯେ ରକ୍ତଚାପ କମାଇବା ପାଇଁ ଜଣାଶୁଣା ଆଇବୁପ୍ରୋଫେନ୍ ଭଳି ଔଷଧ ବ୍ୟବହାର ବନ୍ଦ କରିବାକୁ ଯଦି ଆମେ ରୋଗୀଙ୍କୁ ପରାମର୍ଶ ଦେବାକୁ ଚେଷ୍ଟା କରୁ, ତେବେ ପାରାସିଟାମଲ ଏକ ନିରାପଦ ବିକଳ୍ପ ହେବ। କିନ୍ତୁ ହୃଦଘାତ କିମ୍ବା ଷ୍ଟ୍ରୋକ ହେବାର ଆଶଙ୍କା ଥିବା ରୋଗୀମାନେ ପାରାସିଟାମଲ ବ୍ୟବହାର ବନ୍ଦ କରିବା ଉପରେ ଧ୍ୟାନ ଦେବା ଉଚିତ୍।' ସେ ଆହୁରି କହିଛନ୍ତି, 'ଆମେ ସୁପାରିଶ କରିବୁ ଯେ କ୍ଲିନିକାଲ ବିଶେଷଜ୍ଞମାନେ ପ୍ରଥମେ ରୋଗୀଙ୍କୁ ପାରାସିଟାମୋଲର କମ୍ ଡୋଜରୁ ଆରମ୍ଭ କରନ୍ତୁ ଏବଂ ଯନ୍ତ୍ରଣାକୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକତା ଠାରୁ ଅଧିକ ନ ଯାଇ ପର୍ଯ୍ୟାୟକ୍ରମେ ଏହାର ମାତ୍ରା ବୃଦ୍ଧି କରନ୍ତୁ। ଯେଉଁମାନଙ୍କର ଉଚ୍ଚ ରକ୍ତଚାପ ଥିବ, ସେମାନଙ୍କ କ୍ଷେତ୍ରରେ ଡାକ୍ତରମାନେ ଅଧିକ ଦାୟିତ୍ୱବାନ ହୋଇ ପ୍ରଥମେ କମ୍ ଡୋଜ୍‌ର ପାରାସିଟାମଲ୍ ଦେବା ଉଚିତ୍।' ସେହିପରି ବିଶେଷଜ୍ଞଙ୍କ କହିବା ମୁତାବକ, ଯନ୍ତ୍ରଣା ଦୂର କରିବା ପାଇଁ ଯେଉଁମାନଙ୍କର ପାରାସିଟାମଲ ଖାଇବା ନିହାତି ଜରୁରୀ, ସେମାନେ ତା' ପୂର୍ବରୁ ନିଜ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ଉଚିତ। ନଚେତ୍ ଏହା ହୃଦ୍‌ଘାତର କାରଣ ହୋଇପାରେ।

# ମକା ପରଟା

ଆବଶ୍ୟକ ସାମଗ୍ରୀ: ଅଟା, ସିଝା ମକା, କଟା ପିଆଜ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ହେଙ୍ଗୁ, ଲୁଣ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ମକାକୁ ଅଳ୍ପ ଲୁଣ ଦେଇ ସିଝାଇ ଦିଅନ୍ତୁ। ଏହାପରେ ଏକ ପାତ୍ରରେ ଅଟା ଆଣି ଆବଶ୍ୟକ ଅନୁସାରେ ଲୁଣ ଓ ତେଲ ପକାଇ ଭଲ ଭାବେ ଚକଟି ଦିଅନ୍ତୁ। ପରେ ତାକୁ ଗୋଳା କରି ରଖନ୍ତୁ। ଏବେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ଲାଲ୍ ହୋଇଗଲେ ସେଥିରେ ଲଙ୍କା ଗୁଣ୍ଡ, ହେଙ୍ଗୁ, ଲୁଣ ଓ ସିଝା ମକାକୁ ଭଲ ଭାବେ ଚକଟି ପକାଇ କଷନ୍ତୁ। ମସଲା ପ୍ରସ୍ତୁତ ହୋଇଯିବା ପରେ ତାକୁ ଥଣ୍ଡା ହେବାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଏହା ଥଣ୍ଡା ହେବା ପରେ ଅଟା ଗୋଳାକୁ ସାମାନ୍ୟ ଚେପଟା କରି ତା' ମଧ୍ୟରେ କଷା ହୋଇଥିବା ମସଲାକୁ ପୁର ଭଳି ଭର୍ତ୍ତି କରି ଚାରିପଟୁ ଚାପି



ବନ୍ଦ କରିଦିଅନ୍ତୁ। ପରେ ତାକୁ ପରଟା ବା ରୁଟି ପରି ବେଲି ଦିଅନ୍ତୁ। ଏବେ ତାୱାରେ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହେବା ପରେ ସେଥିରେ ବେଲି ରଖିଥିବା ପରଟାକୁ ପକାନ୍ତୁ। ଦୁଇ ପାଖ ଭାଜି ହୋଇଗଲା ପରେ ପରଟାକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ମକା ପରଟା'।

# ଚୋପା ସହ ଏହି ଫଳ ଏବଂ ପରିବା ଖାଇବା ଦ୍ୱାରା ଦୂର ହୁଏ ଏସବୁ ଶାରୀରିକ ସମସ୍ୟା

ସୁସ୍ଥ ରହିବା ପାଇଁ ତାଜା ଫଳ ଏବଂ ସବୁଜ ପରିବା ଖାଇବା ଅତ୍ୟନ୍ତ ଜରୁରୀ । ପ୍ରତିଦିନ ନିଜ ଭୋଜନରେ ତାଜା ଫଳ ଏବଂ ସବୁଜ ପରିବା ଖାଇବା ଦ୍ୱାରା ଶରୀର ସୁସ୍ଥ ରହିବା ସହ ରୋଗ ମୁକ୍ତ ହୋଇଥାଏ । କିନ୍ତୁ ଲୋକମାନେ ପରିବା ଏବଂ ଫଳ ଖାଇବା ସମୟରେ ତାହାର ଚୋପାକୁ କାଟି ଦେଇଥାନ୍ତି । କିଛି ଲୋକ ଚୋପାରେ କୌଣସି ଭିଟାମିନ୍ ନ ଥାଏ ବୋଲି ଭାବି ତାକୁ ଫିଙ୍ଗି ଦେଇଥାନ୍ତି । କିନ୍ତୁ ଚୋପାରେ ମଧ କିଛି ପୁଷ୍ଟିକର ତତ୍ତ୍ୱ ରହିଥାଏ, ଯାହା ଶରୀରକୁ ସୁସ୍ଥ ରଖିଥାଏ । ସେଥିପାଇଁ ଏହି ସବୁ ଫଳ ଏବଂ ପରିବା ଖାଇବା ସମୟରେ ତାହାର ଚୋପାକୁ ନ କାଢ଼ି ଚୋପା ସହ ଖାଇବା ଆରମ୍ଭ କରନ୍ତୁ ।

୧.ଯେଉଁ ଲୋକମାନେ ନିଜର ଓଜନ କମ କରିବାକୁ ଚାହୁଁଛନ୍ତି ସେମାନେ ଆମ୍ବକୁ ଚୋପା ସହ ଖାଇବା ଦରକାର । ଆମ୍ବର ଚୋପାରେ ଆଣ୍ଟିଅକ୍ସିଡ଼ାଣ୍ଟ ଏବଂ ଓମେଗା-୩ ଓ ୬ ଏସିଡ୍‌ରେ ଭରପୂର ହୋଇ ରହିଥାଏ । ସେଥିପାଇଁ ଆମ୍ବ ଚୋପା ନ ଫିଙ୍ଗି ଚୋପା ସହ ଖାଇବା ଆରମ୍ଭ କରନ୍ତୁ ।

୨.ଅଧିକାଂଶ ଲୋକ ସେଓର ଚୋପା କାଟି ଖାଇବାକୁ ପସନ୍ଦ କରିଥାନ୍ତି । କିନ୍ତୁ ଚୋପା ସହ ସେଓ ଖାଇବା ଦ୍ୱାରା ଶରୀରରୁ ଖରାପ କୋଲେଷ୍ଟ୍ରଲ କମ ହେବା ସହ ରକ୍ତରେ ଶର୍କରା ସ୍ତର କମ ହୋଇଥାଏ ।

୩.ଆଳୁ ଖାଇବା ପୂର୍ବରୁ ଲୋକମାନେ ତାହାର ଚୋପାକୁ କାଟି ଖାଇଥାନ୍ତି । କିନ୍ତୁ ଚୋପା ସହ ଆଳୁ ଖାଇବା ଦ୍ୱାରା ଆଳୁର ଚୋପାରେ ଥିବା



୭ଗୁଣ କ୍ୟାଲସିୟମ ଏବଂ ୧୭ଗୁଣ ଆଇରନ ଶରୀରକୁ ମିଳିଥାଏ ।

୪.ଗାଜର ଚୋପାରେ ପିଟା କେରୋଟିନ୍ ରହିଥାଏ, ଯାହା ଆଖି ପାଇଁ ଲାଭଦାୟକ ହୋଇଥାଏ । ଚୋପା ସହ ଗାଜର ଖାଇବା ଦ୍ୱାରା ତ୍ୱଚା ଉପରେ ସୂର୍ଯ୍ୟ କିରଣର କୌଣସି ପ୍ରଭାବ ପଡ଼ି ନଥାଏ।

# ଏହି ସବୁ ଜିନିଷ ସହ ମିଶାଇ କରନ୍ତୁ ବ୍ୟବହାର, ଦୂର ହେବ କେଶ ଝଡ଼ିବା ସମସ୍ୟା

ଆଜିକାଲି ପ୍ରଦୂଷଣର ମାତ୍ରା ବଢୁଥିବାରୁ ଏହାର ପ୍ରଭାବ ମଣିଷ ଶରୀର ଉପରେ ପଡୁଛି । ଖାସ୍ କରି କେଶ ଉପରେ ଏହାର ପ୍ରଭାବ ଅଧିକ ପଡୁଛି । ଶୀତଦିନେ ବାୟୁମଣ୍ଡଳରେ ପ୍ରଦୂଷଣର ମାତ୍ରା ଅଧିକ ଥିବାରୁ ଏହି ଦିନେ କେଶ ଅଧିକ ମାତ୍ରାରେ ଝଡ଼ିଥାଏ । ତେବେ କେଶ ଝଡ଼ିବା ସମସ୍ୟାକୁ ଗ୍ରୀନ୍ ଟିର ବ୍ୟବହାର କରି କିପରି ରୋକା ଯାଇପାରିବ ସେ ବିଷୟରେ ଆଜି ଆମେ ଆପଣଙ୍କୁ ଜଣାଇବୁ ।

୧. ପ୍ରଥମେ ୩-୪ଟି ଗ୍ରୀନ୍ ଟି ବ୍ୟାଗ୍ ନେଇ ୧୦-୧୫ ମିନିଟ୍ ଅଧା ଲିଟର ପାଣିରେ ବୁଡ଼ାଇ ରଖନ୍ତୁ । ଏହା ପରେ ସାମ୍ପୋ କରି କେଶକୁ ଭଲ ଭାବରେ ସଫା କରି ସାରିବା ପରେ ଗ୍ରୀନ୍ ଟିର ପାଣିରେ କେଶକୁ ଭଲ ଭାବରେ ଧୁଅନ୍ତୁ । ଏହାପରେ ସାଧା ପାଣିରେ କେଶକୁ ଧୋଇ ନିଅନ୍ତୁ । ମାସକୁ ୨-୩ଥର ଏପରି କରିବା ଦ୍ୱାରା କେଶରେ ଫରକ ଜାଣିପାରିବେ ।

୨.ଗ୍ରୀନ୍ ଟି ପାଉଡର ନେଇ ଏକ ମିଶ୍ରଣ ତିଆରି କରନ୍ତୁ । ଅନ୍ୟ ଏକ ପାତ୍ରରେ ଅଣ୍ଡାକୁ ଫଟାଇ ସେଥିରେ ଗ୍ରୀନ୍ ଟିର ମିଶ୍ରଣ ମିଶାନ୍ତୁ । ଦୁଇଟି ଜିନିଷକୁ ଭଲ ଭାବରେ ମିଶାଇ କେଶରେ ଭଲ ଭାବରେ ମାଲିସ୍ କରନ୍ତୁ। ଗୋଟେ ଘଣ୍ଟା ରଖିବା ପରେ ସଲ୍‌ଫେଟ୍ ମୁକ୍ତ ସାମ୍ପୋରେ କେଶକୁ ଧୋଇ ନିଅନ୍ତୁ ।

୩.ଗୋଟେ ପାତ୍ରରେ ଗ୍ରୀନ୍ ଟି ତିଆରି କରିବା ସହ ସେଥିରେ ଲେମ୍ବୁର



ରସ ମିଶାଇ ଭଲ ଭାବରେ ମିଶାଇ ଦିଅନ୍ତୁ । ଏହି ମିଶ୍ରଣରେ ନଡ଼ିଆ ତେଲ ମିଶାଇ କେଶରେ ଭଲ ଭାବରେ ମାଲିସ କରନ୍ତୁ । ୪-୫ମିନିଟ୍ ମାଲିସ କରିବା ପରେ ଅଧଘଣ୍ଟା ରଖି ଧୋଇ ନିଅନ୍ତୁ । ଫରକ ଜାଣି ପାରିବେ ।

# ଭାରତୀୟ ସଂଗୀତର ତିନି କିମ୍ବଦନ୍ତୀ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଜଣେ ଗାୟକ ଭାବରେ ମୁଖାର୍ଜୀଙ୍କ କ୍ୟାରିଅର୍ ମୁଖ୍ୟତଃ ବଙ୍ଗଳାରେ ଆଠ ଦଶନ୍ଧି ବ୍ୟାପିଥିଲା । ସେ ଅନେକ ହିନ୍ଦୀ ଚଳଚ୍ଚିତ୍ର ପାଇଁ ମଧ୍ୟ ଗୀତ ଗାଇଥିଲେ ।

ବାପି ଲାହିରିଙ୍କ ପରି ଥିଲେ ବଙ୍ଗଳାର ଅନ୍ୟ ଏକ ସଂଗୀତ କିମ୍ବଦନ୍ତୀ ସାନ୍ଧ୍ୟା ମୁଖାର୍ଜୀଙ୍କ ପରି ସଙ୍ଗୀତଜ୍ଞ । ଭାରତୀୟ ଚଳଚ୍ଚିତ୍ର ସଙ୍ଗୀତର ଶ୍ରେଷ୍ଠ ସଂଗୀତକାରମାନଙ୍କ ମଧ୍ୟରେ ବାପି ଲାହିରି ଅନ୍ୟତମ । ସେ ବଲିଉଡ ସଂଗୀତର ଧ୍ୱନି ଏବଂ ଅନୁଭବକୁ ବୈପ୍ଳବିକ କରି ଭାରତରେ ଡିସ୍କୋ ଆଣି ଅନେକ ଚିର ସବୁଜ ନମ୍ବର ବିତରଣ କରିଥିଲେ ଯାହାକି ଆଗାମୀ ବର୍ଷ ପାଇଁ ଲୋକପ୍ରିୟ ରହିବ ।

ବାପି ଲାହିରି ସଙ୍ଗୀତ ସହିତ ତାଙ୍କ ସୁନା ପିନ୍ଧାପାଇଁ ବେଶ ପରିଚିତ ହୋଇଥିଲେ । ବାପି ଏକ ସାକ୍ଷାତକାରରେ କହିଥିଲେ ଯେ, ସେ ଆମେରିକାର ପପ୍ ଷ୍ଟାର୍ ଏଲଭିସ୍ ପ୍ରେସ୍ଲିଙ୍କ ଦ୍ୱାରା ବହୁତ ପ୍ରଭାବିତ ହୋଇଥିଲେ । ପ୍ରେସଲି ତାଙ୍କ କନସର୍ଟ ସମୟରେ ଏକ ସୁନା ଚେନ୍ ପିନ୍ଧୁଥିଲେ । ତେଣୁ ସେ ପ୍ରେସଲିଙ୍କୁ ଦେଖୁଥିଲେ ଏବଂ ଭାବୁଥିଲେ ଯେ ଜୀବନରେ ସଫଳତା ହାସଲ କରିବା ପରେ ସେ ମଧ୍ୟ ନିଜର ଏକ ବଡ଼ ପରିଚୟ ସୃଷ୍ଟି କରିବେ । ପ୍ରେସ୍ଲି ଦ୍ୱାରା ପ୍ରଭାବିତ ହୋଇ ସେ ସୁନା ପିନ୍ଧୁଥିଲେ ଏବଂ ଏହା ତାଙ୍କ ପାଇଁ ବହୁତ ଲକି ମଧ୍ୟ ଥିଲା । ଅନ୍ୟପକ୍ଷରେ ତାଙ୍କର ସଉକ ଓ ଲୋକପ୍ରିୟ ଡିସ୍କୋ-ଇଲେକ୍ଟ୍ରୋନିକ୍ ସଙ୍ଗୀତ ବ୍ୟତୀତ, ବାପି ଲାହିରୀ ତାଙ୍କ ସାର୍ଟୋରିଆଲ୍ ଶୈଳୀର ଲୁକ୍ ପାଇଁ ସୁନା ଚେନ୍, ସୁବର୍ଣ୍ଣ ଅଳଙ୍କାର, ଭେଲଭେଟୀ କାର୍ଡିଗାନ୍ ଏବଂ ଚଷମା ପାଇଁ ବେଶ୍ ଜଣାଶୁଣା ଥିଲେ । ଭାରତୀୟ ସଙ୍ଗୀତ ଜଗତର ସେ ଥିଲେ ଜଣେ ଅବିସ୍ମରଣୀୟ ଚେହେରା । ବାସ୍ତବରେ ସେ ଏକାଧାରରେ ଜଣେ ସିଙ୍ଗର, କମ୍ପୋଜର, ରାଜନେତା, ରେକର୍ଡ ପ୍ରଡ୍ୟୁସର ଥିଲେ । ସେ ଭାରତୀୟ ମ୍ୟୁଜିକକୁ ଡିସ୍କୋ ମ୍ୟୁଜିକକୁ ଏକ ଅଲଗା ଷ୍ଟାଇଲରେ ନେଇ ଆସିଥିଲେ । ସେ ଡିସ୍କୋ ଡ୍ୟାନ୍ସର, ବାରଦାତ, ନମକ ହଲାଲ, ଶରାବୀ, କମାଣ୍ଡୋ ଫରି ଫିଲ୍ମରେ ହିଟ୍ ଟ୍ରାକ୍ ଦେଇ ଫେମସ୍ ହୋଇଥିଲେ ଏହା ଅଭୁଲା ହୋଇ ରହିବ ।

ସ୍ୱଳ୍ପ ବ୍ୟବଧାନରେ ଫେବୃଆରୀ ୬ରେ ଭାରତୀୟ ସଙ୍ଗୀତ ସରସ୍ୱତୀ ସାମାଜ୍ଞୀ ଲତା ଓ ଫେବୃଆରୀ ୧୫ରେ ସୁମଧୁର ବଙ୍ଗଳା ସଂଗୀତ ଗାୟିକା ଗୀତାଶ୍ରୀ ଓ ଫେବୃଆରୀ ୧୬ରେ ଭାରତର 'ଡିସ୍କୋ କିଙ୍ଗ' ବାପି ଲାହିରିଙ୍କୁ ମ୍ୟୁଜିକ୍ ଇଣ୍ଡଷ୍ଟ୍ରି ତିନୋଟି ରତ୍ନ ହରାଇଦେଇଛି... ସତରେ ଲତା, ଗୀତା, ବାପି ଯାଦ ରହା ହେ.. !!!

ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ -୪
(ମୋ)୯୦୪୦ ୧୫୧୪ ୭୫

# ଜିଲ୍ଲାର ୬ଟି ବୁଥ୍‌ରେ ସାନି ମତଦାନ ପାଇଁ ପ୍ରଶାସନ ପ୍ରସ୍ତୁତ

ଭଦ୍ରକ,୨୨/୦୨ (ନି.ପ୍ର): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ବେଳେ ଶୃଙ୍ଖଳାଭଙ୍ଗ ଜନିତ ମତଦାନ ବାଧାପ୍ରାପ୍ତ ଯୋଗୁଁ ଜିଲ୍ଲାର ୩ଟି ବ୍ଲକ୍‌ର ୬ଟି ବୁଥ୍‌ରେ ସାନି ମତଦାନ ପାଇଁ ଜିଲ୍ଲା ପ୍ରଶାସନର ସୁପାରିଶ୍ କ୍ରମେ ନିର୍ବାଚନ ଆୟୋଗ ଦ୍ୱାରା ଅନୁମତି ପ୍ରଦାନ କରାଯାଇଥିଲା । ଏଥିପାଇଁ ଆୟୋଗ ଦ୍ୱାରା ନିର୍ଦ୍ଧାରିତ ୨୩ ତାରିଖରେ ଉକ୍ତ ବୁଥ ଗୁଡ଼ିକରେ ପୁନଃ ମତଦାନ ପାଇଁ ପ୍ରଶାସନିକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇ ସାରିଛି । ମତଦାନ କାର୍ଯ୍ୟ ପାଇଁ ସମ୍ପୃକ୍ତ ବୁଥ୍ ଗୁଡ଼ିକୁ ପୋଲିଂ ଦଳ ପ୍ରେରଣ କରାଯାଇଛି । ଭଦ୍ରକ ବ୍ଲକ୍‌ର ଚଣ୍ଡୀଗାଁ ପଞ୍ଚାୟତରେ ଚଣ୍ଡୀଗାଁ ପ୍ରାଇମେରୀ ସ୍କୁଲରେ ୧,୨,୩ ଓ ୪ ନଂ ବୁଥ୍, ବନ୍ତ ବ୍ଲକ୍‌ର କେନ୍ଦୁଆପଦା ପଞ୍ଚାୟତର ୧୫ନଂ ଆମ୍ପୋର ବୁଥ୍ ଓ ଚାନ୍ଦବାଲି ବ୍ଲକ୍‌ର ୧୨ନଂ ବୁଥ ନାଲଗୁଣ୍ଡାରେ ଏହି ସାନି ମତଦାନ କାର୍ଯ୍ୟ ଅନୁଷ୍ଠିତ ହେବ । ଉଲ୍ଲେଖଯୋଗ୍ୟକି ଗତ ୧୬ ତାରିଖରେ ପ୍ରଥମ ପର୍ଯ୍ୟାୟ ମତଦାନରେ ଭଦ୍ରକ ଓ ବନ୍ତ ଏବଂ ୧୮ ତାରିଖ ଦିନ ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ ଚାନ୍ଦବାଲି ବ୍ଲକର ସଂପୃକ୍ତ ବୁଥ ଗୁଡ଼ିକରେ ମତଦାନ ବାଧାପ୍ରାପ୍ତ ହୋଇଥିଲା । ଉକ୍ତ ୬ଟି ବୁଥ ପାଇଁ ଅନୁଷ୍ଠିତ ହେବାକୁ ଥିବା ପୁନଃ ମତଦାନ ଯେପରି ଶାନ୍ତି ଶୃଙ୍ଖଳାର ସହିତ ସମାପିତ ହେବ ତାକୁ ଆଖି ଆଗରେ ରଖି ୩ଟି ଯାକ ଜାଗାରେ ପୂର୍ବାପେକ୍ଷା ବ୍ୟାପକ ପୋଲିସ୍ ମୁତୟନ ପାଇଁ ବ୍ୟବସ୍ଥା କରାଯାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଭୋଟର ତାଲିକାରେ ତ୍ରୁଟିକୁ ନେଇ....

ସ୍ଥାନରେ ଭୋଟର୍ ତାଲିକାରେ ତ୍ରୁଟି ଏବଂ ଯୋଗ୍ୟ ମତଦାତା ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବାରେ ଅସମର୍ଥ ହେବା ଖବର ଦୁଃଖ ଦାୟକ ଏବଂ ଗଣତନ୍ତ୍ର ପାଇଁ ଶୁଭ ଖବର ନୁହେଁ ଓ କିଛି ଦିନ ପୂର୍ବରୁ ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର କିଛି ବୁଥରେ ଡଙ୍ଗରିଆ ଭାଇ ଭଉଣୀ ମାନଙ୍କ ପାଖରେ ଭୋଟ ପରିଚୟ ପତ୍ର ଥାଇ ମଧ୍ୟ ନିଜ ନାଁ ଭୋଟର୍ ତାଲିକାରେ ନଥିବାରୁ ପ୍ରତିବାଦ ଓ ଆନ୍ଦୋଳନ କରିବା ସହ ନିଜ ନାଁ ତାଲିକାରେ ସାମିଲ କରିବା ପାଇଁ ପ୍ରତିବାଦ କରୁଥିବାର ଖବର ସାମ୍ନାକୁ ଆସିଥିଲା । ଯାହା ବେଶ ଦୁଃଖଦାୟକ । ଏହାସହ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପଡୋଶୀ ରାଜ୍ୟ ମାନଙ୍କ ସହ ଥିବା ସୀମା ବିବାଦ ଅଞ୍ଚଳର ଭାଇ-ଭଉଣୀ ମାନଙ୍କର ନାଁ ଭୋଟର ତାଲିକାରେ ନଥିବା କାରଣରୁ ସେମାନଙ୍କର ପ୍ରତିବାଦର ସ୍ୱର ଦେଖିବାକୁ ମିଳୁଛି । ସ୍ୱାଧୀନତାର ୭୫ ବର୍ଷ ପରେ ଆମେ ଆମର ଭୋଟର ତାଲିକା ସଠିକ୍ ଭାବରେ ପ୍ରସ୍ତୁତ ନକରିପାରିବା ଚିନ୍ତା ଓ ପରିତାପର ବିଷୟ । ଏହାସହ ଧର୍ମେନ୍ଦ୍ର କହିଛନ୍ତି, ରାଜ୍ୟ ସରକାରଙ୍କ ଖାମଖିଆଲୀ ଓ ମନମୁଖୀ କାର୍ଯ୍ୟ ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳର ଲୋକମାନେ ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବାରୁ ବଞ୍ଚିତ ହେଉଛନ୍ତି । ଭୋଟର ତାଲିକା ପ୍ରସ୍ତୁତି ପ୍ରକ୍ରିୟା ଏବଂ ଏହାକୁ ନିର୍ଭୁଲ କରିବା ପାଇଁ ଦାୟିତ୍ୱବାନ ଏବଂ ନିଷ୍ପାପର ଭାବେ କାର୍ଯ୍ୟ କରିବା ଉଚିତ ।

## ଷ୍ଟ୍ରଙ୍ଗରୁମ୍ ଉପରେ ତୀକ୍ଷ୍ଣ....

କଲାବେଳେ ପ୍ରାର୍ଥମାନଙ୍କ ଦ୍ୱାରା ନିଯୁକ୍ତ କରାଯାଇଥିବା ପ୍ରାଧିକୃତ ପ୍ରତିନିଧିମାନଙ୍କୁ ପ୍ରବେଶ ପଥରେ କଡ଼ାକଡ଼ି ଯାଂଚ କରାଯିବ, ଯେପରି କୌଣସି ବ୍ୟକ୍ତି ଗଣତି କେନ୍ଦ୍ର ମଧ୍ୟକୁ ମୋବାଇଲ୍ ଫୋନ୍, ସ୍ୱାଏପେନ୍ କିମ୍ବା କୌଣସି ପ୍ରକାରର ବୈଦ୍ୟୁତିକ ଯନ୍ତ୍ରପାତି ନେଇ ଯାଇପାରିବେ ନାହିଁ । ଭୋଟଗଣତି ପ୍ରକ୍ରିୟାରେ ବାଧାସୃଷ୍ଟି କଲା ଭଳି କୌଣସି ସାମଗ୍ରୀ ଭୋଟଗଣତି କେନ୍ଦ୍ର ମଧ୍ୟକୁ ଯାଇପାରିବ ନାହିଁ ବୋଲି ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଉପରୋକ୍ତ ସମସ୍ତ ନିଷୋଧାଦେଶଗୁଡ଼ିକ ମଧ୍ୟ ଭୋଟଗଣତି କାର୍ଯ୍ୟରେ ନିୟୋଜିତ ହୋଇଥିବା କର୍ମଚାରୀମାନଙ୍କ ପାଇଁ ମଧ୍ୟ ମଧ୍ୟ ଲାଗୁ କରାଯିବ। ଭୋଟଗଣତି କେନ୍ଦ୍ର ମଧ୍ୟକୁ ପାଣିବୋତଲ ନ ନେଇ କେନ୍ଦ୍ର ବାହାରେ ପାନୀୟ ଜଳର ବ୍ୟବସ୍ଥା କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି ।

## ନିର୍ବାଚନୀ ହିଂସା ନେଇଗଲା....

ବିଜେଡି କର୍ମୀଙ୍କ ଜୀବନ ଚାଲିଗଲା । ସେପଟେ ବିଜେଡି ଏନେଇ ବିଜେପିକୁ ଟାର୍ଗେଟ କରିଛି । ଭଦ୍ରକର ଧାମନଗର ଅଞ୍ଚଳରେ ଛାତି ଥରାଇଦେବା ଭଳି ନିର୍ବାଚନୀ ହିଂସା । ରାଜନୀତିର ତାତି ମୁଣ୍ଡକୁ ଏପରି ଚଢିଛି ଯେ, ଜଣେ ଅନ୍ୟ ଜଣଙ୍କ ଜୀବନ ନେବାକୁ ବି ପଛାଉନାହିଁ । ଦଳାଙ୍ଗ ପଞ୍ଚାୟତର ଜାହାଙ୍ଗିରି ଅଞ୍ଚଳରେ ଯେତେବେଳେ ବିଜେଡି ଓ ବିଜେପିର କର୍ମୀମାନେ ମୁହାଁମୁହିଁ ହୋଇଯାଇଥିଲେ, ସେତେବେଳେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । କୁହାଯାଉଛି, ପୂର୍ବତନ ମନ୍ତ୍ରୀ ତଥା ବିଜେପି ନେତା ମନମୋହନ ସାମଲ ନିଜ କର୍ମୀଙ୍କ ସହ ପ୍ରଚାରକୁ ଯାଇଥିଲେ ଏବଂ ସେହି ସମୟରେ ବିଜେଡିର ଏକ ଗୋଷ୍ଠୀ ସହ ମୁହାଁମୁହିଁ ହୋଇଥିଲେ, ଆଉ ତାପରେ ଆରମ୍ଭ ହୋଇଯାଇଥିଲା, ଆକ୍ରମଣ ପ୍ରତିଆକ୍ରମଣ । ନିର୍ବାଚନୀ ହିଂସାର ଭୟଙ୍କର ପରିଣତି । ହିଂସାକାଣ୍ଡରେ ବିଜେଡି କର୍ମୀଙ୍କ ମୃତ୍ୟୁ । ଏହି ଘଟଣାରେ ପ୍ରତାପ କୁମାର ରାଉତ ଗୁରୁତର ଆହତ ହୋଇଥିଲେ, ଏବଂ ତାଙ୍କୁ ହସ୍ପିଟାଲ ନେବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ବିଜେଡି କହିଛି, ରାଜନୈତିକ ଶତ୍ରୁତା ରଖି ବିଜେଡି କର୍ମୀଙ୍କୁ ହତ୍ୟା କରାଯାଇଛି । ତେବେ ଏନେଇ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ସେପଟେ ପୁଲିସ କହିଛି, ଘଟଣାର ତଦନ୍ତ ଚାଲିଛି, ଏବଂ ତଦନ୍ତ ରିପୋର୍ଟ ଅନୁସାରେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କିନ୍ତୁ ପ୍ରଶ୍ନ ଉଠୁଛି, ରାଜନୈତିକ ଶତ୍ରୁତା କେମିତି ସୀମା ଟପି ଯାଉଛି । ଏବଂ ନୀରିହ କର୍ମୀଙ୍କ ଜୀବନ ଯାଉଛି ।

## ପଞ୍ଚମ ପର୍ଯ୍ୟାୟ ପାଇଁ ....

ପ୍ରଚାର ଶେଷରେ ଗ୍ରାମବାସୀଙ୍କ ପାଇଁ ଭୋଜିର ବ୍ୟବସ୍ଥା କରିଥିଲେ ବିଧାୟକ । ସୁନ୍ଦରଗଡରେ ହାଇଭୋଲଟେଜ୍ ପ୍ରଚାର । ଭୋଟରଙ୍କୁ ମନେଇବାକୁ ନେତା ଅଭିନେତାଙ୍କ ପ୍ରୟାସ । ପଞ୍ଚମ ପର୍ଯ୍ୟାୟ ନିର୍ବାଚନର ଅଗ୍ନିପରୀକ୍ଷା ପାଇଁ ପ୍ରଚାର ଶେଷ ଦିନରେ ସୁନ୍ଦରଗଡରେ ହେଭିୱେଟ ନେତା ପ୍ରଚାର କରିଛନ୍ତି । ବିଜେଡି ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର, ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ବିଜେଡି ନେତା ଦିଲ୍ଲୀପ ତିର୍କୀ, ପୁରୁଖା ବିଜେଡି ନେତା ମଙ୍ଗଳା କିଶାନ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ମାଝି, ଯୋଗେଶ ସିଂଙ୍କୁ ନେଇ ବାଇକ ରାଲି କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଛନ୍ତି । ସେପଟେ ଅନ୍ତିମ ଦିନରେ ବିଜେପି ଜୋରଦାର ପ୍ରଚାର କରିଛି । ବାଜା ବାଜିଛି ଓ ବାଇକ ରାଲି ହୋଇଛି । ସିନେ ତାରକା ଶ୍ରୀତମ ଦାଶ ଓ ବିଧାୟିକା କୁସୁମ ଟେଟେ ବିଜେପି ପ୍ରାର୍ଥୀଙ୍କ ପାଇଁ ଗାଁ ଗାଁ ବୁଲି ପ୍ରଚାର କରିଛନ୍ତି । ସେପଟେ କଟକ ଜିଲ୍ଲା ବାଙ୍କି ବ୍ଲକର ବଳଭଦ୍ରପୁର ପଞ୍ଚାୟତରେ ପ୍ରଚାର କରିଛନ୍ତି ଓଲିଉଡ ଅଭିନେତା ସବ୍ୟସାଚୀ ଓ ଅର୍ଚ୍ଚିତା । ୩୪ ନମ୍ବର ଜୋନର ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ସେମାନେ ପ୍ରଚାର କରିଛନ୍ତି । ଦୁଇ ସିନେ ତାରକାଙ୍କୁ ପାଖରେ ଦେଖିବାକୁ ଲୋକଙ୍କ ଗହଳି ମଧ୍ୟ ଜମିଥିବା ଦେଖିବାକୁ ମିଳିଛି ।

## ଭୁବନେଶ୍ୱରରେ ୫୦ କିମି ବେଗରେ....

ଖଞ୍ଜା ଯାଇଛି । ଆଉ ଏହି କ୍ୟାମେରା ନିୟମ ଉଲ୍ଲଙ୍ଘଂନକାରୀଙ୍କ ଉପରେ ନଜର ରଖିବ । ୫୦ କିଲୋମିଟରୁ ଅଧିକ ବେଗରେ ଗାଡି ଚଲାଇଲେ ଚାଳକଙ୍କ ନମ୍ବରକୁ ଏସଏମଏସ ଜରିଆରେ ଚାଲାଣ ପଠାଯିବ । ଏହି ଜରିମାନା ବାବଦକୁ ୭ ହଜାର ଟଙ୍କା ଚାଲାଣ କଟାଯିବ । ଯଦି ସମ୍ପୃକ୍ତ ଗାଡି ଚାଳକ ତାଙ୍କର ଡ୍ରାଇଭିଂ ଲାଇସେନ୍ସ ଦେଖାନ୍ତି ତେବେ ଜରିମାନା ରାଶି ୨ ହଜାର ଟଙ୍କାକୁ କମାଇଦିଆଯିବ । ହେଲେ ଡ୍ରାଇଭିଂ ଲାଇସେନ୍ସକୁ ୩ ମାସ ପାଇଁ ବାତିଲ କରିଦିଆଯିବ । ଏଭଳି ୩ଥର ହେଲେ ଡ୍ରାଇଭିଂ ଲାଇସେନ୍ସ ସବୁଦିନ ପାଇଁ ବାତିଲ କରିଦିଆଯିବ ବୋଲି କୁହାଯାଇଛି । ରାଜ୍ୟରେ ବଢୁଛି ଦୁର୍ଘଟଣା ଜନିତ ମୃତ୍ୟୁ । ତେବେ ଏହାକୁ ରୋକିବା ପାଇଁ ପରିବହନ ବିଭାଗ ଅନେକ ପ୍ରୟାସ ଜାରି ରଖିଛି । ଏହାସହ ନିୟମ ମଧ୍ୟ କଡାକଡି କରିଛି । ଗାଡି ଚଳାଇବା ବେଳେ ହେଲମେଟ ଓ ସିଟ ବେଲ୍ଟ ବାଧ୍ୟତାମୂଳକ କରାଯାଇଛି । ଯଦି କେହି ଏହାକୁ ଉଲ୍ଲଘଂନ କରନ୍ତି ତେବେ ତାଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ହେଲେ ଏହାପରେ ବି ଦୁର୍ଘଟଣା ନକମିବାରୁ ଗାଡିର ବେଗରେ ଏବେ ଲଗାମ ଲଗାଯାଇଛି ।

## ଗରମପାଣିରେ ପଡ଼ି ଶିଶୁ ଗୁରୁତର

ନୀଳଗିରି, ୨୨/୦୨ (ନି.ପ୍ର): ନୀଳଗିରି ଏନ.ଏ.ସି. ଅର୍ନ୍ତଗତ ୧୧ନଂ. ୱାର୍ଡ ପଣ୍ଡା ଅଫିସ ଗ୍ରାମର ଏକ ଶିଶୁ ଗରମ ପାଣିରେ ପଡ଼ି ଗୁରୁତର ହୋଇଥିବା ସୂଚନା ମିଳିଛି । ସୂଚନା ଅନୁଯାଇ ମଙ୍ଗଳବାର ସକାଳ ପ୍ରାୟ ୭.୩୦ମି. ସମୟରେ କାଳିଆ ସିଂଙ୍କ ସ୍ତ୍ରୀ ଘରେ ଏକ ଚୁଲି ଜାଳି ତରକାରୀ ପାଇଁ ପାଣି ଗରମ କରୁଥିବା ବେଳେ ଆଦିତ୍ୟ ସିଂ(୧୯ମାସ) ର ଶିଶୁପୁତ୍ର ଜଣକ ଅସାବଧାନତାବଶତଃ ଉକ୍ତ ଗରମ ପାଣିରେ ପଡ଼ିଯାଇଥିଲା । ଗୁରୁତର ଶିଶୁଟିକୁ ତୁରନ୍ତ ନୀଳଗିରି ମେଡିକାଲ ଆଣି ଚିକିତ୍ସା କରାଯାଇଥିଲା । ଶିଶୁଟିର ବାମ ଛାତି ଏବଂ ବାମ ହାତରେ ଗୁରୁତର ଭାବେ ଚମଡ଼ା ଛାଡ଼ିଯାଇଥିବା ସୂଚନା ମିଳିଛି ।

## ହିଜାବ ବିବାଦରେ କର୍ଣ୍ଣାଟକ ହାଇକୋର୍ଟରେ ଶୁଣାଣି

ନୂଆଦିଲ୍ଲୀ, ୨୨/୦୨ : କର୍ଣ୍ଣାଟକର ଉଡୁପି ସରକାରୀ ବାଳିକା ପ୍ରି-ୟୁନିଭର୍ସିଟି କଲେଜରୁ ହିଜାବ ବିବାଦ ଆଜି ଶେଷ ହୋଇପାରେ । କର୍ଣ୍ଣାଟକ ହାଇକୋର୍ଟର ତିନି ଜଣିଆ ବେଂଚ ଶିକ୍ଷାନୁଷ୍ଠାନରେ ହିଜାବ ପିନ୍ଧିବାକୁ ଅନୁମତି ମାଗିଥିବା ଆବେଦନ ଉପରେ ଶୁଣାଣି କରୁଛନ୍ତି । ଗୋଟିଏ ଦିନ ପୂର୍ବରୁ ସୋମବାର ଦିନ ସରକାରଙ୍କ ତରଫରୁ ଆଡ଼ଭୋକେଟ ଜେନେରାଲ ସ୍ପଷ୍ଟ କରିଛନ୍ତି ଯେ, ହିଜାବ ଇସଲାମର ବାଧ୍ୟତାମୂଳକ ଅଭ୍ୟାସ ନୁହେଁ । ସୂଚନାଯୋଗ୍ୟ ଯେ, ଗତ ମାସରେ ଉଡୁପି ସରକାରୀ ବାଳିକା ମହାବିଦ୍ୟାଳୟରେ ହିଜାବ ପିନ୍ଧିବା ନେଇ ଆରମ୍ଭ ହୋଇଥିବା ବିବାଦର ସମାଧାନ ଏ ପର୍ଯ୍ୟନ୍ତ ସମାଧାନ ହୋଇନାହିଁ । ଝିଅ ମାନଙ୍କୁ ହିଜାବ ପିନ୍ଧିବାକୁ ବାରଣ କରାଯିବା ପରେ କଲେଜରେ ବହୁତ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିଲା ।

# ୩ ଦିନରେ ୪୪୬ ବୁଥ୍‌ର ଭୋଟ ଗଣତି : ଶେଷ ଦିନରେ ୨୪୬ ବୁଥ୍ ଗଣତି

ଜଳେଶ୍ୱର, ୨୨/୨(ନି.ପ୍ର) : ଜଳେଶ୍ୱର ବ୍ଲକର ତ୍ରିସ୍ତରୀୟ ନିର୍ବଚନର ଫଳାଫଳ ୨୬ରୁ୨୮ ତାରିଖ ମଧ୍ୟରେ ପ୍ରକାଶ ପାଇବା ନିର୍ବାଚନ ଅଧିକାରୀଙ୍କ ବିଜ୍ଞପ୍ତିରୁ ଜଣାଯାଇଛି । ମୋଟ ୩୫ଟି ପଂଚାୟତର ୪୪୬ଟି ବୁଥ୍‌ର ଭୋଟ ଗଣତି ହେବାକୁ ଥିବା ବେଳେ ୨୬ ତରାରିଖରେ ୭ନଂ ଜୋନ୍‌ର ୧୦୩ଟି ବୁଥ୍‌ର ଗଣତି କାର୍ଯ୍ୟ ଦୀନକୃଷ୍ଣ କଲେଜରେ ସକାଳ ୭.୪୫ମିରୁ ଆରମ୍ଭ ହେବ । ୨୭ ତାରିଖରେ ୮ନଂ ଜୋନ୍‌ର ୯୭ଟି ବୁଥ୍‌ର ନିର୍ବାଚନ ଫଳାଫଳ ପ୍ରକାଶ ହେବ । ୨୮ ତାରିଖରେ ୯ ଓ ୧୦ନଂ ଜୋନ୍‌ର ୨୪୬ଟି ବୁଥ୍‌ରେ ଭୋଟ ଗଣତି ସଂପର୍କରେ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି । ପ୍ରଥମ ଦୁଇଦିନରେ ୨୦୦ ବୁଥ୍‌ର ଗଣତି ହେବାକୁ ଥିବା ବେଳେ ଶେଷ ଦିନରେ ୨୪୬ ବୁଥ୍ ଗଣତି ଓ ଫଳାଫଳ ପ୍ରକାଶକୁ ନେଇ ଆଶଙ୍କା ପ୍ରକାଶ ପାଇଛି । ନିର୍ବାଚନ ପରେ ଭୋଟ ବାକ୍ସ ଦୀନକୃଷ୍ଣ କଲେଜରେ ରହିବାପର ଠାରୁ ପ୍ରତି ଗାଁର ଛକ ସ୍ଥାନ, ଯୁବକ ସଂଘ, ସର୍ବସାଧାରଣ ସ୍ଥାନରେ ବିଭିନ୍ନ କଳ୍ପନା ଜଳ୍ପନା ଆରମ୍ଭ ହୋଇଛି । ପ୍ରାର୍ଥି ମାନଙ୍କର ହାର ଜିତ୍ ନେଇ ବିଭିନ୍ନ ମହଲରେ ଅଂଶ କଷା ଆରମ୍ଭ ହୋଇଥିବା ବେଳେ ଚଳିତ ନିର୍ବାଚରେ ବିଳମ୍ବିତ ଗଣତି ଯୋଗୁଁ ପ୍ରାର୍ଥି ମାନଙ୍କ ଉତ୍କଣ୍ଠା ବଢି ବଢି ଚାଲିଛି । ପ୍ରକାଶଯୋଗ୍ୟ ୧୯୯୦ ମସିହା ପଂଚାୟତରାଜ ବ୍ୟବସ୍ଥାଠାରୁ ଅଦ୍ୟାବଧି ନିର୍ବାଚନ ପରେ ଫଳାଫଳ ବୁଥ୍‌ରେ ଅଘୋସିତ ଭାବେ ପ୍ରକାଶ ପାଉଥିବା ବେଳେ ଚଳିତଥର ପ୍ରାୟ ୧୦ଦିନ ପରେ ଗଣତି ହେବାକୁ ଯାଉଥିବାରୁ ଏଥିନେଇ ବହୁକଥା କୁହାଯାଇଛି ।

# ସାମ୍ବାଦିକଙ୍କ ଉପରେ ଆକ୍ରମଣକୁ ନିନ୍ଦା

ଲଙ୍ଗଳେଶ୍ୱର, ୨୨/୦୨ (ନି.ପ୍ର): ରାଜନୈତିକ ଅଭିସନ୍ଧି ରଖି ସାମ୍ବାଦିକଙ୍କ ଉପରେ ଆକ୍ରମଣ ନେଇ ଲଙ୍ଗଳେଶ୍ୱର ପ୍ରେସକ୍ଲବ ତରଫରୁ ନିନ୍ଦା ତଥା ଉଦବେଗ ପ୍ରକାଶ କରାଯାଇଛି ।ପ୍ରେସକ୍ଲବ ର ଆୟୋଜିତ ଏକ ବୈଠକରେ ସାମ୍ବାଦିକ ମାନଙ୍କ ସୁରକ୍ଷା ବାବଦରେ ଆଲୋଚନା ହେବା ସହିତ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ସାମ୍ବାଦିକ ଉପରେ ଆକ୍ରମଣ ରାଜନୈତିକ ଉଦେଶ୍ୟ ପ୍ରଣଦିତ, ହୀନ ରାଜନୀତି ବୋଲି ସମାଲୋଚନା କରାଯାଇଥିଲା ।ପୋଲିସର ଅପାରଗତା କୁ ଦାୟୀ କରାଯାଇଛି। ବନ୍ୟା, ବାତ୍ୟା ହେଉ ବା ସମାଜର ଦୁର୍ନୀତି ଅତ୍ୟାଚାର, ଲୋକଙ୍କ ଅସୁବିଧା ବେଳେ ପ୍ରଥମେ ସାମ୍ବାଦିକ ମାନେ ସାହାରା ହୁଅନ୍ତି ।ନିର୍ବାଚନ ସମୟରେ ସାମ୍ବାଦିକ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ତୁଲାଉଥିବା ସାମ୍ବାଦିକ ମାନଙ୍କୁ ନିର୍ବାଚନ କମିଶନ ଏବଂ ପୋଲିସର ପ୍ରଶାସନର ଦାୟିତ୍ୱ ବୋଲି ବୈଠକରେ ପୌରହିତ୍ୟ କରି ସଭାପତି ତଥା କନକ ଟିଭି ର ସାମ୍ବାଦିକ ରଞ୍ଜନ କୁମାର ବେହେରା କହିଥିଲେ ।ପୋଲିଂ କାର୍ଯ୍ୟରେ ନିୟୋଜିତ ସମସ୍ତ କର୍ମଚାରୀଙ୍କୁ ମିଳୁଥିବା ସୁରକ୍ଷା ସାମ୍ବାଦିକ ମାନଙ୍କୁ ମିଳିବା ଉଚିତ ବୋଲି ବରିଷ୍ଠ ସାମ୍ବାଦିକ ରବିରଂଜନ ତ୍ରିପାଠୀ କହିଥିଲେ। ଆକ୍ରମଣ କାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଭବିଷ୍ୟତରେ ସୁରକ୍ଷା ଯୋଗାଇଦେବାକୁ ଦାବି କରାଯାଇଛି ।ବୈଠକରେ ସାମ୍ବାଦିକ ସୁବଳ ଚନ୍ଦ୍ର ଦାସ,କମଳାକାନ୍ତ ଦାସ, ରାଧାଗୋବିନ୍ଦ ଦାସ, ସତ୍ୟରଞ୍ଜନ ସାହୁ, ପ୍ରଦୀପ, ସେନାପତି ଉପସ୍ଥିତ ଥିଲେ।

# ଦକ୍ଷିଣ ନରସିଂହପୁର ପଂଚାୟତର ୧୬୪ ନଂ. ବୁଥ୍‌ରେ ମତଦାନ ବନ୍ଦ

ନୀଳଗିରି, ୨୨/୦୨ (ନି.ପ୍ର): ଦକ୍ଷିଣ ନରସିଂହପୁର ପଂଚାୟତରେ ୫ନଂ. ୱାର୍ଡର ୧୬୪ ନଂ. ବୁଥ୍‌ରେ ବେଲେଟ୍ ପେପର ଫୋଲଡିଂ କୁ ନେଇ ବୁଥ୍‌ରେ ଉତେଜନା ଦେଖା ଦେଇଥିଲା ବେଳେ ସଂପୃକ୍ତ ବୁଥ୍‌ର ପ୍ରିଜାଇଡିଂ ଅଫିସରଙ୍କୁ ମତଦାନ ବନ୍ଦ କରିବାକୁ କେନ୍ଦ୍ର କରି ବୁଥ୍‌ରେ ଉତେଜନା ଲାଗିରହିଥିଲା । କୌଣସି ମତଦାତା ଭୋଟ ଦେବାକୁ ଯାଇ ନ ଥିଲେ । ଫଳରେ ଉକ୍ତ ବୁଥ୍‌ରେ ଉତେଜନା ସୃଷ୍ଟି ହୋଇଥିଲା । ଖବର ପାଇ



ନୀଳଗିରି ଉପଜିଲ୍ଲାପାଳ ଦିପ୍ତୀରଂଜନ ସେଠୀ, ଏସ.ଡି.ପି.ଓ. ରିତେଶ ମହାପାତ୍ର ଉକ୍ତ ବୁଥ୍‌ରେ ପହଂଚି ପରିସ୍ଥିତି ଅନୁଧ୍ୟାନ କରି ମତଦାନକୁ ବନ୍ଦ କରିଥିଲେ । ଏନେଇ ନୀଳଗିରି ଉପଜିଲ୍ଲାପାଳ ନିର୍ବାଚନ କମିଶନରଙ୍କୁ ଅବଗତ କରାଇଥିବା ସୂଚନା ଦେଇଛନ୍ତି । ନିର୍ବାଚନ କମିଶନଙ୍କ ଠାରୁ ନିର୍ଦ୍ଦେଶ ଆସିଲା ପରେ ଉକ୍ତ ବୁଥ୍‌ରେ ସାନି ମତଦାନ କରାଯିା ନେଇ ସୂଚନା ଦେଇଛନ୍ତି ।

## ପୋଲିଂ ବୁଥ୍‌ରେ ବୃଦ୍ଧାଙ୍କ ଜୀବନ ଗଲା; ଅଧୁରା ରହିଲା ଭୋଟ ଦେବା ସ୍ୱପ୍ନ

ନୀଳଗିରି, ୨୨/୦୨ (ନି.ପ୍ର): ଜୀବନ ପାଣି ଫୁଟୁକା । କାହାର ଜୀବନ କେତେବେଳେ ଯିବ ତାହା ଭଗବାନଙ୍କ ବିଧି ନିର୍ଦ୍ଦେଶ । ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ ବରହମପୁର ଗ୍ରାମରେ । ପଂଚାୟତ ନିର୍ବାଚନ ଭୋଟ ଦେବା ପାଇଁ ଘରୁ ସଅଳ ବାହାରି ଆସିଥିଲା ବୃଦ୍ଧାଜଣକ । ମାତ୍ର ବୁଥ୍‌ରେ ଭୋଟ ଦେବା ପାଇଁ ଧାଡ଼ିରେ ଠିଆ ହୋଇ ଥିବା ବେଳେ ହଠାତ୍ ଟଳି ପଡ଼ିଥିଲେ । ସେହି ଠାରେ ତାଙ୍କର ଜୀବନ ଚାଲିଯାଇଥିଲା । ସୂଚନା ଅନୁଯାଇ ବରହମପୁର ପଂଚାୟତ ୭ନଂ. ବୁଥ୍‌ରେ ଉକ୍ତ ଗ୍ରାମର ମଧୁ ବାରିକଙ୍କ ସ୍ତ୍ରୀ ସତ୍ୟଭାମା (୬୫) ଭୋଟ ଦେବା ପାଇଁ ଲାଇନ୍‌ରେ ଠିଆ ହୋଇଥିବା ବେଳେ ହଠାତ୍ ଟଳି ପଡ଼ିଥିଲେ । ତାଙ୍କୁ ତୁରନ୍ତ ବରହମପୁର ମେଡିକାଲ ଆଣିଥିଲେ । ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିବା ପରେ ଅଂଚଳରେ ଶୋକର ଛାୟା ଖେଳିଯାଇଥିଲା । ଏଭଳି ଘଟଣା ପରେ ଭୋଟ ଦେବାକୁ ଆସି ଜୀବନ ଚାଲି ଯିବା ପରେ ବୃଦ୍ଧାଙ୍କର ଭୋଟ ଦେବା ସ୍ୱପ୍ନ ଅଧୁରା ରହିଗଲା ବୋଲି ଚର୍ଚ୍ଚା ହେଉଛି ।

## ଗୁଣିଗାରେଡ଼ି ସନ୍ଦେହରେ ପ୍ରାର୍ଥୀଙ୍କୁ ଅଟକ, ଜଙ୍ଗଲରୁ ଉଦ୍ଧାର କଲା ପୋଲିସ

ନୀଳଗିରି, ୨୨/୦୨ (ନି.ପ୍ର): ନୀଳଗିରି ଥାନା ଖୁମ୍‌କୁଟ୍ ନିକଟସ୍ଥ ଗୁଡ଼ିଖୋଲା ଗ୍ରାମର ଭୋଳାନାଥ ମାଝୀ ସମିତିସଭ୍ୟ ପ୍ରାର୍ଥୀ ଭାବେ ଶ୍ୟାମସୁନ୍ଦରପୁର ପଂଚାୟତରେ ଛିଡ଼ା ହୋଇଥିଲେ । ଭୋଳାନାଥ ମାଝୀ ଜଙ୍ଗଲରେ ଥିବା ଠାକୁରାଣୀ ପୂଜା କରିବା ଓ ତାର ଗୋଟିଏ ଦିନ ପରେ ସେଠାକାର ଲୋକେ ଅସୁସ୍ଥ ହେବା ଘଟଣାକୁ ନେଇ ଭୋଳାନାଥ ମାଝୀଙ୍କ ଉପରେ ଗ୍ରାମବାସୀ ସନ୍ଦେହ କରିଥିଲେ । ମଙ୍ଗଳବାର ଭୋଳାନାଥଙ୍କୁ ପୂଜା କରିଥିବା ସ୍ଥାନକୁ ନେଇ ଜଙ୍ଗଲରେ ଅଟକ ରଖିଥିଲେ । ପୋଲିସ ଖବର ପାଇ ଘଟଣାସ୍ଥଳକୁ ଯାଇ ଉଦ୍ଧାର କରିଥିଲେ । ଏହା ସହ ଉକ୍ତ ବିଷୟକୁ ନେଇ ଶ୍ୟାମସୁନ୍ଦରପୁର ଗ୍ରାମ ପଂଚାୟତର ୧୦ନଂ. ବୁଥ୍‌ରେ ଉତେଜନା ଲାଗିରହିଥିବା ସହ ୨ଘଂଟା ଧରି ଭୋଟିଂ ବନ୍ଦ ରହିଥିଲା । ପ୍ରଶାସନ ବୁଥ୍‌ରେ ଥିବା ଲୋକଙ୍କୁ ବୁଝାଇ ଆରମ୍ଭ କରାଯାଇଥିଲା ମତଦାନ ପ୍ରକ୍ରିୟା ।

# ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତିଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର, ୨୨/୦୨ (ନି.ପ୍ର): ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମୟୁରଭଞ୍ଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେବଙ୍କ ଶ୍ରାଦ୍ଧ ଦିବସ ଅବସରରେ ଆଜି ସକାଳ ସମୟରେ ବରପୁତ୍ରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିକ୍ଷାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ଉତ୍କଳ ସମ୍ମିଳନୀ ସରଣୀରେ ନାମ ଫଳକ ନଲାଗିବା ଯୋଗୁଁ ଦୁଃଖ ପ୍ରକାଶ କରିଥିଲେ । ସୂଚନା ଯୋଗ୍ୟ ଯେ, ପାୱାର ହାଉସ ଛକରେ ଥିବା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେବଙ୍କ ପ୍ରତିମୂର୍ତି ପାଖରୁ ସିଆରପି ଛକ ପର୍ଯ୍ୟନ୍ତ ରାସ୍ତାର ନାମ ଉତ୍କଳ ସମ୍ମିଳନୀ ସରଣୀ । ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ରାଜ୍ୟ ସଂସ୍କୃତି ବିଭାଗର ଅନୁଶାସନ ସଚିବ ଲକ୍ଷ୍ମିଧର ବେହେରା ଯୋଗ ଦେଇ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତିଙ୍କୁ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେବ ସମ୍ମାନରେ ସମ୍ମାନୀତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବିଦ୍ଧୀ ଓ ବାସନ୍ତି ତ୍ରିପାଠି, ଭୁବନେଶ୍ୱର ଶାଖା ଉପ ସଭାପତି ସୁବ୍ରତ ମହାପାତ୍ର, ଯୁଗ୍ମ-ସମ୍ପାଦକ ସିଧାର୍ଥ ଶଙ୍କର ଗଡନାୟକ, ମହେଶ୍ୱର ବିଶ୍ୱାଳ, ଅକ୍ଷୟ କୁମାର ଜେଠୀ, ସମରଞ୍ଜନ ମହାନ୍ତି, ଦୀପ୍ତିମୟୀ ନାୟକ, ଶରତ ଚନ୍ଦ୍ର ସାହୁ, ଗୋପୀ ମୋହନ ପଟ୍ଟନାୟକ ଓ ରାମଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଁ ଥିଲେ ।

# ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗ : ଡିଆରକେ (ଏ) ଟିମ ବିଜୟୀ

ବାରିପଦା, ୨୨/୦୨ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ମିଳିତ ସହଯୋଗରେ ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗର ଆଜିର ମ୍ୟାଚରେ ଡିଆରକେ (ଏ) ବିଜେଏମସିସି ଦଳକୁ ୬ ଉଇକେଟରେ ପରାସ୍ତ କରିଛି ।



ପ୍ରଥମେ ବ୍ୟାଟିଂ କରି ବିଜେଏମସିସି ଦଳ ୩୯ ଓଭରରେ ସମସ୍ତ ଉଇକେଟ ହରାଇ ୧୪୨ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ବାସ୍ତବ କୁମାର ମହାନ୍ତ ୩୬ ରନ ଅରିଜୀତ ମିଶ୍ର ୨୩ ରନ କରିଥିବା ବେଳେ ବିପକ୍ଷ ଦଳର ମାରି ଲୋକନାଥ ୪ ଟି ଓ ସତ୍ୟନାରାୟଣ ଜୀଉ ୨ ଟି ଉଇକେଟ ଅକ୍ତିଆର କରିଥିଲେ । ଉତରରେ ଡିଆରକେ(ଏ) ଦଳ ୧୮.୩ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ମନୁ ରାମ ୬୩ ରନ, ଆଦିତ୍ୟ କୁମାର ବସା ୨୫ ରନ ଓ ସତ୍ୟନାରାୟଣ ଜୀଉ ୨୪ ରନ କରିଥିବାବେଳେ ବିପକ୍ଷ ଦଳର ଅରିଜୀତ ମିଶ୍ର ୨ ଟି ଉଇକେଟ ଅକ୍ତିଆର କରିଥିଲେ । ସତ୍ୟନାରାୟଣ ଜୀଉ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ଆଜିର ଖେଳକୁ ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ପରିଚାଳନା କରିଥିବାବେଳେ ସମ୍ମିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ । ଇ: ବିପ୍ଳବ ଭୁଗୁଡେଇ ଆଜିର ମ୍ୟାଚକୁ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆସୋସିଏସନର ଉପ ସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ତଥା ସହ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ, ଅମର କୁମାର ସେଠି, ବୈଦ୍ୟନାଥ ରଥ ଓ କ୍ରୀଡା ସଂଗଠକ ନିରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତାକାଲି ମା (ରେଡ) ଦଳ ଓ ଏମସିଏ ମଧ୍ୟରେ ଖେଳ ହେବ ବୋଲି କ୍ରିକେଟ ସହ ସମ୍ପାଦକ ହର ପ୍ରସାଦ ପାତ୍ର ଜଣାଇଛନ୍ତି ।

# ବିଶିଷ୍ଟ ଶିକ୍ଷକ, ସମାଜସେବୀ ତଥା ଗାନ୍ଧିବାଦୀ କେଶବ କରଙ୍କ ପରଲୋକ

ଜଳେଶ୍ୱର, ୨୨/୨(ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳର ଜଣେ ଆଦର୍ଶ ଶିକ୍ଷକ, ଛାତ୍ରବତ୍ସଳ, ସୁ-ସଂଗଠକ, ଗାନ୍ଧବାଦୀ ନେତା ତଥା ବହୁ ଅନୁଷ୍ଠାନ ସହିତ ଜଡିତ ଏବଂ ଗାନ୍ଧି ସେବାଶ୍ରମ ଓ ଈଶ୍ୱରଲାଲ ଶିଶୁ ମନ୍ଦିରର ପ୍ରତିଷ୍ଠାତା ସଂପାଦକ କେଶବ କର ୮୪ ବର୍ଷ ବୟସରେ ଆଜି ମଂଗଳବାର ସକାଳ ୯.୪୨ ମି. ରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁଶର୍ଯ୍ୟାନିକଟରେ ପୁତ୍ର ପ୍ରଦୀପ, ଦିଲ୍ଲିପ, ରାଜୀବ, ଝିଅ ଅମିତା, କବିତା, ସୁଜାତା, ଲିଲି, ଜ୍ୱାଇ ଓ ନାତି ନାତୁଣୀମାନେ ଉପସ୍ଥିତ ଥିଲେ । ୩୧-୧-୨୦୦୦ ମସିହାରେ ଶିକ୍ଷକତାରୁ ଅବସର ଗ୍ରହଣ କରି ୧୪-୮-୧୪ ପର୍ଯ୍ୟନ୍ତ ଗାନ୍ଧିସେବାଶ୍ରମର ପ୍ରତିଷ୍ଠାତା ସଂପାଦକ ହୋଇଥିଲେ । ଶାନ୍ତିଆସ୍ଥିତ ଶ୍ରୀନାଥଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଶ୍ରୀମା-ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତାଙ୍କର ଅନ୍ୟ କୃତି । ଜଣେ ସଚ୍ଚା କଂଗ୍ରେସ ନେତାଭାବେ ସ୍ଥାନୀୟ ଅଂଚଳରେ ବେଶ ଜଣାଶୁଣା । ତାଙ୍କ ମୃତ୍ୟୁ ଖବରପାଇ ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି, କନିଷ୍କ ବୋଧିସତ୍ୱ, ସୁଦର୍ଶନ ଦାସ, ବିପିନ ବିହାରୀ ବିଶ୍ୱାଳ, ବିଷ୍ଣୁପଦ ମହାନ୍ତି, କପିଳେଶ୍ୱର ମହାନ୍ତି, ସିତାଂଶୁ ସେନାପତି, ଅରୁଣ ବେଜ, ଅନୁଷ୍ଠାନର ପୂର୍ବତନ ପରିଚାଳକ ଜ୍ୟୋତିଷ କର, ରଜତ ଦାସ, ରିଆଜ ଖାଁ, ଦିଲ୍ଲିପ ଗିରି, ଡ. ଲଳିତ ରଂଜନ ସେନାପତି, ସାମ୍ବାଦିକ ଅଶ୍ୱିନୀ ନାଥ, ଜୟନ୍ତ ଦାସ, ପ୍ରଫୁଲ୍ଲ ଦାସ, ଅଶୋକ ଜେନା, ରଜନୀ ମଣ୍ଡଳ, ମାଣିକ ସାହୁ, ଶ୍ୟାମାଚରଣ ଦାସ, ବାପି ମହାନ୍ତି, ହେମନ୍ତ ଗିରି, ଜଗଦିଶ ନନ୍ଦି, ସୌଭିକ ମହାନ୍ତି, ଚିତ୍ତ ପରିଡା, ସୁଦାମ ପାତ୍ର, ତ୍ରିଲୋଚନ ନାୟକ, କମଳ ଚକ୍ରବର୍ତ୍ତୀ, ମନୋରଂଜନ ଦାସ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିଥିଲେ । ସୁବର୍ଣ୍ଣରେଖା ନଦୀକୂଳ ପଂଚୁଘଣ୍ଟା ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି ।

ବାଲେଶ୍ୱର, ବୁଧବାର, ୨୩ ଫେବୃଆରୀ, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ବାଲାଟବକ୍ସ ଷ୍ଟ୍ରଙ୍ଗ ରୁମ୍‌କୁ କଡ଼ା ସୁରକ୍ଷା ବଳୟରେ ରଖିବାକୁ କଂଗ୍ରେସର ଦାବି

ଭୁବନେଶ୍ୱର, ୨୨/୦୨ (ନି.ପ୍ର): ଭୋଟ୍ ବାକ୍ସକୁ ଷ୍ଟ୍ରଙ୍ଗ୍‌ରୁମରେ ରଖିବା ପରେ ଉକ୍ତ ୩୧୪ ବ୍ଲକର ଷ୍ଟ୍ରଙ୍ଗରୁମ୍ ଗୁଡ଼ିକୁ ଉଚ୍ଚ ସୁରକ୍ଷାବଳୟ ଭିତରେ ସୁରକ୍ଷିତ ରଖିବା ସହ ନିରନ୍ତର ବିଦ୍ୟୁତ ସରବରାହ ମଧ୍ୟରେ ଗଣତି ନ ସରିବା ଓ ଫଳାଫଳ ପ୍ରକାଶ ନହେବା ପର୍ଯ୍ୟନ୍ତ ସିସିଟିଭି କ୍ୟାମେରା ଯେପରି ବନ୍ଦ ନ ହୁଏ, ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ଯେପରି ସିସିଟିଭି ଫୁଟେଜକୁ ଭଲଭାବେ ଦେଖିବା ଲାଗି ବଡ଼ ଏଲ୍‌ସିଡି ଲଗାଇବାର ଆଶୁ ବ୍ୟବସ୍ଥା ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ବିଡ଼ିଓମାନେ ସୂଚାରୁରୂପେ ନିର୍ବାହନ କରିବେ ସେଥିଲାଗି ରାଜ୍ୟ ନିର୍ବାଚନ ଆୟୋଗ ପୋଲିସ ମହାନିର୍ଦ୍ଦେଶକଙ୍କୁ ଓ ମୁଖ୍ୟ ଶାସନ ସଚିବଙ୍କୁ ଅବିଳମ୍ବେ ସତର୍କବାଣୀ ସହ ନିର୍ଦ୍ଦେଶ ଦେବାକୁ ପିସିସି ପ୍ରତିନିଧି ଦଳ ଦାବି କରିଛନ୍ତି। ଅବାଧ, ମୁକ୍ତ ଓ ନୀରପେକ୍ଷ ନିର୍ବାଚନ ସମସ୍ତଙ୍କ ଲାଗି ଏକ ବଡ଼ ଆହ୍ୱାନ ହୋଇଥିବା ବେଳେ ଏ ଦିଗରେ ତ୍ୱରିତ ଓ ନିରନ୍ତର ଆଶୁ ପଦକ୍ଷେପ ନେବାରେ ରାଜ୍ୟର ବହୁ ଜାଗାରେ ବିଶୃଙ୍ଖଳା, ହିଂସା ଚରମ ସୀମାରେ ପଂହଚିଛି। ଯାଜପୁର ଜିଲ୍ଲାର ବିଂଝାରପୁର ବ୍ଲକର ବାଛୋଳ, ଜରୀ ଗ୍ରା.ପ.,କୋରେଇ ବ୍ଲକର ଗୋଳେଇପୁର ଗ୍ରା:ପର ସାନ ବିରୁହାଁ, ବସ୍ତା, ଭୋଗରାଇ ଓ ଜଳେଶ୍ୱର ଅଂଚଳରେ ପୋଲିସର ନୀରିହ ଜନସାଧାରଣଙ୍କୁ ଯେପରି ଆମାନୁଷିକ ଆକ୍ରମଣ, ଗିରଫଦାରୀ ଅତ୍ୟନ୍ତ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ ଅଟେ। ଜଣେ ନିରୀହ ଓ ନିର୍ଦ୍ଦୋଶ ଲୋକ ଯେପରି ଅସୁବିଧାରେ ନପଡ଼େ ସେଥିପ୍ରତି କମିଶନ ଆବଶ୍ୟକୀୟ ନିର୍ଦ୍ଦେଶ ଦେବାକୁ ପିସିସି ପ୍ରତିନିଧି ମଣ୍ଡଳୀ ଆୟୋଗଙ୍କ ନିକଟରେ ଦୃଢ଼ଦାବୀ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ମହିଳା କଂଗ୍ରେସ ସଭାପତି ଶ୍ରୀମତୀ ବନ୍ଦିତା ପରିଡ଼ା, ପିସିସି ମୁଖପାତ୍ର, ପଦ୍ମାକର ଗୁରୁ, ପିସିସି ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ, ପିସିସି ମୁଖପାତ୍ର ରଜନୀ ମହାନ୍ତି, ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ ମହାପାତ୍ର ପ୍ରମୁଖ ଏହି ପ୍ରତିନିଧି ମଣ୍ଡଳୀରେ ସାମିଲ ଥିଲେ।

## ମାତୃଗଣଙ୍କଦ୍ୱାରା ବିଶ୍ୱ ମାତୃଭାଷା ଦିବସ ପାଳିତ



ବାଲେଶ୍ୱର, ୨୨/୦୨ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ନିଆରା ଢଙ୍ଗରେ ଶାନ୍ତିକାନନଠାରେ ବିଶ୍ୱ ମାତୃଭାଷା ଦିବସ ପାଳନ କରା ହୋଇଯାଇଛି। ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ସଭାପତିତ୍ୱରେ ବାର ଜଣ ସାହିତ୍ୟିକା ବକ୍ତାଭାବରେ ଯୋଗଦାନ କରି ମାତୃଭାଷା ଓଡ଼ିଆର ମହନୀୟତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଭାଷାଗୁଡ଼ିକ ମଧ୍ୟରେ ସାଂସ୍କୃତିକ ବିବିଧତା ତଥା ବହୁଭାଷାବାଦ ସର୍ମ୍ପରେ ଜାଗରୁକତା ସୃଷ୍ଟି କରିବାପାଇଁ ୟୁନେସ୍କୋ ମାତୃଭାଷା ଦିବସକୁ ସ୍ୱୀକୃତି ପ୍ରଦାନ କରିଅଛି। ଏହାଦ୍ୱାରା ବାଂଲାଦେଶର ଭାଷା ଆନ୍ଦୋଳନ ଦିବସକୁ ଆନ୍ତରାଷ୍ଟ୍ରୀୟ ସ୍ୱୀକୃତି ମିଳିଅଛି। ଭାଷା ପାଇଁ ଲଢ଼େଇ କରି ଶହୀଦ ହେବା ଓ ଭାଷା ପାଇଁ ଏକ ସ୍ୱତନ୍ତ୍ର ଦେଶ ସୃଷ୍ଟି ହେବା ଭାଷାର ସମ୍ମାନ ପାଇଁ ଏକ ବୃହତ୍ତର କାର୍ଯ୍ୟ। ଚଳିତ ବର୍ଷ ପାଇଁ ଆନ୍ତର୍ଜାତୀୟ ମାତୃଭାଷା ଦିବସର ବିଷୟ ବସ୍ତୁ ହେଲା- 'ବହୁଭାଷୀ ଶିକ୍ଷାରେ ବୈଷୟିକ କୌଶଳର ପ୍ରୟୋଗ : ଆହ୍ୱାନ ଓ ସୁଯୋଗ'। ଏହି ବିଷୟବସ୍ତୁ ସହିତ ମାତୃଭାଷା ଦିବସର ତାତ୍ପର୍ଯ୍ୟ ଓ ଓଡ଼ିଆ ମାତୃଭାଷାର ସାର୍ବଜନୀନତା ସମ୍ପର୍କରେ ପ୍ରଫେସର ରଶ୍ମୀରେଖା ପତି, ଓଡ଼ିଶା ସାହିତ୍ୟ ଏକାଡେମୀର ସମ୍ବର୍ଦ୍ଧିତ ପ୍ରତିଭା ଅଞ୍ଜଳି ପଣ୍ଡା, ଅଧ୍ୟାପିକା କବି ଜ୍ୟୋସ୍ନା ରାୟ, ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ଯୁଗ୍ମସଂପାଦିକା ସୁବ୍ରତା ମହାନ୍ତି, କବି ସଂଯୁକ୍ତା ବିଶ୍ୱାଳ, ଗାଳ୍ପିକା ବାସନ୍ତୀ କର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଦେ, ସାରସ୍ୱତ ସାଧିକା ସଙ୍ଗୀତା ବାରିକ, ଗାୟିକା ତାନଶ୍ରୀ ପାଣିଗ୍ରାହୀ, କବି ବିନୀତା ସାହୁ, ଶିକ୍ଷୟିତ୍ରୀ ତୃପ୍ତିରାଣୀ ପାତ୍ର ଓ ଶିକ୍ଷୟିତ୍ରୀ ଶାନ୍ତିଲତା ପଣ୍ଡା ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଦୀପ ଚାଟାର୍ଜୀ ମଞ୍ଚାବାହନ କରିଥିବାବେଳେ ଦୀପକ ବୋଷ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। କଲ୍ୟାଣୀ ନନ୍ଦ ଆଲୋଚନାର ମୂଳ କଥା ଆରମ୍ଭ କରିଥିଲେ ଓ ସ୍ମୃତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବନବିଭାଗ ପକ୍ଷରୁ ଗୋଟିଏ ଟ୍ରାକ୍ଟର ଜାଳ କାଠ ଜବତ ୨ ଗିରଫ

ବଲାଙ୍ଗିର, ୨୨/୦୨ (ନି.ପ୍ର): ବଲାଙ୍ଗିର ବନବିଭାଗ ପକ୍ଷରୁ ଗୋଟିଏ ଟ୍ରାକଟର ବୋଝେଇ ଜାଳ କାଠ ଗତ କାଲି ପାଟଣାଗଡ଼ ରେଞ୍ଜ ମହଦାସାନି ସଂରକ୍ଷିତ ଜଙ୍ଗଲ ଭିତରୁ ଜବତ କରାଯାଇ ୨ ଜଣଙ୍କୁ ଗିରଫ କରାଯାଇଛି। ଜଙ୍ଗଲ ଭିତରେ ପଇଁତରା ମାରୁଥିବା ବେଳେ ଡେପୁଟି ରେଞ୍ଜର ଦିଲିପ ପଧାନଙ୍କ ନିର୍ଦ୍ଦେଶ ମୁତାବକ ପାଟଣାଗଡ଼ ରେଞ୍ଜ କର୍ମଚାରୀ ଫରେଷ୍ଟର ଭାଗବନ୍ତ ଦାଶ ଓ ବନରକ୍ଷୀ ଶ୍ୟାମ ସାହୁ ଏହି ଗାଡି କୁ ଧରିଥିବା ବେଳେ ଟ୍ରାକଟର ରେ ୭ କ୍ୱିଂଟାଲ ମହୁଲ, ସାହାଜ କାଠ ସମେତ ଟ୍ରାକଟର କୁ ଜବତ କରି ଅଣାଯାଇଛି।

## ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ 'ମାତୃଭାଷା ଦିବସ' ପାଳିତ



ବାରିପଦା, ୨୨/୦୨ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ "ମାତୃଭାଷା ଦିବସ" ପାଳିତ ହୋଇଯାଇଛି। ବିଦ୍ୟାଳୟର ଇକୋ କ୍ଲବ ପକ୍ଷରୁ ଆୟଜିତ ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ଇକୋ କ୍ଲବ ଭାରପ୍ରାପ୍ତ ଶିକ୍ଷକ ଅମିତାଭ ମିଶନଙ୍କ ସଂଯୋଜନାରେ "ମାତୃଭାଷାରେ ଶିକ୍ଷାଦାନର ଆବଶ୍ୟକତା" ଶୀର୍ଷକ ବିଷୟବସ୍ତୁ ଉପରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଛାତ୍ର ମାନସ କୁମାର ଜେନା ପ୍ରଥମ, ସୁରଜ କର ମହାପାତ୍ର, ଦ୍ୱିତୀୟ, ଶୁଭଙ୍କର ବେହେରା ଓ ଅମରନାଥ ବେହେରା ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶିକ୍ଷକ ପ୍ରଦୀପ କୁମାର ଦଣ୍ଡପାଟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ଉପେନ୍ଦ୍ର ନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଗୋଟିଏ ଦିନରେ ୪୨୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୨/୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୨୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୩୨୯୭ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୩୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୬୭୨୫୩ ହୋଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୯୫୫ ରହିଛି । ଆଜି ଚିହ୍ନଟ ହୋଇଥିବା ୪୨୮ ଜଣଙ୍କ ମଧ୍ୟରୁ ୨୪୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୭୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ସବୁଠାରୁ ଅଧିକ ୯୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୫, ବାଲେଶ୍ୱର ଜିଲ୍ଲାରୁ ୫ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀର ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧, କଟକରୁ ୨୭ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୧୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୨୮, ଗଂଜାମ ଜିଲ୍ଲାରେ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୪, ଯାଜପୁରରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୮ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୩୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୮, ଖୋର୍ଦ୍ଧାରୁ ୪୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୧୯ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୭ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ଭୋଟଦାନରେ ସାମିଲ ହେଲେ ସାଂସଦ, ବିଧାୟକ ଓ କଂଗ୍ରେସର ଯୁବନେତା



ନୀଳଗିରି, ୨୨/୦୨ (ନି.ପ୍ର): ନୀଳଗିରି ନିର୍ବାଚନମଣ୍ଡଳୀ ମଙ୍ଗଳବାର ଚତୁର୍ଥ ପର୍ଯ୍ୟାୟ ମତଦାନ ହୋଇଛି । ନୀଳଗିରି ବ୍ଲକ ଧୋବଶିଳା ପଂଚାୟତରେ ଗୋପିନାଥପୁର ସ୍କୁଲରେ ହୋଇଥିବା ଭୋଟ୍ କେନ୍ଦ୍ରରେ ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଭୋଟଦାନ କରିଥିଲେ । ଭୋଟ କେନ୍ଦ୍ରରେ ଭୋଟରଙ୍କ ସହିତ ଧାଡ଼ିରେ ଆସି ଭୋଟ ଦେଇଥିଲେ ଶ୍ରୀ ଷଡ଼ଙ୍ଗୀ। ଏଥିସହିତ ଭୋଟର ତାଲିକାରେ ନାମ ଥିବା ଭୋଟର ମାନଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ । ସେହିପରି କାଂଶ ପଂଚାୟତ ସଂଗ୍ରାମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ନିଜର ଭୋଟ ଦାନ କରିଥିଲେ । ଅନୁରୂପ ଭାବେ କଂଗ୍ରେସର ଯୁବନେତା ଆଶିଷ ପଟନାୟକ ବରହମପୁର ପଂଚାୟତ ବରହମପୁର ପ୍ରାଇମେରି ସ୍କୁଲରେ ଭୋଟ ଦାନ କରିଥିଲେ । ସ୍ଥାନୀୟ ପ୍ରଶାସନ ଓ ପୋଲିସ ପକ୍ଷରୁ ସମସ୍ତ ଭୋଟଦାନ କେନ୍ଦ୍ରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିଥିଲେ ।

## ୮୧% ପ୍ରତିଶତ ସହ ଶାନ୍ତିଶୃଙ୍ଖଳାରେ ମତଦାନ ଶେଷ

ନୀଳଗିରି, ୨୨/୦୨ (ନି.ପ୍ର): ଚତୁର୍ଥ ପର୍ଯ୍ୟାୟ ପଂଚାୟତ ନିର୍ବାଚନ ନୀଳଗିରି ବ୍ଲକର ୨୫ ଗୋଟି ପଂଚାୟତରେ ଶାନ୍ତିଶୃଙ୍ଖଳା ସହ ମତଦାନ ସମାପ୍ତ ହୋଇଛି । ୨୫ଗୋଟି ପଂଚାୟତରେ ମୋଟି ୩୫୫ଟି ଭୋଟ କେନ୍ଦ୍ର ହୋଇଥିବା ବେଳେ କୌଣସି ବୁଥ୍‌ରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇ ନାହିଁ। ନିର୍ବାଚନ ଅଫିସର ଙ୍କ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ୮୧% ମତଦାନ ହୋଇଥିବା ଜଣାପଡ଼ିଛି। ଉକ୍ତ ବ୍ଲକରେ ୯୬୪୯୧ଜଣ ଭୋଟର ଥିବା ବେଳେ ୭୮୧୭୧ଜଣ ମତଦାନ କରିଛନ୍ତି। ସେଥିମଧ୍ୟରୁ ୩୮୫୪୩ଜଣ ପୁରୁଷ ଭୋଟର ଭୋଟ ଦେଇଥିବା ବେଳେ ୩୯୬୨୮ଜଣ ମହିଳା ଭୋଟର ନିଜର ମତଦାନ କରିଛନ୍ତି । ଚତୁର୍ଥ ପର୍ଯ୍ୟାୟ ପଂଚାୟତ ନିର୍ବାଚନରେ ନୀଳଗିରି ପୋଲିସ ପକ୍ଷରୁ କଡ଼ାକଡ଼ି ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ବିଭିନ୍ନ ବୁଥ୍‌କୁ ପୋଲିସ ମୋବାଇଲ୍ ପାର୍ଟି ମୁତୟନ କରାଯାଇଥିଲା । ୩୫୫ଟି ବୁଥ୍ ମଧ୍ୟରୁ ୮ଟି ସମ୍ବେଦନଶୀଳ ବୁଥ୍ ରହିଥିଲା ବେଳେ ୫ଟି ପିଙ୍କ୍ ବୁଥ୍ କରାଯାଇଥିଲା । ପ୍ରତ୍ୟେକ ବୁଥ୍‌ରେ ଭୋଟରମାନେ ଧାଡ଼ିରେ ଶୃଙ୍ଖଳିତ ଭାବରେ ନିଜ ନିଜର ମତଦାନ ସାବ୍ୟସ୍ତ କରିଛନ୍ତି ।

## ଷ୍ଟ୍ରଙ୍ଗରୁମ୍‌ରେ ଥିବା ଭୋଟ ବାକ୍ସର ସୁରକ୍ଷା ନେଇ ସାମ୍ବାଦିକ ସମ୍ମିଳନୀରେ ବର୍ଷିଲେ ବିଜେପି ନେତା

ଜଳେଶ୍ୱର, ୨୨/୨(ନି.ପ୍ର): ଜଳେଶ୍ୱର ବ୍ଲକର ପଂଚାୟତ ନିର୍ବାଚନ ଶେଷ ପରେ ସୁରକ୍ଷା ଲାଗି ୪୪୬ ଭୋଟ ବାକ୍ସ ଦିନ କୃଷ୍ଣ କଲେଜ ଷ୍ଟ୍ରଙ୍ଗ ରୁମ୍‌ରେ ରଖାଯାଇଛି । ୨୪ ଘଣ୍ଟିଆ ସିସି କ୍ୟାମେରା, ପୁଲିସ୍ ପ୍ରହରା ମଧ୍ୟରେ ଏହି ଭୋଟବାକ୍ସ ଥିବା ବେଳେ ପ୍ରାର୍ଥି ଓ ସର୍ବସାଧାରଙ୍କ ନିମନ୍ତେ ସିସି ଟିଭି ଡିସ୍‌ପ୍ଲେର ବ୍ୟବସ୍ଥା ହୋଇଛି । କିନ୍ତୁ ଏପରି ବ୍ୟବସ୍ଥାକୁ ଭାରତୀୟ ଜନତାପାଟି ସମାଲୋଚନା କରିଛି । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଅବ୍ୟବସ୍ଥା ମଧ୍ୟରେ ଭୋଟ ବାକ୍ସ ସଂପର୍କରେ ପ୍ରଶାସନକୁ ଦାୟୀ କରି ବିଭିନ୍ନ ମନ୍ତବ୍ୟ ଦେଇଛନ୍ତି । ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାରେ ଭୋଟ ବାକ୍ସ ଉପରେ ୨୪ ଘଣ୍ଟିଆ ପ୍ରହରା ଲାଗି ମାତ୍ର ୯ଜଣ ପୁଲିସ୍‌ର ବ୍ୟବସ୍ଥା ରହିଛି । ଏଥିରୁ ଜଣଙ୍କର ଘର ବିଧାୟକଙ୍କ ଗାଁରେ ହୋଇଥିବାରୁ ସେଥିନେଇ ସଂନ୍ଦେହ ପ୍ରକଟ ଓ ନିର୍ବାଚନ ଆଚରଣ ଉଲଙ୍ଘନ ସଂପର୍କରେ କହିଛନ୍ତି । ଭୋଟ ବାକ୍ସ ଥିବା ୪ଟି ରୁମ୍‌ରେ ସିସି କ୍ୟାମେରା ବ୍ୟବସ୍ଥା ହୋଇଥିଲେ ମଧ୍ୟ ୪୪୬ଟି ଭୋଟ ବାକ୍ସ ଥିବା ସ୍ଥାନ ଗୁଡିକ ଡିସ୍‌ପ୍ଲେ ହେଉନାହିଁ । କଲେଜ କୋଠାର ପାର୍ଶ୍ୱ କିମ୍ବା ପଛକୁ ସିସି ଟିଭିର ବ୍ୟବସ୍ଥା ନାହିଁ । ବିଦ୍ୟୁତ୍ ସରବରାହ ବନ୍ଦ ପରେ ଜେନେରେଟେର ବ୍ୟବସ୍ଥା ନ ରହିବାକୁ ସେମାନେ ସନ୍ଦେହ ପ୍ରକଟ କରିଛନ୍ତି । ଷ୍ଟ୍ରଙ୍ଗରୁମ୍‌ର ଏକ ଚାବି ନିଳଗିରିର ଉପଜିଲାପାଳ ନିକଟରେ ଥିବା ବେଳେ କିଛିଦିନ ପୂର୍ବରୁ ସେ ଜଳେଶ୍ୱର ବ୍ଲକର ବିଡିଓ ଥିବାରୁ ତାଙ୍କ କାର୍ଯ୍ୟକଳାପ ସେତେବେଳେ ଏକ ପାଖିଆ ଥିବା ବେଳେ ଏବେ ସନ୍ଦେହ ଘେରକୁ ଆସିଛି । ଏ ସମ୍ପର୍କରେ ସେମାନେ ରାଜ୍ୟ ନିର୍ବାଚନ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବୋଲି ଫାଲ୍‌ଗୁନି ପାଣିଗ୍ରାହୀ, ଶାନ୍ତନୁ ପଟ୍ଟନାୟକ, ତନ୍ମୟ ଚାନ୍ଦ, ରାଜେନ୍ଦ୍ର ସିଂ, ସବିତା ଜେନା, ବିଶ୍ୱନାଥ ଦାସ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ।

## ଫୁଲବାଣୀ ନଦୀଖଣ୍ଡି ସାହିରୁ ବରିଷ୍ଠ ନାଗରିକ ନିଖୋଜ

କନ୍ଧମାଳ, ୨୨/୦୨ (ନି.ପ୍ର): ଫୁଲବାଣୀ ସହରରେ ଥିବା ନଦୀଖଣ୍ଡି ସାହିର ଜଣେ ବରିଷ୍ଠ ନାଗରିକ ଗତ ୧୫ ତାରିଖରୁ ନିଖୋଜ ହୋଇଥିବା ନେଇ ଫୁଲବାଣୀ ଟାଉନ୍ ଥାନା ରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ନିଖୋଜ ବ୍ୟକ୍ତିଙ୍କ ନାମ ଗୋଲଖଚନ୍ଦ୍ର ଶତପଥୀ (୮୦)ବୋଲି ଟାଉନ୍ ଥାନା ଅଧିକାରୀ ଶୁସାନ୍ତ କୁମାର ସେଠୀଙ୍କ ସୂତ୍ରରୁ ଜଣାପଡିଛି। ତାଙ୍କର ଘର ପୁରୀ ଜିଲ୍ଲା କାକଟପୁର ରେ ଏବଂ ସେ ଫୁଲବାଣୀ ନଦୀଖଣ୍ଡି ସାହିରେ ରହୁଥିଲେ। ତାଙ୍କୁ ଦେଖିଲେ ଫୁଲବାଣୀ ଟାଉନ ଥାନା ପୋଲିସକୁ ସୂଚନା ଦେବା ପାଇଁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି।

## ଉଦଳାରେ ବିଶ୍ୱମାତୃଭାଷା ଦିବସ ପାଳିତ




ଉଦଳା, ୨୨/୦୨ (ନି.ପ୍ର): ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ତରଫରୁ ଚଳିତ ଫେବୃଆରୀ ୨୧ ତାରିଖ ସୋମବାର ଦିନ ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣାକେନ୍ଦ୍ର, ଅରୋବିହାର ପରିସରରେ 'ବିଶ୍ୱ ମାତୃଭାଷା ଦିବସ' ପାଳିତ ହୋଇ ଯାଇଛି । ଆଜିର ଦିନରେ ଶ୍ରୀ ମା' ଙ୍କର ୧୪୫ ତମ ଜୟନ୍ତି ପଡୁଥିବାରୁ ପ୍ରାରମ୍ଭରେ ସମସ୍ତେ ମା'ଙ୍କ ଫଟୋ ଚିତ୍ରରେ ପୁଷ୍ପ, ଧୂପ ଅର୍ପଣ କରି ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ପୂଜାର୍ଚ୍ଚନା କରିଥିଲେ । ଏହାପରେ ସେବା ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡା, ବିଶ୍ୱ ମାତୃଭାଷା ଦିବସ ପାଳନର ଉଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ପରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋରଚନ୍ଦ୍ର ଦାସବାବୁଙ୍କ ସଭାପତିତ୍ୱରେ ବିଶ୍ୱ ମାତୃଭାଷା ଦିବସ ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଆଲୋଚକ ଭାବରେ ଅବସରପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାହୁ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ସନାତନ ରାଉତ, ଲୁଇପା ମହୋତ୍ସବ ପାଳନ କମିଟିର ସଦସ୍ୟ ନରେନ୍ଦ୍ର ରାଉତ, କବି କରୁଣାକର ଦାସ, ବଳଭଦ୍ରପୁରସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ପ୍ରତିଷ୍ଠାତା ବିଜୟ କୁମାର ମିଶ୍ର, ଭକ୍ତିଜ୍ଞାନ ସଂଚାର ସମିତିର ଅଧକ୍ଷ ଲକ୍ଷ୍ମୀଧର ପୁଥାଳ ପ୍ରମୁଖ ଅଂଶ ଗ୍ରହଣ କରି ଭାବର ଆଦାନ ପ୍ରଦାନ ସହିତ ଅନ୍ତରର କୋହ କେବଳ ନିଜ ମାତୃ ଭାଷାରେ ଜଣେ ବ୍ୟକ୍ତ କରିପାରେ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପବିତ୍ର ମୋହନ ବେହେରା, ପ୍ରଫୁଲ କୁମାର ଖିଲାର, ସତ୍ୟବ୍ରତ ମିଶ୍ର ଅଂଶ ଗ୍ରହଣ କରି ମାତୃଭାଷା ପାଇଁ କିପରି ଅତିତରେ ଆନ୍ଦୋଳନ ମୁଣ୍ଡ ଟେକିଥିଲା ଓ ରକ୍ତାକ୍ତ ବିପ୍ଳବ ସହିତ ଏକ ସ୍ୱତନ୍ତ୍ର ଦେଶ 'ବାଂଲାଦେଶ' ଜନ୍ମ ନେଇଥିଲା ବର୍ଣ୍ଣନା କରିବା ସହିତ ଉକ୍ତ ଘଟଣା ପାଇଁ ମିଳିତ ଜାତିସଂଘ ତରଫରୁ ବିଶ୍ୱ ମାତୃଭାଷା ଦିବସ କିପରି ସମଗ୍ର ପୃଥିବୀରେ ସମସ୍ତ ଦେଶରେ ପାଳିତ ହୋଇ ଆସୁଅଛି ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ଏହାପରେ ମହେନ୍ଦ୍ର ମାର୍ଣ୍ଡି, ରୁକମଣି ସାହୁ, ତିଳତମା ମହାନ୍ତି ଓ ଲଳିତ ବେହେରା ବିଶ୍ୱମାତୃଭାଷା ଦିବସକୁ କେନ୍ଦ୍ର କରି ସ୍ୱରଚିତ କବିତା ପାଠ କରିଥିଲେ । ପ୍ରାରମ୍ଭରେ ସଂଗଠକ ମନୋରଂଜନ ମଲ୍ଲିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

## ଶୁଭଶଙ୍ଖ ସାହିତ୍ୟ ଅନୁଷ୍ଠାନ ତରଫରୁ କବିତାରେ ବସନ୍ତରାଗ କବିତା ପାଠୋତ୍ସବ : ଋତୁରାଜ ବସନ୍ତ ନୂତନ ସୃଷ୍ଟି ପାଇଁ ଆହ୍ୱାନ ଦିଏ : ଅତିଥି




ବାରିପଦା, ୨୨/୦୨ (ନି.ପ୍ର): ସାହିତ୍ୟ ଓ ସମାଜ ପ୍ରତି ପ୍ରତିବଦ୍ଧତା ରଖିଥିବା ଶୁଭଶଙ୍ଖ ସାହିତ୍ୟ ଅନୁଷ୍ଠାନ ତରଫରୁ କବିତାରେ ବସନ୍ତ ରାଗ ଶୀର୍ଷକରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଏହି ଦ୍ୱିତୀୟ ମାସିକ ସାହିତ୍ୟ ଆସର କାର୍ଯ୍ୟକ୍ରମ ଡଃ ତରୁଣ କୁମାର ଓଝାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସାହିତ୍ୟିକ ତଥା ଅନୁଷ୍ଠାନର ସମ୍ପାଦକ ସଞ୍ଜୟ କୁମାର ଚୌଧୁରୀ ବସନ୍ତ ଉପରେ ଆଧାରିତ ଝୁମର ପରିବେଷଣ କରି ଆସରକୁ ଝୁମେଇ ଦେଇଥିଲେ । ଡଃ ପୁଷ୍ପା ପାତ୍ର ଏବଂ ପ୍ରଧାପିକା ଉଷା ଶତପଥୀଙ୍କ ସଂଯୋଜନାରେ ବରେଣ୍ୟ କବି ଡ଼ଃ ଫନୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କବି କଳ୍ପନାରେ ବିଭିନ୍ନ ଋତୁର ବର୍ଣ୍ଣନା କରିପାରେ ବୋଲି କହିବା ସହ ଋତୁରାଜ ବସନ୍ତ ନୂତନ ସୃଷ୍ଟି ପାଇଁ ଆହ୍ୱାନ ଦିଏ କ୍ଷ ପତ୍ର ଝଡାର ଥୁଣ୍ଟା ଗଛରେ ନୂତନ ପତ୍ର ଉତ୍ତର ପୀଢ଼ିଙ୍କୁ ତା ଆସିବାର ସୂଚନା ଦିଏ ବୋଲି କହିଥିଲେ । ଏହି ଅବସରରେ ଡ଼ଃ ମହାନ୍ତି କଳା କ୍ଷେତ୍ର ବାରିପଦା ଏବଂ ମୟୂରଭଞ୍ଜ ଜିଲ୍ଲାର ପ୍ରାକୃତିକ ମନୋରମ ପରିବେଶ ସାହିତ୍ୟ ସର୍ଜନା ପାଇଁ ବେଶଉତ୍କୃଷ୍ଟ ଏବଂ ଏହି ମାଟି ପ୍ରତି ମାଆ ବୀଣାପାଣିଙ୍କ ଆଶୀର୍ବାଦ ଅଛି ବୋଲି କହିଥିଲେ । ଏହି ଅବସରେ ସେ ତାଙ୍କର ସ୍ୱରଚିତ କବିତା ଆସିବାର ଅଛି କୁ ଆବୃତ୍ତି କରିଥିଲେ । ପରେ ପରେ ଡଃ ସୁରେନ୍ଦ୍ର ନାଥ ତ୍ରିପାଠୀ, ଡଃ ଜ୍ୟୋତ୍ସ୍ନାମଞ୍ଜରୀ ତ୍ରିପାଠୀ, ସୁରଞ୍ଜନ ପାତ୍ର, ଅଧ୍ୟାପକ କୈଳାସ ସାହାଣୀ, ବିଦ୍ୟାଧର ତରେଇ, ଡଃ ବିଭୁଦତ୍ତ ନାୟକ, ବନ୍ଦିତା ଦାଶ, ରାଜଲକ୍ଷ୍ମୀ ତ୍ରିପାଠୀ, ଅବସରପ୍ରାପ୍ତ ଅଧକ୍ଷ ହରିହର ଦାସ କାବେରୀ ମିଶ୍ର, ଜଗନ୍ନାଥ ସାହୁ, ରଶ୍ମିତା ପାତ୍ର, ତାନଶ୍ରୀ ପାଣିଗ୍ରାହୀ, ଜୟନ୍ତୀ ରଣା, ସୀମାଞ୍ଚଳ ପଣ୍ଡା, ଡଃ ଦିଗମ୍ବର ଗିରି, କ୍ଷଣପ୍ରଭା ମହାନ୍ତି ପ୍ରମୁଖ ତାଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ଆଭାସୀ ମାଧ୍ୟମ ରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ବୀରେନ ଦାସ, ଡଃ ଶ୍ୟାମ ସୁନ୍ଦର୍ ଦାସ, ମୁମ୍ବାଇରୁ ବରିଷ୍ଠ କବୟିତ୍ରୀ ପାରମିତା ଷଡଙ୍ଗୀ, ଲାବଣ୍ୟ ନାୟକ, ଗୋବିନ୍ଦ ପ୍ରଧାନ, ଅନୁଜ ଦାସ, ଆଡଭୋକେଟ ସୁଜାତା ମିଶ୍ର , ଡଃ ସନ୍ଦୀପ ଚାନ୍ଦ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ଭାରତର ବିଭିନ୍ନ ପ୍ରାନ୍ତରୁ କବି ମାନେ ଯୋଗ ଦେଇ ସାଫଲ୍ୟ ମଣ୍ଡିତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ତାନଶ୍ରୀ ପାଣିଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବର୍ତ୍ତମାନ ସୁଦ୍ଧା ଦିଆଗଲାଣି ୬ କୋଟି ୩ ଲକ୍ଷ ୯୬ ହଜାର ଡୋଜ୍ ଟିକା : ପରିବାର କଲ୍ୟାଣ ନିର୍ଦ୍ଦେଶକ

ଭୁବନେଶ୍ୱର ୨୨ ଫେବୃଆରୀ - ବର୍ତମାନ ସୁଦ୍ଧା ରାଜ୍ୟରେ ୬ କୋଟି ୩ ଲକ୍ଷ ୯୬ ହଜାର ଡୋଜ୍ ଦିଆ ସରିଲାଣି ବୋଲି ସୂଚନା ଦେଇଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ । ସେ କହିଛନ୍ତି ଯେ କେନ୍ଦ୍ର ଯାହା ଟାର୍ଗେଟ ଦେଇଥିଲା ସେଭିତରୁ ପ୍ରଥମ ଡୋଜ୍ ପାଇଛନ୍ତି ୯୫% । ଉଭୟ ପ୍ରଥମ ଓ ଦ୍ୱିତୀୟ ଡୋଜ ନେଇଛନ୍ତି ୮୦.୬% । ୧୫ରୁ ୧୭ବର୍ଷ ଟିକାକରଣ ଚାଲିଛି । ଯେତିକି ଟାର୍ଗେଟ ଥିଲା ସେଥିରୁ ୭୬% ଟିକା ନେଇସାରିଲେଣି । ଦ୍ୱିତୀୟ ଡୋଜ୍ ଲାଗି ଡ୍ୟୁ ହେଲେଣି ସେମାନଙ୍କ ଭିତରୁ ୫୫% ଟିକା ନେଇସାରିଲେଣି ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶ୍ରାଦ୍ଧବାର୍ଷିକ ପାଳିତ



ବାରିପଦା, ୨୨/୦୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ସଂଗଠନ ଓଡିଆ ଜାଗରଣ ମଞ୍ଚ, ବଳାଙ୍ଗୀ ମହୋତ୍ସବ କମିଟି ଓ ମୟୂରଭଞ୍ଜ ଲଭର୍ସ ଗ୍ରୁପ ଦ୍ୱାରା ବାରିପଦା ଠାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି । ସଂଗଠନର ସଦସ୍ୟ ଗଣ ସକାଳ ୭ ଘଟିକା ସମୟରେ ମହାରାଜାଙ୍କ ମଧୁବନ ରାଣୀବାଗ ସ୍ଥିତ ଐତିହାସିକ ସମାଧି ପୀଠରେ ମାଲ୍ୟାର୍ପଣ କରିବା ସହ ପ୍ରାତଃ ସ୍ମରଣୀୟ ମହାରାଜାଙ୍କ ଅନନ୍ୟ କୃତି ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରତିଶୃତି ପ୍ରତିଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ପଣ୍ଡିତ ଭାଗବତ ପଣ୍ଡା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ତଥା ଗବେଷକ ଡ. ବିଜୟ କୁମାର ଅଗ୍ରଓ୍ୱାଲା ଯୋଗ ଦେଇ ମହାରାଜାଙ୍କ ଭଳି ଜଣେ ଉଦାରପ୍ରାଣ ମହାପୁରୁଷଙ୍କ ଶ୍ରାଦ୍ଧ ଦିବସ ସରକାରୀ ସ୍ତରରେ ବିଧିବଦ୍ଧ ଭାବେ ପାଳନ କରାଯାଉ ନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ଓଡିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ବିଶିଷ୍ଟ ଶିକ୍ଷାବିତ ନରେନ୍ଦ୍ର ମୋହନ ସେନାପତି ପ୍ରମୁଖ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ମହାରାଜା ଶ୍ରୀରାମ ଚନ୍ଦ୍ରଙ୍କ ଅବର୍ଣ୍ଣନୀୟ ଭୂମିକା ସମ୍ପର୍କରେ ବିଶଦ ଆଲୋଚନା କରିବା ସହିତ ମହାରାଜାଙ୍କ ଆଦର୍ଶ ଦ୍ୱାରା ଯୁବ ପିଢି ପ୍ରେରିତ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉଦୟ କୁମାର ଜେନା, ଜ୍ଞାନ ରଞ୍ଜନ ତ୍ରିପାଠୀ, ସାମ୍ବାଦିକ ସୁକାନ୍ତ ଜୀଉ, ଦୀପକ କୁମାର ନାୟକ, ସଦଶ୍ୟ କୁମାରେଶ ନାୟକ, ପଦ୍ମନାଭ ମହାପାତ୍ର, ପୀତାମ୍ବର ମଲ୍ଲିକ, ରଞ୍ଜିତ ପଲେଇ, କିଶୋର କୁମାର ମହାନ୍ତି, ଜୟ ପ୍ରକାଶ ସିଂହ, ଦେବାଶିଷ ଜିତ ଓ ସଞ୍ଜୟ ନାଏକ ପ୍ରମୁଖ ଉପସ୍ଥିତ ରହି ମହାରାଜାଙ୍କ ସ୍ମୃତିଚାରଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo